ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 25/2025 | Page 14 | ₹ 7.00 | RAYAGADA
୫୧ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 150 | ମୂଲ୍ୟ ₹୭/-

# ପାକ୍‌ର ପାଲଟା ମାଡ଼

## ଶିମ୍‌ଲା ଚୁକ୍ତି ବାତିଲ

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୪

ପହଲଗାମ୍ ଆକ୍ରମଣରେ ଜର୍ଜରିତ ଭାରତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାର ଦିନକ ପରେ ଗୁରୁବାର ଇସ୍‌ଲାମାବାଦ 'ଯେସାକୁ ତେସା' ନୀତି ଆପଣାଇ ଶିମ୍‌ଲା ଚୁକ୍ତିକୁ ବାତିଲ କରିଦେଇଛି। ଶିମ୍‌ଲା ଚୁକ୍ତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି କଶ୍ମୀରରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ। ପାକିସ୍ତାନ ପଟୁ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ, ସୀମାପାର ଗୁଳିଗୋଳା ବର୍ଷଣ ଏବଂ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁନେଇ ଏଲ୍‌ଓସିରେ ଅନେକ ସମୟରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଥାଏ। ଶିମ୍‌ଲା ଚୁକ୍ତି ବାତିଲ ଫଳରେ ଏହା ଅଧୀନରେ ଏଲ୍‌ଓସିର ବୈଧତା ନ ରହିଲେ ଦୁଇଦେଶର ସେନା ମଧ୍ୟରେ ଶତ୍ରୁଭାବ ବୃଦ୍ଧି ପାଇବା ସହ ଆଞ୍ଚଳିକ ଅସ୍ଥିରତା ସୃଷ୍ଟିହେବ ବୋଲି ସୁରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୨)



### ଶିମ୍‌ଲା ଚୁକ୍ତି କ'ଣ

୧୯୭୧ ମୁକ୍ତି ଆନ୍ଦୋଳନରେ ଭାରତର ହସ୍ତକ୍ଷେପ ଯୋଗୁ ପଶ୍ଚିମ ପାକିସ୍ତାନରୁ ପୂର୍ବ ପାକିସ୍ତାନ ପୃଥକ୍ ହେବା ସହ ବାଂଲାଦେଶର ଗଠନ ହୋଇଥିଲା। ସେହି ସମୟରେ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ଓ କ୍ଷେତ୍ରୀୟ ସମ୍ପର୍କକୁ ପରିଭାଷିତ କରିବା ପାଇଁ ଶିମ୍‌ଲା ଶାନ୍ତି ଚୁକ୍ତି ଏକ ଆଧାରଶୀଳା ଥିଲା। ୧୯୭୨ ଜୁଲାଇ ୨ରେ ହିମାଚଳ ପ୍ରଦେଶ ରାଜଧାନୀ ଶିମ୍‌ଲାରେ ଦୁଇଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲୀ ଭୁଟ୍ଟୋ ଏଥିରେ ସ୍ୱାକ୍ଷର କରିଥିଲେ। ସେହିବର୍ଷ ଅଗଷ୍ଟ ୪ରେ ଏହା ଲାଗୁ ହୋଇଥିଲା। ଚୁକ୍ତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି କଶ୍ମୀରରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ। ଦୁଇଦେଶକୁ ବିଭାଜିତ କରିଥିବା ସୀମାରେଖାରୁ ସୈନ୍ୟ ଅପସାରଣ, ପରସ୍ପରର ଯୁଦ୍ଧବନ୍ଦୀଙ୍କୁ ପ୍ରତ୍ୟର୍ପଣ, ଭବିଷ୍ୟତରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ବିବାଦର ସମାଧାନ କରିବାକୁ ଏହି ଚୁକ୍ତିରେ ସହମତି ପ୍ରକାଶ ପାଇଥିଲା। ଶିମ୍‌ଲା ଚୁକ୍ତି ରଦ୍ଦ କରିବାର ତାତ୍ପର୍ଯ୍ୟ ହେଉଛି ଏଲ୍‌ଓସିର ବୈଧତା ଉପରେ ପ୍ରଶ୍ନବାଚୀ।

# ଲିଫ୍ଟରେ ଚାପିହୋଇ ରୋଗୀ ମୃତ

**ରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାକୁ ଆସିଥିଲେ ଭଲ ହେବା ପାଇଁ ହେଲେ ହସ୍ପିଟାଲର ଲିଫ୍ଟରେ ଚାପି ହୋଇ ଜଣେ ୪୫ବର୍ଷୀୟା ମହିଳାଙ୍କ ଜୀବନ ଚାଲିଯାଇଛି। ଗୁରୁବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ। ତାଲିମପ୍ରାପ୍ତ ଅପରେଟର ପରିବର୍ତ୍ତେ ଉକ୍ତ ଲିଫ୍ଟକୁ ସୁରକ୍ଷା କର୍ମୀ ଏବଂ ଡାକ୍ତରଖାନା ଫାଣ୍ଡି କର୍ମଚାରୀ ଚଳାଉଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ଓ ଦାୟିତ୍ୱହୀନତାରୁ ଅଘଟଣ ଘଟିଲା ବୋଲି ମୃତାଙ୍କ ପରିବାର, ସମ୍ପର୍କୀୟ ଏବଂ ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଥିସହ ମୃତ ମହିଳାଙ୍କ ପରିବାରକୁ ସହାୟତା ବାବଦରେ ୮ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।**

## ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଭଦ୍ରକ, ୨୪।୪ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଧିଆ ପଞ୍ଚାୟତ ନରସିଂହପୁର ଗ୍ରାମର ଅଭୟ ପରିଡ଼ାଙ୍କ ସ୍ତ୍ରୀ ମିନତି (୪୫)ଙ୍କ ଥଣ୍ଡା, ଜ୍ୱର ହୋଇଥିବାରୁ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ଦେଖାଇବା ପରେ ତାଙ୍କୁ ସାଲାଇନ ଦେବା ପାଇଁ ସକାଳ ୮ଟା୩୦ରେ ମେଡିସିନ ବିଭାଗର ଦ୍ୱିତୀୟ ମହଲାରେ ଥିବା ମହିଳା ୱାର୍ଡକୁ ଲିଫ୍ଟରେ ନେବା ପାଇଁ କୁହାଯାଇଥିଲା। ଲିଫ୍ଟ ଭିତରକୁ ଷ୍ଟ୍ରେଚର ଅଧା ଯାଇଥିବାବେଳେ ବାହାରେ ରୋଗୀଙ୍କ ସମ୍ପର୍କୀୟ ଥିଲେ। ସେହି ସମୟରେ ହଠାତ୍ ଲିଫ୍ଟ ଉପରକୁ ଉଠି ଯାଇଥିଲା। ଫଳରେ ମିନତିଙ୍କ ଛାତି ଲିଫ୍ଟରେ ଚାପିହୋଇ ଦୀର୍ଘ ସମୟ ରହିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲିଫ୍ଟ ଚଳାଇବା ପାଇଁ କୌଣସି ତାଲିମ୍‌ପ୍ରାପ୍ତ ଅପରେଟର ସେଠାରେ ନ ଥିବାବେଳେ ସିକ୍ୟୁରିଟି ଗାର୍ଡ ଓ ମେଡିକାଲ ଫାଣ୍ଡିର କର୍ମଚାରୀ ଲିଫ୍ଟ ଭିତରକୁ ଷ୍ଟ୍ରେଚର ନେଉଥିବା ମିନତିଙ୍କ ପୁଅ ରାଜେଶ କହିଛନ୍ତି। ଲିଫ୍ଟରେ ତାଙ୍କ ମା' ଚାପି ହୋଇଥିବାବେଳେ ସିକ୍ୟୁରିଟି ଗାର୍ଡ ଓ ଫାଣ୍ଡି କର୍ମଚାରୀ ଉଦ୍ଧାର କରିବା ପରିବର୍ତ୍ତେ ଛାଡ଼ିଦେଇ ଦୌଡ଼ି ପଳାଇ ଯାଇଥିଲେ ବୋଲି ସେ କହିଛନ୍ତି। ତାଲିମପ୍ରାପ୍ତ ଲିଫ୍ଟ ଅପରେଟର ନ ଥିବାରୁ ଦୁର୍ଘଟଣା ସମୟରେ ଲିଫ୍ଟକୁ ତୁରନ୍ତ ଶଟ୍‌ଡାଉନ କରାଯାଇପାରି ନ ଥିଲା। ସେହିପରି ଏହି ସମୟରେ ମେଡିକାଲରେ ନିୟୋଜିତ ଇଲେକ୍ଟ୍ରିସିଆନ ମଧ୍ୟ ଉପସ୍ଥିତ ନ ଥିବା ଜଣାପଡ଼ିଥିଲା। ଏହି ଦୁଃଖଦ ଘଟଣା ପରେ ମିନତିଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଥିଲେ। ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପହଞ୍ଚି ମୃତା ମିନତିଙ୍କ ପରିବାରକୁ ସମବେଦନା ଜଣାଇବା ସହ ବୁଝାଶୁଝା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶିପ୍ରଦାନ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ମୃତାଙ୍କ ସ୍ୱାମୀ ଅଭୟଙ୍କ ଅଭିଯୋଗକୁ ଆଧାର କରି ଟାଉନ ଥାନାରେ ଏକ ମାମଲା (୨୪୮/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଛନ୍ତି, ହଠାତ୍ ସେନ୍ସର ଖରାପ ହୋଇଯିବା ଯୋଗୁ ଲିଫ୍ଟଟି ଆପେ ଉଠିଯାଇ ଏପରି ଦୁର୍ଘଟଣା ଘଟିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏହି ଘଟଣାକୁନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ଦିନରେ ଏମିତି ଘଟଣା ନ ଘଟିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭଦ୍ରକ ବିଧାୟକ ମହାପାତ୍ର କହିଛନ୍ତି।



ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ପୃ-୫

**ଆଜିର ସମ୍ପାଦକୀୟ** ବାଣିଜ୍ୟ ବ୍ୟବସ୍ଥାର ପୁନର୍ଗଠନ ଲୋଡ଼ା

ନୌସେନାରେ ଅଗ୍ନିବୀର ପଦବୀ ନିଯୁକ୍ତିରେ ଦୁର୍ନୀତି ପୃ-୧୧

SIKSHA 'O' ANUSANDHAN
SAAT-2025
Empowering students for a brighter future
NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in



## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହା, ଜୟଶଙ୍କର

ନୂଆଦିଲ୍ଲୀ,୨୪।୪

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ସନ୍ଧ୍ୟା ୬ଟାରେ ସର୍ବଦଳୀୟ ବୈଠକ ବସିବା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଅବଗତ କରାଇଛନ୍ତି। ପହଲଗାମ୍ ଆକ୍ରମଣ ସମ୍ପର୍କରେ ଆଲୋଚନା ପାଇଁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଥିଲେ। ପହଲଗାମ୍ ଆକ୍ରମଣକୁ ଅଲ୍ ଇଣ୍ଡିଆ ସୁଫି ସଜ୍ଜାଦନାଶିନ୍ କାଉନ୍ସିଲ୍ର ଅଧ୍ୟକ୍ଷ ସୟେଦ ନସେରୁଦ୍ଦିନ୍ ଚିସ୍ତି ଦୃଢ଼ ନିନ୍ଦା କରିଛନ୍ତି। ଇସ୍ଲାମରେ ଏଭଳି ଆକ୍ରମଣର କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି।

### ଆତଙ୍କବାଦୀଙ୍କ ଗୁଳିରେ ଯବାନ ମୃତ

ଜମ୍ମୁ,୨୪।୪

ଜମ୍ମୁ-କଶ୍ମୀରର ଉଧମପୁର ଜିଲା ଅନ୍ତର୍ଗତ ଡୁଡୁ-ବସନ୍ତଗର୍ଗରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସେନା ଯବାନ ନିହତ ହୋଇଛନ୍ତି। ମୃତ ଯବାନ ଜଣକ ସେନା ସ୍ୱତନ୍ତ୍ର ପାରା ୟୁନିଟ୍ର ହାବିଲଦାର ଝଣ୍ଟୁ ଅଲି ଶେଖ୍ ବୋଲି ଜଣାପଡ଼ିଛି। ଟିମ୍ ଭିତରେ ତାଙ୍କ ଅଦମ୍ୟ ସାହସ ଓ ବୀରତା ସବୁଦିନ ପାଇଁ ମନେରହିବ ବୋଲି ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଏହା ଥିଲା ତୃତୀୟ ଏନ୍କାଉଣ୍ଟର। ଡୁଡି ବସନ୍ତଗଡ ଗ୍ରାମରେ ଆତଙ୍କବାଦୀ ଲୁଚିରହିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ଓ ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀ ଗୁଳି ଚଳାଇବାରୁ ଯବାନମାନେ ତା'ର ଜବାବ ଦେଇଥିଲେ।

### ପାକ୍ ସରକାରଙ୍କ ଏକ୍ସ ଆକାଉଣ୍ଟକୁ ବ୍ଲକ୍ କଲା ଭାରତ

ନୂଆଦିଲ୍ଲୀ,୨୪।୪

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସରକାରଙ୍କ ଏକ୍ସ ଆକାଉଣ୍ଟକୁ ଭାରତ ବ୍ଲକ୍ କରିଛି। ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତ ଅଟାରି ସୀମାକୁ ବନ୍ଦ କରିବା ସହ ବରିଷ୍ଠ ପାକିସ୍ତାନୀ କୂଟନୀତିଜ୍ଞମାନଙ୍କୁ ବହିଷ୍କାର ଏବଂ ସିନ୍ଧୁ ନଦୀଜଳ ଚୁକ୍ତି ସ୍ଥଗିତ ରଖିବାକୁ ଘୋଷଣା କରିଥିବାବେଳେ ଏବେ ପାକିସ୍ତାନର ସରକାରୀ ଏକ୍ସ ଆକାଉଣ୍ଟକୁ ସ୍ଥଗିତ ରଖାଯାଇଛି। ମେ' ୧ରୁ ପାକ୍ ଉଚ୍ଚାୟୁକ୍ତର କର୍ମଚାରୀ ସଂଖ୍ୟା ୫୫ରୁ ୩୦କୁ ହ୍ରାସ କରିବାକୁ ନୂଆଦିଲ୍ଲୀ ନିର୍ଦ୍ଦେଶ ଦେଇଥିବାବେଳେ ସେଠାରୁ ପାକିସ୍ତାନର ୩ ସେନାର ସାମରିକ ଉପଦେଷ୍ଟାମାନଙ୍କୁ ଫେରିଯିବା ପାଇଁ କୁହାଯାଇଛି।

### ପିଓକେରେ ଆତଙ୍କବାଦୀଙ୍କୁ ଭେଟିଥିଲେ ହମାସ୍ ନେତା

ନୂଆଦିଲ୍ଲୀ,୨୪।୪

ପହଲଗାମ୍ ଆକ୍ରମଣକୁ ଭାରତରେ ଇସ୍ରାଏଲ୍ର ରାଷ୍ଟ୍ରଦୂତ ଥିବା ରେଉଭେନ୍ ଅଜାର ୨୦୨୩ ଅକ୍ଟୋବର ୭ର ହମାସ୍ ଆକ୍ରମଣ ସହ ତୁଳନା କରିଛନ୍ତି। ଆତଙ୍କବାଦୀ ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ବଢୁଥିବା ସହ ସେମାନେ ପରସ୍ପରର ଆକ୍ରମଣ ଷ୍ଟାଇଲ୍କୁ ନକଲ କରୁଛନ୍ତି। ହମାସ୍ ନେତାମାନେ ନିକଟରେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଆସି ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କ ସହ ଅନ୍ୟମାନଙ୍କୁ ଭେଟିଥିବାରୁ ସେମାନଙ୍କ ମଧ୍ୟରେ ସମନ୍ୱୟ ରହିଥିବା ଜଣାପଡୁଛି।



ରାଜସ୍ଥାନର ଜୟପୁର: ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ନୀରଜ ଉଧ୍ୱାନିଙ୍କ ଶେଷକୃତ୍ୟ ବେଳେ ସ୍ତ୍ରୀ ଆୟୁଷୀ ଓ ପରିବାରର ଅନ୍ୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ଆତଙ୍କବାଦୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦେବୁ: ମୋଦି

ମଧୁବନି,୨୪।୪

ପହଲଗାମ୍ ଆକ୍ରମଣ ପାଇଁ ଦାୟୀ ପ୍ରତ୍ୟେକ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ କରାଯାଇ ଠାବ କରାଯିବା ସହ ସେମାନଙ୍କୁ ଏଭଳି ଦଣ୍ଡ ଦିଆଯିବ, ଯାହା ସେମାନେ କେବେ କଳ୍ପନା କରି ନ ଥିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କଡ଼ା ବାର୍ତ୍ତା ଦେଇଛନ୍ତି। ପହଲଗାମ୍ରେ ଘାତକ ଆକ୍ରମଣ ଘଟଣା ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ବିହାରର ମଧୁବନିରେ ଏକ ସଭାକୁ ସମ୍ବୋଧନ କରି ଏହା କହିଛନ୍ତି। ଆତଙ୍କବାଦୀଙ୍କୁ ଦଣ୍ଡ ଦେବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି ଏବଂ ସାରା ଦେଶ ଏହି ସଂକଳ୍ପ ସହ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। କଶ୍ମୀର ଆକ୍ରମଣ ସମ୍ପର୍କରେ ମୋଦି ହିନ୍ଦୀରେ କହୁଥିବାବେଳେ ହଠାତ୍ ଇଂଲିଶ୍ରେ ଘୋଷଣା କରିଥିଲେ, ଆଜି ମୁଁ ବିହାର ମାଟିରୁ ସାରା ବିଶ୍ୱକୁ ଏହା କହୁଛି, ଭାରତ ପ୍ରତ୍ୟେକ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଖୋଜି ବାହାର କରିବ ଏବଂ ଦଣ୍ଡ ଦେବ।



ନରେନ୍ଦ୍ର ମୋଦି


ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଆମେ ପୃଥିବୀର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ଯିବୁ। ଆତଙ୍କବାଦ ଦ୍ୱାରା ଭାରତର ଆତ୍ମା କଦାପି ଭାଙ୍ଗିଯିବ ନାହିଁ। ଆତଙ୍କବାଦୀଙ୍କୁ ଦଣ୍ଡିତ ନ କରି ଛାଡ଼ିବୁ ନାହିଁ। ନ୍ୟାୟ ପ୍ରଦାନ ଲାଗି ସବୁ ଉଦ୍ୟମ କରିବୁ' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସବୁବେଳେ ହିନ୍ଦୀରେ ଭାଷଣ ଦେଉଥିବା ପ୍ରଧାନମନ୍ତ୍ରୀଙ୍କ ବିରଳ ଇଂଲିଶ ଭାଷଣ ଭାରତୀୟଙ୍କ ପାଇଁ ନୁହେଁ ବରଂ ସାରା ବିଶ୍ୱ ପାଇଁ ଏକ ସ୍ପଷ୍ଟ ବାର୍ତ୍ତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି।

# ଶିମ୍ଲା ଚୁକ୍ତି ବାତିଲ କଲା ପାକିସ୍ତାନ

ନୂଆଦିଲ୍ଲୀ/ଇସ୍ଲାମାବାଦ,୨୪।୪

ପହଲଗାମ୍ ଆକ୍ରମଣରେ ଜର୍ଜରିତ ଭାରତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାର ଦିନକ ପରେ ଇସ୍ଲାମାବାଦ 'ଯେସାକୁ ତେସା' ନୀତି ଆପଣାଇ ଶିମ୍ଲା ଚୁକ୍ତିକୁ ବାତିଲ କରିଦେଇଛି। ପାକିସ୍ତାନ ଭାରତ ସହ ରହିଥିବା ଅନେକ ଦ୍ୱିପାକ୍ଷିକ ଚୁକ୍ତିକୁ ଗୁରୁବାର ରଦ୍ଦ କରିବା ସହିତ ବାୟୁସୀମା ଓ ବାଣିଜ୍ୟିକ କାରବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଇସ୍ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରତିରକ୍ଷା/ସାମରିକ ପରାମର୍ଶଦାତାଙ୍କୁ ଅବାଞ୍ଛିତ ବ୍ୟକ୍ତି ରୂପେ ଘୋଷଣା କରି ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ଙ୍କ ଅଧ୍ୟକ୍ଷତାରେ ଘଣ୍ଟାଏ ଧରି ଚାଲିଥିବା ଜାତୀୟ ସୁରକ୍ଷା କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ଜମ୍ମୁ-କଶ୍ମୀରର ପହଲଗାମ୍ସ୍ଥିତ ବୈସରନ୍ରେ ମଙ୍ଗଳବାର ପାକିସ୍ତାନୀ ଆତଙ୍କବାଦୀମାନେ ୨୫ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିବାବେଳେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ



ଶେହବାଜ୍ ଶରିଫ୍

ବୈଠକରେ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ବାତିଲ, ଅଟ୍ଟାରୀ-ୱାଘା ସୀମାସ୍ଥିତ ଇଣ୍ଟିଗ୍ରେଟେଡ୍ ଚେକ୍ପୋଷ୍ଟକୁ ତତ୍କାଳ ବନ୍ଦ ଏବଂ ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ସହ ସେମାନଙ୍କୁ ୪୮ ଘଣ୍ଟା ଭିତରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ଉଚ୍ଚାୟୁକ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କ ସଂଖ୍ୟା ୫୫ରୁ ୩୦କୁ ହ୍ରାସ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଭାରତକୁ ଆଇନା ଦେଖାଇବା ପାଇଁ ଗୁରୁବାର ଇସ୍ଲାମାବାଦରେ ନ୍ୟାଶନାଲ ସିକ୍ୟୁରିଟି କମିଟି (ଏନ୍ଏସ୍ସି) ବୈଠକ ଡାକିଥିଲେ। ଉକ୍ତ ବୈଠକରେ ୩ ସେନା ମୁଖ୍ୟ ଓ କେତେଜଣ ବରିଷ୍ଠ ମନ୍ତ୍ରୀ ଯୋଗଦେଇଥିଲେ। ବୈଠକ ପରେ ଜାରି ଏକ ବିବୃତିରେ ଭାରତର ପଦକ୍ଷେପକୁ 'ଯୁଦ୍ଧ କାର୍ଯ୍ୟ' କହି ନିନ୍ଦା କରାଯାଇଛି। ଏଥିରେ କୁହାଯାଇଛି ଯେ, ପାକିସ୍ତାନର ସାର୍ବଭୌମତ୍ୱ ଓ ଲୋକଙ୍କ

- ଭାରତ ପାଇଁ ବାୟୁସୀମା ବନ୍ଦ
- ହେବନାହିଁ ବାଣିଜ୍ୟିକ କାରବାର
- ସାର୍କ ଭିଜା ତତ୍କାଳ ରଦ୍ଦ

ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ କୌଣସି ପ୍ରକାର ପଦକ୍ଷେପର ସମାନ ଜବାବ ଦିଆଯିବ। ଭାରତ ପାକିସ୍ତାନ ଉପରେ ଦୋଷ ଲଦିବା ବନ୍ଦ କରୁ। ପହଲଗାମ୍ ଭଳି ଘଟଣାରୁ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ଛାଡୁ। ଭାରତର ଏଭଳି କୌଶଳ ଶାନ୍ତି ଓ ଆଞ୍ଚଳିକ ସ୍ଥିରତା ପଥରେ ପ୍ରତିବନ୍ଧକ ସାଜିବ। ବୈଠକରେ ୧୯୭୨ ଜୁଲାଇ ୨ରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ଶିମ୍ଲା ଶାନ୍ତି ଚୁକ୍ତିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୱାଘା ସୀମାକୁ ବନ୍ଦ କରିବା ଏବଂ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ପାଇଁ ପାକିସ୍ତାନୀ ବାୟୁସୀମାକୁ ବନ୍ଦ କରିଦିଆଯାଇଛି। ସାର୍କ ଭିଜା ଏକ୍ଜେମ୍ପଶନ୍ ସ୍କିମ୍ (ଶିଖଙ୍କ ବ୍ୟତୀତ) ଭାରତୀୟଙ୍କ ପାଇଁ ବାତିଲ କରାଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ସମସ୍ତ ପ୍ରକାର ବାଣିଜ୍ୟିକ କାରବାର ବନ୍ଦ ନିଷ୍ପତ୍ତି ହୋଇଛି। ଏପରି କି କୌଣସି ତୃତୀୟ ରାଷ୍ଟ୍ର ଦେଇ ମଧ୍ୟ ଏହି କାରବାର ହେବ ନାହିଁ ବୋଲି ଇସ୍ଲାମାବାଦ କହିଛି। ସେହିପରି ସିନ୍ଧୁ ଜଳ ଚୁକ୍ତି ବାତିଲ ନେଇ ଭାରତର ନିଷ୍ପତ୍ତିକୁ ପାକିସ୍ତାନ ପ୍ରତ୍ୟାଖ୍ୟାନ କରିବା ସହ ଏହି ଜଳକୁ ୨୪୦ ନିୟୁତ ପାକିସ୍ତାନୀଙ୍କ ଜୀବନରେଖା ବୋଲି କହିଛି। ଭାରତ ପକ୍ଷରୁ ପାଣି ରୋକାଯିବା ପାଇଁ ଉଦ୍ୟମ ହେଲେ ତାକୁ 'ଯୁଦ୍ଧ କାର୍ଯ୍ୟ' ରୂପେ ବିବେଚନା କରାଯିବ ବୋଲି ବିବୃତିରେ କୁହାଯାଇଛି। ଭାରତୀୟ ଉଚ୍ଚାୟୁକ୍ତରେ ଥିବା ସାମରିକ ପରାମର୍ଶଦାତାମାନଙ୍କୁ ଏପ୍ରିଲ ୩୦ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତକୁ ଏଭଳି ଜବାବ ଦେବା ବ୍ୟତୀତ ଇସ୍ଲାମାବାଦ ନିକଟରେ ଅନ୍ୟ କୌଣସି ବିକଳ୍ପ ନ ଥିଲା ବୋଲି ବିବୃତିରେ କୁହାଯାଇଛି।

## ସୁରକ୍ଷା ତ୍ରୁଟିକୁ ଦାୟୀ କଲେ ନେତା

### ସର୍ବଦଳୀୟ ବୈଠକ: ଆତଙ୍କବାଦୀଙ୍କ ଶିବିର ଧ୍ୱଂସ ପାଇଁ ଦାବି

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପେକ୍ଷୀରେ ବୁଧବାର କେନ୍ଦ୍ର ସରକାର ପାକିସ୍ତାନ ବିରୋଧରେ ୫ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏ ସମ୍ପର୍କରେ ସବୁ ଦଳର ନେତାମାନଙ୍କୁ ଅବଗତ କରାଇବା ପାଇଁ ଗୁରୁବାର ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଛନ୍ତି। ଉକ୍ତ ବୈଠକରେ ପ୍ରଥମେ ୨୬ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ସବୁ ଦଳର ଏମ୍ପିମାନେ ସୁରକ୍ଷାରେ ତ୍ରୁଟି ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଥିସହ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଦାବି କରିଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନରେ ସରକାରଙ୍କ ନିଷ୍ପତ୍ତି ସହ ଏକମତ ଥିବା ବିରୋଧୀ ଏମ୍ପିମାନେ କହିଛନ୍ତି। ରାଜନାଥଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପ୍ରମୁଖ ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିଲେ। ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା, ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏନ୍ସିପି-ଏସ୍ପିର ସୁପ୍ରିୟା ସୁଲେ, ଏନ୍ସିପିର ପ୍ରଫୁଲ୍ଲ ପଟେଲ, ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓ୍ୱାଇସି, ବିଜେଡିର ସସ୍ମିତ ପାତ୍ର, ଟିଡିପିର ଲଭୁ ଶ୍ରୀକ୍ରିଷ୍ଣା, ଶିବସେନାର ଶ୍ରୀକାନ୍ତ ଶିନ୍ଦେ, ଆପ୍ର ସଞ୍ଜୟ ସିଂ, ଟିଏମ୍ସିର ସୁଦୀପ ବନ୍ଦୋପାଧ୍ୟାୟ, ଆର୍ଜେଡିର ପ୍ରେମଚନ୍ଦ ଗୁପ୍ତା, ଡିଏମ୍କେର ଟି. ଶିବା ଏବଂ ସମାଜବାଦୀ ପାର୍ଟି ଏମ୍ପି ରାମଗୋପାଳ ଯାଦବ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଆତଙ୍କବାଦୀ ଆକ୍ରମଣ ପରେ ସର୍ବଦଳୀୟ ବୈଠକ ଡାକିବାକୁ ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ।

### ପରିବାରକୁ ଭେଟିବାକୁ ତହଉରଙ୍କୁ ଅନୁମତି ଦେଲେନି କୋର୍ଟ

ନୂଆଦିଲ୍ଲୀ, ୨୪।୪ (ପି.ଟି.)

୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହଉର ରଣାଙ୍କୁ ପରିବାର ସହ ଭେଟିବାକୁ ଅନୁମତି ମିଳିନାହିଁ। ଏନେଇ ତହଉରଙ୍କ ଆବେଦନକୁ ଗୁରୁବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଖାରଜ କରିଦେଇଛନ୍ତି। ଶୁଣାଣି ସମୟରେ ପରିବାର ସହ କଥା ହେବା ନେଇ ତହଉରଙ୍କ ଆବେଦନକୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ବିରୋଧ କରିଥିଲା। ୨୬/୧୧ ମୁମ୍ବାଇ ଆକ୍ରମଣ ମାମଲାର ତଦନ୍ତ ଅତ୍ୟନ୍ତ ସମ୍ବେଦନଶୀଳ ପର୍ଯ୍ୟାୟରେ ରହିଛି। ତେଣୁ ତହଉର ନିଜ ପରିବାର ସହ ଭେଟ ହେଲେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଲିକ୍ ହୋଇପାରେ ବୋଲି ଏନ୍ଆଇଏ ଆଶଙ୍କା କରିଥିଲା। ଏନ୍ଆଇଏରେ ଏହି ଯୁକ୍ତି ସହ ସ୍ୱତନ୍ତ୍ର ବିଚାରପତି ଚାନ୍ଦର ଜିତ୍ ସିଂ ସହମତି ପ୍ରକାଶ କରି ତହଉରଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

### ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ମନ୍ତବ୍ୟ ଦେଇ ଆସାମ ବିଧାୟକ ଗିରଫ

ଗୁଆହାଟୀ,୨୪।୪

ପୁଲଓ୍ୱାମା ଏବଂ ପହଲଗାମ୍ରେ ଆତଙ୍କବାଦୀ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ରହିଥିବା ମନ୍ତବ୍ୟ ଦେଇ ଆସାମର ଏଆଇୟୁଡିଏଫ୍ ବିଧାୟକ ଅମିନୁଲ ଇସ୍ଲାମ ଗିରଫ ହୋଇଛନ୍ତି। ୨୦୧୯ ଫେବୃଆରୀରେ ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ୪୬ ସିଆର୍ପିଏଫ୍ ଯବାନଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପହଲଗାମ୍ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ଉଭୟ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ଥିବା ଅମିନୁଲ କହିଥିଲେ। ଉକ୍ତ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆସାମ ପୋଲିସ ନିଜଆଡ଼ୁ ମାମଲା ରୁଜୁ କରିବା ସହ ବିଧାୟକଙ୍କ ବିଭ୍ରାନ୍ତିକର ଏବଂ ଉସୁକାଇବା ଭଳି ମନ୍ତବ୍ୟ ପାଇଁ ତାଙ୍କୁ ଗିରଫ କରିଛି।



ଅମିନୁଲ ଇସ୍ଲାମ

### ସୀମା ଅତିକ୍ରମ କରିଥିବା ବିଏସ୍ଏଫ୍ ଯବାନ ପାକିସ୍ତାନରେ ଅଟକ

ନୂଆଦିଲ୍ଲୀ,୨୪।୪

ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଜଣେ ଯବାନ ଭୁଲ୍ବଶତଃ ପଞ୍ଜାବ ସୀମା ଅତିକ୍ରମ କରିବାରୁ ପାକିସ୍ତାନ ରେଞ୍ଜରମାନେ ତାଙ୍କୁ ଅଟକ ରଖିଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ଲାଗି ଉଭୟ ବଳ ମଧ୍ୟରେ ଆଲୋଚନା ଚାଲିଛି। ବୁଧବାର ୧୮୨ ବାଟାଲିୟନ୍ର କନ୍ଷ୍ଟେବଲ ପି.କେ. ସିଂଙ୍କୁ ଫିରୋଜପୁର ସୀମା ଆରପଟୁ ପାକିସ୍ତାନ ରେଞ୍ଜର୍ସ ଧରିନେଇଥିଲେ। ଯବାନ ଜଣକ ପୋଷାକରେ ଥିବା ସହ ତାଙ୍କ ପାଖରେ ସର୍ଭିସ୍ ରାଇଫଲ ଥିଲା। ତାଙ୍କ ମୁକ୍ତି ପାଇଁ ଉଭୟ ପକ୍ଷର ଫ୍ଲାଗ୍ ମିଟିଂ ଚାଲିଛି। ଏଭଳି ଘଟଣା ଅସାଧାରଣ ନୁହେଁ। ଯବାନ ଭୁଲ୍କ୍ରମେ ସୀମା ଅତିକ୍ରମ କରିବା ଘଟଣା ପୂର୍ବରୁ ଅନେକ ଥର ଘଟିଛି। ପହଲଗାମ ଆକ୍ରମଣକୁ ନେଇ କରିଥିବାରୁ ୨ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

### ଚାଇନାରୁ ଇସ୍ପାତ ଆମଦାନୀ ଉପରେ ୧୨% ଟାରିଫ୍ ଲଗାଇଲା ଭାରତ

ନୂଆଦିଲ୍ଲୀ,୨୪।୪

ଚାଇନାରୁ ଇସ୍ପାତ ଆମଦାନୀ ବଢୁଥିବାରୁ ଏହା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କେନ୍ଦ୍ର ସରକାର ସାମୟିକ ଭାବେ ୧୨ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ହୋଇଥିବାବେଳେ କିଛି ବର୍ଷ ହେଲା ଚାଇନା ଇସ୍ପାତ ଭାରତୀୟ ବଜାରରେ ଭର୍ତ୍ତି ହୋଇଗଲାଣି। ଫଳରେ ଭାରତୀୟ ଇସ୍ପାତ ଶିଳ୍ପଗୁଡ଼ିକ ଉତ୍ପାଦନ କମାଇ ସହ ନିଯୁକ୍ତି ହ୍ରାସ କରିବାକୁ ଚିନ୍ତା କରୁଛନ୍ତି। ସ୍ଥାନୀୟ ଶିଳ୍ପଗୁଡ଼ିକର ସୁରକ୍ଷା ପାଇଁ ଆମଦାନୀ ହ୍ରାସ କରିବା ଦିଗରେ ଅନ୍ୟ ଦେଶ ଭଳି ଭାରତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଚାର କରୁଛି। ଗତ ସୋମବାରଠାରୁ ଏହି ଟାରିଫ୍ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଟାରିଫ୍ ଲଗାଇଥିବାବେଳେ ଚାଇନା ସହ ଏହାର ବାଣିଜ୍ୟ ଯୁଦ୍ଧ ତୀବ୍ର ହୋଇଛି। ଏଭଳି ସମୟରେ ନୂଆଦିଲ୍ଲୀ ପ୍ରଥମ ଥର ପାଇଁ ବାଣିଜ୍ୟ ନୀତିରେ ବଡ଼ ପରିବର୍ତ୍ତନ କରିଛି।

## କିଭ୍ରେ ରୁଷିଆର ମିଶାଇଲ ମାଡ଼, ୯ ମୃତ

କିଭ୍, ୨୪।୪

ୟୁକ୍ରେନ୍ର ରାଜଧାନୀ କିଭ୍ରେ ଗୁରୁବାର ରୁଷିଆ ପକ୍ଷରୁ ଅନେକ ଘଣ୍ଟା ଧରି ମିଶାଇଲ ଏବଂ ଡ୍ରୋନ୍ ମାଡ଼ କରାଯାଇଥିଲା। ରୁଷିଆର ଏହି ଆକ୍ରମଣରେ କିଭ୍ରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବିରତି ପାଇଁ ପ୍ରୟାସ କରାଯାଉଥିବା ବେଳେ ରୁଷିଆ ପକ୍ଷରୁ ଏହି ଆକ୍ରମଣ କରାଯାଇଛି। ଗତ ଜୁଲାଇ ପରଠାରୁ ଏହା କିଭ୍ରେ ରୁଷିଆର ସବୁଠାରୁ ଭୟଙ୍କର ଆକ୍ରମଣ ହୋଇଥିବା ସ୍ଥାନୀୟ ପ୍ରଶାସନ କହିଛି। ଗୁରୁବାର କିଭ୍ ସମେତ ୟୁକ୍ରେନ୍ର ୪ଟି ଅଞ୍ଚଳରେ ରୁଷିଆ ପକ୍ଷରୁ ୬୬ଟି ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଶାଇଲ ଏବଂ ୧୪୫ଟି ଡ୍ରୋନ୍ ମାଡ଼ କରାଯାଇଥିବା ୟୁକ୍ରେନୀୟ ବାୟୁସେନା କହିଛି। ଏହି ଆକ୍ରମଣରେ ମୃତକଙ୍କ ପାଇଁ ଶୁକ୍ରବାର ୟୁକ୍ରେନ୍ ରାଜଧାନୀରେ ଶୋକ ଦିବସ ପାଳନ କରାଯିବ ବୋଲି କିଭ୍ ମେୟର ଭିଟାଲି କ୍ଲିଟ୍ସକୋ ଘୋଷଣା କରିଛନ୍ତି। ତେବେ ଏହି ଆକ୍ରମଣ ସମ୍ପର୍କରେ ସୂଚନା ମିଳିବା ପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍ସ୍କୀ ନିଜ ଦକ୍ଷିଣ ଆଫ୍ରିକା ଗସ୍ତକୁ କାଟ୍ଛାଟ କରି ୟୁକ୍ରେନ୍ ଫେରୁଥିବା କହିଛନ୍ତି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନାର ଭବିଷ୍ୟତ ମସ୍କୋ ଉପରେ ନିର୍ଭର କରୁଛି ବୋଲି ସେ ଦକ୍ଷିଣ ଆଫ୍ରିକାରେ କହିଛନ୍ତି।



ରୁଷିଆର ମିଶାଇଲ ଆକ୍ରମଣରେ କିଭ୍ରେ କାର୍ଗୁଡ଼ିକ ଜଳିଯାଇଛି।

### ଆରବ ସାଗରରେ କ୍ଷେପଣାସ୍ତ୍ର ପରୀକ୍ଷା କଲା ନୌସେନା

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାର ୨ ଦିନ ପରେ ଭାରତୀୟ ନୌସେନା ଗୁରୁବାର ଆରବ ସାଗରରେ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଛି। ନୌସେନାର ଗାଇଡେଡ୍-ମିଶାଇଲ୍ ଡେଷ୍ଟ୍ରୟର ଆଇଏନ୍ଏସ୍ ସୁରଟରୁ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ଇସ୍ରାଏଲ୍ ସହ ମିଳିତ ଭାବେ ବିକଶିତ କରାଯାଇଥିବା ଏହି ମିଶାଇଲ୍ର ଲକ୍ଷ୍ୟଭେଦ କ୍ଷମତା ୭୦ କିଲୋମିଟର। ଆରବ ସାଗର ଉପରେ ନିମ୍ନଭାଗରେ ରହିଥିବା ଏକ ବସ୍ତୁକୁ ଟାର୍ଗେଟ କରାଯାଇ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ୭୫ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍ଏସ୍ ସୁରଟକୁ ୨୦୨୫ ଜାନୁଆରୀରେ ନୌସେନାରେ ସାମିଲ କରାଯାଇଥିଲା।

## ଫଓ୍ୱାଦ ଖାନ୍ଙ୍କ ଫିଲ୍ମ ରିଲିଜ୍ ଉପରେ ରୋକ୍

**ମୁମ୍ବାଇ:** ପାକିସ୍ତାନୀ ଅଭିନେତା ଫଓ୍ୱାଦ ଖାନ୍ଙ୍କ ହିନ୍ଦୀ ଫିଲ୍ମ 'ଅବିର ଗୁଲାଲ' ଭାରତରେ ରିଲିଜ୍ ହେବ ନାହିଁ। ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲ୍ଗାମ୍ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ଫଓ୍ୱାଦଙ୍କ ଅଭିନୀତ ଏହି ଫିଲ୍ମର ରିଲିଜ୍ ଉପରେ ରୋକ୍ ଲଗାଯାଇଥିବା ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପହଲ୍ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ଜାତୀୟ ସୁରକ୍ଷା ଏବଂ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି 'ଅବିର ଗୁଲାଲ' ଫିଲ୍ମକୁ ଭାରତରେ ରିଲିଜ୍ ନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆରତି ଏସ୍ ବାଗଡ଼ିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ମେ' ୯ରେ ରିଲିଜ୍ ହେବାର ଥିଲା। ଫିଲ୍ମରେ ଫଓ୍ୱାଦଙ୍କ ବିପକ୍ଷରେ ଅଭିନେତ୍ରୀ ବାଣୀ କପୁର ଅଭିନୟ କରିଥିଲେ। ତେବେ ବୁଧବାର ଫଓ୍ୱାଦ ଏକ ଇନ୍ଷ୍ଟାଗ୍ରାମ ଷ୍ଟୋରି ଶେୟାର କରି ପହଲ୍ଗାମ୍ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ପରିବାର ପ୍ରତି ସେ ସମବେଦନା ବ୍ୟକ୍ତ କରିଛନ୍ତି।



ଫଓ୍ୱାଦ ଖାନ୍ଙ୍କ ସହ ବାଣୀ କପୁର।



ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ବିଭାଗୀୟ ପ୍ରଫେସର ଓ ଛାତ୍ରୀଛାତ୍ରମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

# 'ଛାତ୍ର ଜୀବନରୁ ପରିବେଶ ସୁରକ୍ଷା ଜରୁରୀ'

## ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର,୨୪।୪
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରୁଛି। ଏନେଇ ୩ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମରୁ ଏହି ଉତ୍ସବ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ଦିଗରେ ଛାତ୍ରସମାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଆଦ୍ୟାଶା କହିଥିଲେ। ବାର୍ଷିକ ଉତ୍ସବକୁ ନାଚଗୀତରେ ସୀମିତ ନ ରଖି ପୃଥିବୀର ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଛାତ୍ରଜୀବନରୁ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବିଦ୍ୟାର୍ଥୀ ସଚେତନ ରହିଲେ ସାରାଜୀବନ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବେ। ଗଛକଟାକୁ ବିରୋଧ ଏବଂ ଗଛ ବଞ୍ଚାଇ ରଖିବାକୁ ପ୍ରୟାସ ବର୍ତ୍ତମାନ ସମୟରେ କେତେ ଜରୁରୀ ତାହା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ବୋଲି ଆଦ୍ୟାଶା କହିଥିଲେ। ଏହି ଅବସରରେ ବିଭାଗ ଉପବନରେ ୬୦ଟି ବିଭିନ୍ନ ଫୁଲ ଓ ଫଳଗଛର ଚାରା ଲଗାଯାଇଥିଲା। ବିଭାଗର ମୁଖ୍ୟ ଡ. ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଡ. ସ୍ୱାଇଁ କହିଛନ୍ତି, ବିଭାଗର ରୌପ୍ୟଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ପଶୁପକ୍ଷୀଙ୍କୁ ଜଳଦାନ, ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପକ୍ଷୀ ଓ ଅନ୍ୟାନ୍ୟ ଛୋଟ ଜୀବଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରସ୍ଥ ବିଭିନ୍ନ ଗଛରେ ପାତ୍ରରେ ଜଳ ରଖାଯାଇଛି। ସେହିପରି ଛାତ୍ର ଜୟନ୍ତ ବୋଥ୍ରା କହିଛନ୍ତି, ବିଶ୍ୱବିଦ୍ୟାଳୟ ପରିସର ସବୁଜିମାରେ ଭରି ରହିଛି। ସେଥିପାଇଁ ସହରର ତାପମାତ୍ରାଠାରୁ ବିଶ୍ୱବିଦ୍ୟାଳୟ ପରିସରରେ ୨ ଡିଗ୍ରୀ କମ୍ ତାପମାତ୍ରା ଅନୁଭୂତ ହୁଏ। ଏହି ଶୀତଳତାକୁ ବଜାୟ ରଖିବା ପାଇଁ ପ୍ରୟାସ କରୁଛୁ। ଆଗକୁ ଯେଉଁ ପିଲାମାନେ ଏଠାରେ ପଢ଼ିବେ, ସେମାନେ ମଧ୍ୟ ଏହି ଧାରାକୁ ବଜାୟ ରଖିବେ ବୋଲି ଜୟନ୍ତ ଆଶା ପ୍ରକାଶ କରିଛନ୍ତି। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଫ୍ଲାଶ୍ ମୋବ୍' ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଫୁଡ୍ ଫେଷ୍ଟ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ମୁଖ୍ୟ ସଡ଼କରେ ପ୍ରାୟ ୨୭ଟି ଓଡ଼ିଆ ଓ ହିନ୍ଦୀ ଗୀତରେ ୩୪ଜଣ ଛାତ୍ରୀଛାତ୍ର ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ପ୍ରାୟ ୧୦ଟି ଫୁଡ୍‌ଷ୍ଟଲରେ ଭଳିକି ଭଳି ଖାଦ୍ୟସମ୍ଭାର ଦେଖିବାକୁ ମିଳିଥିଲା। ଏମ୍‌ବିଏ ଏବଂ ସ୍ନାତକୋତ୍ତର ବିଭାଗର ପ୍ରାୟ ୫ଜଣ ଛାତ୍ରୀଛାତ୍ର ଏହି ଫୁଡ୍‌ଫେଷ୍ଟରେ ଅଂଶଗ୍ରହଣ କରିଥିଲେ।

# ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ, ଦେଶର ବିକାଶ ଅସମ୍ଭବ

ପୁରୀ,୨୪।୪
(ଅଜିତ୍ କୁମାର ମହାନ୍ତି)

ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁରୀ ତାଳବଣିଆଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ କଶ୍ମୀର ପହଲଗାମରେ ଆତଙ୍କୀଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିବା ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ପୁରୀ ତାଳବଣିଆଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ପୁଷ୍ଟି ପଞ୍ଚାୟତ ପୁରସ୍କାର ପ୍ରଦାନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର। ୧୯୯୩ ମସିହା ଏପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଥିଲା। ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଏହି ଦିବସଟିକୁ ପାଳନ କରାଯାଉଛି। ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁଳି, ସଡ଼କ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ଼ ପ୍ରାଥମିକତା। ଏହିସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଇଛି।

ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣାଧୀନ ରହିଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତ ବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି।

## ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

- ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ
- ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି
- ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପି.ପି.ଏମ.ଏସ. ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମ, ୬୧୩ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରାଯିବା ସହ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ ପୁସ୍ତକର ଉନ୍ମୋଚନ କରିଥିଲେ। ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା।



ଜଣେ ମହିଳା ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଉଛି।

ଜିଲାର ବିଭିନ୍ନ ବ୍ଲକର ୮ଜଣ ରାଶନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ। ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ ମାଧ୍ୟମରେ ଯଥାଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି। ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ଏମ୍‌ପି ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାର ମଧୁବନୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦତ୍ତ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ଗିରୀଶ ଏସ୍.ଏନ୍. ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





*ଚେତକ ହେଉଛି ଭାରତର #1 ବିକ୍ରି ହେଉଥିବା ଇଲେକ୍ଟ୍ରିକ୍ ସ୍କୁଟର, ଯାହା ଜାନୁ.-ମାର୍ଚ୍ଚ ବାହନ ସେଲ୍ସ ଡେଟାରୁ ଜଣାପଡ଼ିଛି । #ପ୍ରଭାବୀ ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା, PM E-ଡ୍ରାଇଭ୍ ସବ୍‌ସିଡୀ ସହିତ । ବିଜ୍ଞାପନରେ ପ୍ରାରମ୍ଭିକ ମୂଲ୍ୟ ଚେତକ 2903 ସକାଶେ ଉଦ୍ଦିଷ୍ଟ । ଚେତକ ଏବେ 3ଟି ପ୍ରକାରରେ ମିଳୁଛି । ବୈଶିଷ୍ଟ୍ୟଗୁଡ଼ିକ ଚେତକ'ର ପ୍ରକାର ଆଉ ଟେକ୍‌ପ୍ୟାକ୍ ସହିତ ଉପଲବ୍ଧତା ଅନୁସାରେ ଭିନ୍ନ ଅଟେ । ବର୍ତ୍ତମାନ ବୁକ୍ କରନ୍ତୁ ଏଠାରେ www.chetak.com । ଚେତକ'ର ଚିତ୍ର କେବଳ ବିଜ୍ଞାପନ ନିମନ୍ତେ କମ୍ପ୍ୟୁଟର ଗ୍ରାଫିକ୍ସ ସହାୟତାରେ ପ୍ରଦର୍ଶିତ କରାଯାଇଛି । ପ୍ରଦର୍ଶିତ ବିଶେଷତାସବୁ, ବିଶେଷ ବିବରଣ ଓ ସହ-ଉପକରଣସବୁ ମାନକ ଫିଟ୍‌ମେଣ୍ଟ'ର ଅଂଶ ହୋଇନପାରେ ତଥା ଭିନ୍ନ ହୋଇପାରେ । ବାସ୍ତବିକ କଲର୍ ଓ ଅପ୍‌ହୋଲ୍‌ଷ୍ଟରୀ ଭିନ୍ନ ହୋଇପାରେ । ଯାନ ଚଳାଇବା ବେଳେ ଆରଟିଓ ମାର୍ଗଦର୍ଶିକା ଅନୁସରଣ କରନ୍ତୁ ।

**EXCLUSIVE CHETAK EXPERIENCE CENTRES AT:** BHUBANESWAR - MANCHESWAR 7894697555 & 8093004373 | BHUBANESWAR - LEWIS ROAD 9124611641| BHUBANESWAR - PATIA 7077717700 | CUTTACK 9124587509 | PURI 9124584748 | JAJPUR ROAD 7608854746 | ANGUL 9776597768 | SAMBALPUR 7328042010 | ROURKELA 9078083792 | BHADRAK 7205940477 | BALASORE 9124626011 | BARIPADA 7319911789 & 7319912789 | BHAWANIPATNA (KALAHANDI) 9817834566 | JEYPORE (KORAPUT) 9817634566 | BERHAMPUR 9124646001. Authorised Dealers for BAJAJ Auto Ltd.: Jeypore: DURRANI TRADERS 9124212491 • Bhawanipatna KALINGA BAJAJ 8763863692 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଡିଟର୍ସ କନ୍‌କ୍ଲେଭ, ସ୍ଥାନ: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ଅପରାହ୍ନ ୫ଟା ।

## କଟକ

- ୱାଇଜ୍ ମ୍ୟାନ ଇଣ୍ଟରନ୍ୟାଶନାଲ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ୱାଇଏମ୍‌ସିଏ ସମ୍ମିଳନୀ କକ୍ଷ, ମିଶନ ରୋଡ୍, ସମୟ: ସକାଳ ୬ଟା ୩୦ ।
- ତମାଖୁ ନିୟନ୍ତ୍ରଣ ଆଇନ ସଚେତନତା ଉପରେ କର୍ମଶାଳା, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଦିନିକିଆ କର୍ମଶାଳା, ସ୍ଥାନ: ଆନେକ୍ସ-୧, ସେଭେନ୍ ପିଲାର୍ସ ଅଫ ୱିଜଡମ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଖୋର୍ଦ୍ଧା

- ଶିରିଡ଼ି ସାଇବାବାଙ୍କ ୧୮ତମ ଜନ୍ମଉତ୍ସବ ପାଳନ ଅବସରରେ ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା ।

## ବାଲେଶ୍ୱର

- ଗଣବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଗଣବିକ୍ଷୋଭ ଓ ଜେଲଭରୋ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।

## ଭଦ୍ରକ

- ମହାରାଜ ଟିକା ମହାବୀରଙ୍କ ୭ମ ବାର୍ଷିକ ଜନ୍ମ ଉତ୍ସବ, ସ୍ଥାନ: ଭଞ୍ଜସାହି, ବାସୁଦେବପୁର, ସମୟ: ସକାଳ ୮ଟା ।
- ବଜରଙ୍ଗ ଦଳର ଜିଲା ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା ।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବିଜୟଶ୍ରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା ।
- ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ଶୋକସଭା, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୫ଟା ।
- ଶାରଦା ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା ।
- କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା ।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ବିସିଏ ସହିତ ମୟୂରଭଞ୍ଜ ରେଡ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା ।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା ।
- ଆମେ-୮୦ପକ୍ଷରୁ ଜଳସେବା,ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା ।

## ଗଞ୍ଜାମ

- ୪୮ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବିରଞ୍ଚିପୁର ବୁଗୁଡ଼ା, ସମୟ: ସକାଳ ୬ ଟା ୩୫ ।
- ମା'ପଞ୍ଚ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ ସାହି, ସମୟ: ସକାଳ ୭ଟା ।
- ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରମୋଦ ଉଦ୍ୟାନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଘୋଡ଼ାହାଡ଼ ଜଳଭଣ୍ଡାର ପାର୍ଶ୍ୱ ଉଦ୍ୟାନ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ଢେଙ୍କାନାଳ

- ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ଢେଙ୍କାନାଳ ଏନ୍‌ଏଚଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ଜଗତ୍‌ସିଂହପୁର

- ମୂଲ୍ୟଯୁକ୍ତ ସାମୁଦ୍ରିକ ଖାଦ୍ୟ ପଦାର୍ଥ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନାରାୟଣ ଏକ୍ସପୋର୍ଟ କାରଖାନା, ଗଡ଼ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍) ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼

- ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ନାମ ଯଜ୍ଞ, ଘୃତ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚଢ଼େୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ: ଅପରାହ୍ନ ୪ଟା ।
- କୁଆଁରିଆ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଗାନ୍ଧୀ ମଇଦାନ, ଦଶପଲ୍ଲା, (ସାଂସ୍କୃତିକ କାର୍ଯ୍ୟକ୍ରମ) ସମୟ: ଅପରାହ୍ନ ୪ଟା,(ସଭା) ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ନାଗଫାଶ ବନ୍ଧନ ଓ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା ।

## ନବରଙ୍ଗପୁର

- ବ୍ଲକସ୍ତରୀୟ ନିଷ୍ଠା ତାଲିମ, ସ୍ଥାନ: ତେନ୍ତୁଳିଖୁଣ୍ଟି ଦିବ୍ୟ ହୃଦୟ ବିଦ୍ୟାଳୟ, ସମୟ: ସକାଳ ୭ଟା ।
- କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ଉମରକୋଟ ମେଡିକାଲ ରୋଡ୍, ସମୟ: ସକାଳ ୮ଟା ।
- ଡିଆର୍‌ସିଏସ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ନବରଙ୍ଗପୁର ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ରବି ଋତୁ ଧାନ ସଂଗ୍ରହ ନେଇ ବୈଠକ, ସ୍ଥାନ:ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## ମାଲକାନଗିରି

- ହିନ୍ଦୁ ସମାଜ ପକ୍ଷରୁ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ବାଲିମେଳା ବନ୍ଦ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ସମ୍ବଲପୁର ଜିଲା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ସକାଳ ୮ଟା ।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୪ଟା ।

## ବଲାଙ୍ଗୀର

- ରାମଜୀ ନାଟକ ସଂସଦର ରାମଲୀଳା,ସ୍ଥାନ: ଜଗନ୍ନାଥପଡା ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ।

## ରାଉରକେଲା

- ଜଳ ସମସ୍ୟା ନେଇ ୱାଟକୋ ଅଫିସ ଘେରାଉ, ସ୍ଥାନ: ପାନପୋଷ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ।
- ପହଲଗାମ ଆକ୍ରମଣକୁ ନେଇ ମଶାଲ ରାଲି, ସ୍ଥାନ: ବିର୍ସା ମୁଣ୍ଡା ଛକ, ସମୟ: ଅପରାହ୍ନ ୫ଟା ।
- ପହଲଗାମ ନରସଂହାର ନେଇ ପ୍ରତିବାଦ, ସ୍ଥାନ ଉଦିତନଗର ଛକ, ସମୟ: ସନ୍ଧ୍ୟା ୬ଟା ।
- ସିପିଆଇଏମ୍ ପକ୍ଷରୁ ପହଲଗାମ ହତ୍ୟାକାଣ୍ଡ ନେଇ ପ୍ରତିବାଦ, ସ୍ଥାନ: ଆମ୍ବାଗାନ ଛକ, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ କାର୍ଯ୍ୟାଳୟ ରକ୍ତ ଭଣ୍ଡାର କେନ୍ଦ୍ର, ସୁନ୍ଦରଗଡ଼, ସମୟ: ସକାଳ ୯ଟା ।
- ସୁନ୍ଦରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଝଙ୍କାର, ସ୍ଥାନ: ଶଙ୍କରା, ସୁନ୍ଦରଗଡ଼, ସମୟ: ଅପରାହ୍ନ ୫ଟା ।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସମଗ୍ର ଶିକ୍ଷା ସଭା ଗୃହ, ସୁନ୍ଦରଗଡ଼, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ସକାଳ ୭ଟା ।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ଅପରାହ୍ନ ୨ଟା ।

## କଳାହାଣ୍ଡି

- ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ପହଲଗାମରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣ ପୁରୁଣାକଟକ, ସମୟ: ସକାଳ ୮ଟା ।

## ଦେବଗଡ଼

- ହିନ୍ଦୁମାନଙ୍କୁ ନିର୍ମମ ହତ୍ୟାକୁ ବିରୋଧ କରି ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ରାଧାକୃଷ୍ଣ ମନ୍ଦିରରୁ ନଗର ପରିକ୍ରମା, ସମୟ: ସକାଳ ୭ଟା ୩୦ ।
- ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ବ୍ଲକ୍‌ସ୍ତରୀୟ ଟେକ୍ନିସିଆନଙ୍କୁ ନେଇ ଟାସ୍କଫୋର୍ସ ବୈଠକ, ସ୍ଥାନ: ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ।
- ପ୍ରାରମ୍ଭ ସୁଖଦ ଶୈଶବ କାର୍ଯ୍ୟକ୍ରମ ପ୍ରସାରଣ କର୍ମଶାଳା, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ,ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ରାତି ୭ଟା ।

## ଝାରସୁଗୁଡ଼ା

- ରାମାୟଣ ପଠନ ଓ ପ୍ରବଚନ, ସ୍ଥାନ: ମଳଦା କଲ୍ୟାଣ ମଣ୍ଡପ, ସମୟ :ସକାଳ ୮ଟା,
- ପହଲଗାମ୍‌ରେ ହିନ୍ଦୁ ସମାଜ ଉପରେ ଆକ୍ରମଣ ପ୍ରତିବାଦରେ ରାଲି, ସ୍ଥାନ:ତିଳେଇ ଖେଳ ପଡିଆ, ସମୟ:ସକାଳ ୯ଟା,
- ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଆକ୍ରୋଶ ରାଲି, ସ୍ଥାନ: ମନମୋହନ ପଡିଆଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ରାତି ୭ଟା ।

## ସୁବର୍ଣ୍ଣପୁର

- ଚମ୍ପାମାଳ ରାମଲୀଳାର ଉଦ୍‌ଯାପନୀ, ସ୍ଥାନ: ରାମଲୀଳା ମଣ୍ଡପ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ୩୦ ।
- ଜାମ୍ମୁ କଶ୍ମୀରର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ ସଭାଗୃହ ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ବ୍ଲକ ମାରଡୁଗୋଛାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା ।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ସକାଳ ୯ଟା ୧୫ ।

# ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୧୧୯୧ କୋଟିର ନିବେଶ

## ସିଙ୍ଗଲ୍ ୱିଣ୍ଡୋ କମିଟିର ନୀତିଗତ ଅନୁମୋଦନ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଗୁରୁବାର ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ଦଶମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ମିଳିଛି। ଏହି ଦଶମ ସିଙ୍ଗଲ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୯୫.୭ ମେଗାୱାଟ୍ କ୍ଷମତା ବିଶିଷ୍ଟ ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାୱାଟ୍ କ୍ଷମତାର ୪ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୦.୬ ମେଗାୱାଟ୍ କ୍ଷମତାର ପ୍ରଥମ ବ୍ୟାଟେରି ଷ୍ଟୋରେଜ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନାର ସଦ୍‌ବ୍ୟବହାର ହୋଇପାରିବ। ଏଥିସହ ରାଜ୍ୟ ଅକ୍ଷୟ ଶକ୍ତି ନୀତି-୨୦୨୨ ଅନ୍ତର୍ଗତ ଲକ୍ଷ୍ୟପୂରଣ ପାଇଁ ମଧ୍ୟ ଏହା ସହାୟକ ହେବ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେବ ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ପୁଞ୍ଜି



ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଅନ୍ୟମାନେ।

ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପର ଠିକ୍ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ ଲାଗି ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରୀଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି ତଥା ବିଦ୍ୟୁତ୍ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ମୋଟ ୧,୭୦୭.୫୬ ମେଗାୱାଟ କ୍ଷମତାସମ୍ପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଗରେ ବଗ, ମାଛ ଖାଇବୁ ?**
**ମୁଁ ତେଇଁକି ଗୋସେଇଁ ଆଗ**
**ବଗରେ ବଗ, ଧାନ କୁଟିବୁ ?**
**ମୋ ନଳୀ ଗୋଡ଼ ଭାଙ୍ଗିଯିବ ।**

କଷ୍ଟ କରି କାମ କରିବା ଅଥବା ଖାଦ୍ୟ ସଂଗ୍ରହ କରିବାକୁ କହିଲେ କିଛି ବ୍ୟକ୍ତି ନିଜ ଶରୀର ଦୁର୍ବଳ ହୋଇଥିବାର କିମ୍ବା ରୋଗଗ୍ରସ୍ତ ହୋଇଥିବାର ବାହାନା କରିଥାନ୍ତି। ଅଥଚ ସେହି ବ୍ୟକ୍ତିଙ୍କୁ ଭଲ ଭଲ ଜିନିଷ ଆହରଣ କରିବାର ସୁଯୋଗ ମିଳିଗଲେ ଖାଇବା ଲାଗି ଆଗ୍ରହର ସହ ଆଗଭର ହୋଇଯାଇଥାନ୍ତି। କାମ କରିବାକୁ ଅମଙ୍ଗ ବା ଇଚ୍ଛା ରଖୁନଥିବା ଏପରି ନିକମା ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବର ତିରିଶା କନିଆ ଦଶା**
**ଯାକୁ ଜାଣିଥିବ ବଡ଼ ସରସା।**

ବରକୁ ତିରିଶ ବର୍ଷ ଓ କନ୍ୟାକୁ ଦଶ ବର୍ଷ ହୋଇଥିବା ଯୋଡ଼ି ଠିକ୍ ବୋଲି ପ୍ରାଚୀନ କାଳରେ ଲୋକଙ୍କର ବିଶ୍ୱାସ ରହିଥିଲା। ଏହା ଫଳରେ କନ୍ୟାର ସତିତ୍ୱ ପ୍ରତି କୌଣସି ସନ୍ଦେହ ରହୁ ନ ଥିଲା। ଅବଶ୍ୟ ସମୟ ବା ଯୁଗ ବଦଳ ରୀତିରେ ଆଜି ଏହାର ତାତ୍ପର୍ଯ୍ୟ କିଛି ନାହିଁ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲ୍ୟାଣ୍ଡ ବ୍ୟାଙ୍କରେ ଜମି ରଖିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଶିଳ୍ପ, ଖଣି ଯୋଗୁ ଉଜୁଡୁଛି ଜଙ୍ଗଲ

**କେନ୍ଦୁଝର,୨୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ଖଣି ଏବଂ ଶିଳ୍ପ ପାଇଁ ପ୍ରତିବର୍ଷ ଅନେକ ଶହ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହେଉଛି। କେନ୍ଦୁଝର ବନଖଣ୍ଡରେ ବ୍ୟାପକ ଗଛକଟା, ଜଙ୍ଗଲ ଧ୍ୱଂସ ଯୋଗୁ ପରିବେଶ ବିଗିଡ଼ିବାକୁ ଲାଗିଲାଣି। ବିଭିନ୍ନ ପ୍ରକଳ୍ପ, ଶିଳ୍ପ ଓ ଖଣି ପାଇଁ ଯେଉଁ ପରିମାଣର ଗଛ କଟୁଛି, ସେହି ଅନୁପାତରେ ନୂତନ ଜଙ୍ଗଲ ସୃଷ୍ଟି ହେଉ ନ ଥିବାରୁ ପରିବେଶ ସନ୍ତୁଳନ ହରାଉଛି। ଏ ନେଇ ଗୁରୁବାର କେନ୍ଦୁଝର ଗସ୍ତ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କେନ୍ଦୁଝର ଲ୍ୟାଣ୍ଡ ବ୍ୟାଙ୍କରେ ଅଧିକ ଜମି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ତଥ୍ୟ ଅନୁସାରେ, କେନ୍ଦୁଝର ବନଖଣ୍ଡରେ ବିଭିନ୍ନ ପ୍ରକଳ୍ପ ଏବଂ ଖଣି ପାଇଁ ୧୪ ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହୋଇସାରିଲାଣି। ନଷ୍ଟ ହୋଇଥିବା ଜଙ୍ଗଲ ପାଇଁ ୫ ଗୁଣା ଅଧିକ ନୂଆ ଜଙ୍ଗଲ ସୃଷ୍ଟି କରାଯିବାର ନିୟମ ରହିଛି। ତେବେ ଆବଶ୍ୟକ ଅଣଜଙ୍ଗଲ ଜମି ନ ଥିବାରୁ କୋରାପୁଟ, ଭବାନୀପାଟଣାରେ ୪୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଅଣଜଙ୍ଗଲ ଜମିରେ ବନୀକରଣ କରାଯାଇଛି। କେନ୍ଦୁଝରରେ ଆଶାନୁରୂପ ବନୀକରଣ ନ ହେବାରୁ ଜଳବାୟୁ ଉପରେ ଏହାର ପ୍ରଭାବ ପଡୁଛି। ଚମ୍ପୁଆ ରେଞ୍ଜରେ ବିଭିନ୍ନ କମ୍ପାନୀର ଖଣି ପାଇଁ ଅନେକ ହଜାର ପୁରାତନ ଗଛ କଟାଯାଇଛି। ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଦଲପାହାଡ଼ଠାରେ ଥିବା ଏକ ଖଣି ଖନନ ପାଇଁ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୧୯ ହେକ୍ଟର ଜଙ୍ଗଲ ଜମିରେ ଥିବା ୮୩୫୯ଟି ଗଛ କଟାଯାଇଛି। ଓଡ଼ିଶା ଖଣି ନିଗମ ଅନ୍ତର୍ଗତ ବାଂଶପାଣିଠାରେ ଖଣି ସମ୍ପ୍ରସାରଣ ପାଇଁ ବୈତରଣୀ (ଏ) ସଂରକ୍ଷିତ ଜଙ୍ଗଲରୁ ୮୭୪୧ ଟି ଗଛ କଟାଯିବାକୁ ଥିବାବେଳେ କାନପୁର ମୁଖ୍ୟ କେନାଲ ପାଇଁ ୩୨ ହଜାର ଗଛ କଟାଯାଇଛି। ମାତ୍ର ଜିଲାରେ ଖଣି ଓ ଶିଳ୍ପସଂସ୍ଥା ତଥା ଅନ୍ୟ ପ୍ରକଳ୍ପ ପାଇଁ ଅଣଜଙ୍ଗଲ ଜମି ମିଳୁ ନ ଥିବାରୁ ବାହାର ଜିଲାରେ କ୍ଷତିପୂରଣ ଲାଗି ବନୀକରଣ କରାଯାଉଛି ବୋଲି କୁହାଯାଉଛି। କେନ୍ଦୁଝର ଲ୍ୟାଣ୍ଡ ବ୍ୟାଙ୍କରେ ୧୩୮୬ ହେକ୍ଟର ଉଜୁଡା ଜଙ୍ଗଲ ଜମି ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ କ୍ଷତିପୂରଣ ବନୀକରଣ ପାଇଁ ୬୮୩ ହେକ୍ଟର ଦିଆଯାଇଛି। ସେହିପରି କାନପୁର ବୃହତ ଜଳସେଚନ ପ୍ରକଳ୍ପ ପାଇଁ ୫୧୩ ହେକ୍ଟର ଏବଂ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ପାଇଁ ୧୭୦ ହେକ୍ଟର ଜମି କ୍ଷତିପୂରଣ ବନୀକରଣ ପାଇଁ ଯୋଗାଇ ଦିଆଯାଇଛି। କେନ୍ଦୁଝର ବନଖଣ୍ଡରେ ଯେଉଁ ଅଣଜଙ୍ଗଲ ଜମିରେ ପୂର୍ବରୁ ବନୀକରଣ ହୋଇଛି, ସେଠାରେ ଜଗାରଖା ଅଭାବରୁ ଗଛ ନଷ୍ଟ ହୋଇଗଲାଣି। ବିଭିନ୍ନ ପ୍ରକଳ୍ପ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଜମି କମୁଥିବାବେଳେ ବନୀକରଣ ଲାଗି ଜମିର ଅଭାବ ପରିଲକ୍ଷିତ ହୋଇଛି। ଲୋକଙ୍କ ସହଭାଗିତାରେ ଏଗ୍ରୋ ଫରେଷ୍ଟ ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଲୋକଙ୍କ ସହଭାଗିତା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସହଯୋଗରେ ପ୍ରତ୍ୟେକ ଗ୍ରାମରେ ଖାଲିଥିବା ସରକାରୀ ଜମି ଚିହ୍ନଟ କରି ଚାରା ରୋପଣ କରିବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# କିସ୍ତି ଟଙ୍କା ଶୁଝି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ଉଦଳା,୨୪।୪**
**(ସନ୍ତୋଷ କୁମାର ବାଛିନୀ)**

- ଫାଇନାନ୍ସ କମ୍ପାନୀରୁ ଆଣିଥିଲେ ଋଣ
- ଅନ୍ୟ ଜଣେ ମହିଳା ନେଇ ଫେରାଇଲେ ନାହିଁ

ଫାଇନାନ୍ସ କମ୍ପାନୀରୁ ଆଣିଥିଲେ ଋଣ। ଗ୍ରାମର ଆଉ ଜଣେ ମହିଳା ଉକ୍ତ ଟଙ୍କା ନେଇ ଫେରାର ହୋଇଗଲେ। କିସ୍ତି ଟଙ୍କା ଶୁଝି ନ ପାରିବାରୁ କମ୍ପାନୀ କର୍ମଚାରୀ ତାଗିଦ କଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ବାନ୍ଧି ଝୁଲି ପଡ଼ିଲେ ଜଣେ ମହିଳା। ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପିଙ୍ଗୁ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ଗ୍ରାମର କରୁଣାକର ସୁରୁଲିଆଙ୍କ ସ୍ତ୍ରୀ ଗୀତାଞ୍ଜଳି।

ସୂଚନା ଅନୁଯାୟୀ, ଗୀତାଞ୍ଜଳି ଖୁଣ୍ଟା ଅଞ୍ଚଳର ୨ଟି ଫାଇନାନ୍ସ କମ୍ପାନୀରୁ ୩ଟି କିସ୍ତିରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ସେହି ଟଙ୍କାକୁ ଗ୍ରାମର ଅନ୍ୟ ଜଣେ ମହିଳା ନେଇଥିଲେ। ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇ ଫେରାର ହୋଇଯାଇଥିଲେ। ଫଳରେ ଗୀତାଞ୍ଜଳି କିସ୍ତି ଟଙ୍କା ଦେଇ ପାରି ନ ଥିଲେ। ଫାଇନାନ୍ସ କମ୍ପାନୀ କର୍ମଚାରୀ ବାରମ୍ବାର ତାଙ୍କ ଘରକୁ ଆସି ତାଗିଦ କରିଥିଲେ। ଗୁରୁବାର ସକାଳେ ଘର ନିକଟରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଗୀତାଞ୍ଜଳି ଝୁଲି ପଡ଼ିଥିଲେ। ଗୀତାଞ୍ଜଳିଙ୍କ ସ୍ୱାମୀଙ୍କଠାରୁ ଖବରପାଇ କପ୍ତିପଦା ପୋଲିସ ପହଞ୍ଚି ମୃତଦେହ ଜବତକରିବା ସହ ତଦନ୍ତ ଜାରି ରଖିଛି।

# ମୃଣାଳ ଓ ଇନ୍ଦ୍ରମଣିଙ୍କୁ ଆଇଏଏସ୍ ପାହ୍ୟା

**ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)**

ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟର ବିଜ୍ଞପ୍ତିକ୍ରମେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏଓଟିଏ)ର ଅତିରିକ୍ତ ଆୟୁକ୍ତ ଇନ୍ଦ୍ରମଣି ନାୟକଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି। ବିଜ୍ଞପ୍ତି ଅନୁଯାୟୀ ଉଭୟ ଅଧିକାରୀଙ୍କୁ ପଦୋନ୍ନତି ପରେ ଉକ୍ତ ପଦରେ ପୁନର୍ବାର ଅବସ୍ଥାପିତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ପରିବାର ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଦ୍ୱିଜା ନକ୍ଷତ୍ରର ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ପଦସ୍ଥ ବ୍ୟକ୍ତିଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**: କୃତ୍ତିକା ନକ୍ଷତ୍ର ଅର୍ଥଲାଭ, ସଦ୍‌ଭାବନା ସହ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ବିବାଦୀୟ ସ୍ଥିତି ଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରଶାସନ, ଏଜେନ୍ସିସିପ୍, ଶିଳ୍ପ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**: ପୁନର୍ବସୁ ନକ୍ଷତ୍ରର ଆର୍ଥିକ ଅନଟନଜନିତ କାମକୁ ସ୍ଥଗିତ ରଖିବାର ବହୁତ ସମ୍ଭାବନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଭାବୁଥିବେ ଗୋଟିଏ କିନ୍ତୁ କଳାବେଳକୁ ଆଉ ଗୋଟିଏ କାମ କରିବେ। କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ। ସନ୍ତାନଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ**: ଅଶ୍ଳେଷା ନକ୍ଷତ୍ର ବିଭିନ୍ନ ଯୋଜନା ସଫଳତା ଲାଭକରିବା କଷ୍ଟକର ହେବ। କର୍ମକ୍ଷେତ୍ରରେ ବିରୁଦ୍ଧାଚରଣ କରୁଥିବା ଗୁପ୍ତ ଶତ୍ରୁଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଏକ ଭିନ୍ନ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ**: ପାରିବାରିକ ସମସ୍ୟା ସାଙ୍ଗକୁ କର୍ମହାନି, ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ପାଇବେ। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**: ଚତୁର୍ଥସ୍ଥ ପାପଗ୍ରହ ହେତୁ ପାରିବାରିକ ଜୀବନରେ କିଛିଟା ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କିନ୍ତୁ ବାହାର ଲୋକଙ୍କ ସହ ସମ୍ପର୍କ ମଜଭୁତ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସହକର୍ମୀଙ୍କ ଅସହଯୋଗ କାରଣରୁ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**: ଉଚ୍ଚସ୍ଥ ରବିଙ୍କ ସୁପ୍ରଭାବରୁ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପରିବାରରେ ଶାନ୍ତି ଫେରି ଆସିବା ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କଚେରି ମାମଲାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ।

**ବିଛା**: ଶୁକ୍ରଙ୍କ ପ୍ରଭାବରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ମଙ୍ଗଳଙ୍କ ଦୁର୍ବଳତା ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣାଧୀନ ରହିବ। କଳା, କ୍ରୀଡା, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଜ୍ୟେଷ୍ଠା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ**: ଆଜି ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପୂର୍ବାଷାଢା ନକ୍ଷତ୍ର ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ସକାଳୁ ସକାଳୁ କିଛି ଅପେକ୍ଷା କରି ରହିଥିବା ଖବର ପାଇ ସାମୟିକ ଖୁସି ହୋଇଯିବେ।

**ମକର**: କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବା ଚେଷ୍ଟା କଲେ ମଧ୍ୟ ସୁଫଳ ପାଇ ନ ପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି ଏବଂ ସୌଜନ୍ୟମୂଳକ ସାକ୍ଷାତରୁ ଉପକୃତ ହେବେ। ଧନିଷ୍ଠା ନକ୍ଷତ୍ର ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଛୋଟ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବୃଦ୍ଧି ପାଇବ।


**କୁମ୍ଭ**: ପୂର୍ବଭାଦ୍ର ନକ୍ଷତ୍ର ପରିବାରରେ ସ୍ତ୍ରୀ ଏବଂ ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ସହକର୍ମୀଙ୍କ ମଧ୍ୟସ୍ଥତାରେ ବକେୟା ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ ନେଇ କଳହ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**ମୀନ**: ଶୁଭଚନ୍ଦ୍ର ପ୍ରଭାବରୁ ପୂର୍ବାବସ୍ଥା ବଦଳିଯାଇଥିବା କାରଣରୁ ମନ ଭଲ ରହିବ। କିନ୍ତୁ ଜମିଜମା କାରବାର, ବୈବାହିକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଉତ୍ତରାଭାଦ୍ର ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ।

ଆଜି ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ବୈଶାଖ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୮।୫୨ ମି. ଗତେ, ଉତ୍ତରା ଭାଦ୍ର/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୫।୨୫ ଗତେ, ଘ.୦୬।୧୫ ମଧ୍ୟେ, ଘ.୦୭।୦୬ ଗତେ, ଘ.୦୮।୩୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୯ ଗତେ, ଘ.୧୧।୪୪ ମଧ୍ୟେ ରାହୁକାଳ।

# ଶିମିଳିପାଳକୁ 'ଜାତୀୟ ଉଦ୍ୟାନ' ମାନ୍ୟତା



## ଭାରତର ୧୦୭ତମ ଜାତୀୟ ଉଦ୍ୟାନ

ଭୁବନେଶ୍ୱର/ବାରିପଦା,୨୪।୪(ବନ୍ଦନା ସେଠୀ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତିକ୍ରମେ ଶିମିଳିପାଳକୁ ଆନୁଷ୍ଠାନିକ ଭାବେ ଜାତୀୟ ଉଦ୍ୟାନ ଘୋଷଣା କରାଯାଇଛି। ଏ ନେଇ ଗୁରୁବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୦ରେ ପ୍ରଥମେ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ମଞ୍ଜୁରୀରେ ବିଳମ୍ବ ହୋଇଆସୁଥିଲା। ତେବେ ଦୀର୍ଘ ୪୫ବର୍ଷ ପରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଘୋଷଣା ସହିତ ଶିମିଳିପାଳ ଭାରତର ୧୦୭ତମ ଜାତୀୟ ଉଦ୍ୟାନ ରୂପେ ମାନ୍ୟତାପ୍ରାପ୍ତ ହୋଇଛି। ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ ଓ ୮୪୫.୭୦ ବର୍ଗ କି.ମି. ବିଶିଷ୍ଟ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ରୂପେ ଶିମିଳିପାଳ ପରିଗଣିତ ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବା ପରେ ଏହା ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଏହି ନୂତନ ଜାତୀୟ ଉଦ୍ୟାନ ଏବଂ ଏହାର ଆଖପାଖ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ବିଭାଗ 'ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି। ଏଥିରେ ଏ.ଆଇ.ଚାଳିତ କ୍ୟାମେରା, ଟାୱାର ଓ ଟ୍ରେଲ ଗାର୍ଡ କ୍ୟାମେରା ସିଷ୍ଟମ, ଦୁର୍ଗମ ଅଞ୍ଚଳରେ ନଜର ରଖିବା ପାଇଁ ଭି-ସାଟ୍ ଯୋଗାଯୋଗ ନେଟୱର୍କ ଓ ବିଶେଷ ତାଲିମପ୍ରାପ୍ତ ପୋଲିସ କର୍ମଚାରୀ, ପୂର୍ବତନ ସୈନିକଙ୍କୁ ନେଇ ଏକ କମ୍ପାନୀ ସମର୍ପିତ ସୁରକ୍ଷା ବଳ ନିୟୋଜନ ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାଘ ସଂଖ୍ୟା ପୁନରୁଦ୍ଧାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ତାଡୋବା ଅନ୍ଧେରୀ ସଂରକ୍ଷିତ ବ୍ୟାଘ୍ର ଅଭୟାରଣ୍ୟ (ମହାରାଷ୍ଟ୍ର)ରୁ ଦୁଇଟି ମାଈବାଘ ଅଣାଯାଇଛି। ୨୦୩୬ ସୁଦ୍ଧା ଶିମିଳିପାଳରେ ବାଘସଂଖ୍ୟା ୧୦୦ରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଉଛି, ଯାହା ଭାରତର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଶିମିଳିପାଳ' ଯୋଜନାର ଶୁଭାରମ୍ଭ କରାଯାଇଛି। ଏହା ଜୀବିକା ବୃଦ୍ଧି ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ଦକ୍ଷତା ତାଲିମ, ପରିବେଶ-ଅନୁକୂଳ ପର୍ଯ୍ୟଟନ, ସାଂସ୍କୃତିକ ପର୍ଯ୍ୟଟନର ପ୍ରଚାର ପ୍ରସାର, ସ୍ୱାସ୍ଥ୍ୟ, ଶିକ୍ଷା ଓ ସମ୍ବଳର ଉପଲବ୍ଧତା କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତୀକରଣ ନିମନ୍ତେ ଏକ ସମନ୍ୱିତ କାର୍ଯ୍ୟକ୍ରମରୂପେ କାର୍ଯ୍ୟ କରିବ। ଶିମିଳିପାଳ କେବଳ ଏକ ଜଙ୍ଗଲ ନୁହେଁ, ଏହା ବିରହୋର, ପାହାଡ଼ ଖଡ଼ିଆ, ଉଜିଆ, ସାନ୍ତାଳ, ମାଙ୍କିଡିଆ ଏବଂ ଖଡ଼ିଆ ପରି ଜନଜାତି ସମ୍ପ୍ରଦାୟଙ୍କ ମାତୃଭୂମି। ଏହି ଜନଜାତିର ଲୋକେ ଶହଶହ ବର୍ଷ ଧରି ଶିମିଳିପାଳରେ ପରିବେଶ ସମ୍ବନ୍ଧୀୟ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟକୁ ଧାରଣ କରି ରହିଛନ୍ତି। ଶିମିଳିପାଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କେବଳ ଜୈବ ବିବିଧତାର ସଂରକ୍ଷଣ ପାଇଁ ସଫଳତା ନୁହେଁ, ବରଂ ଏହା ପ୍ରକୃତି ସହ ସହାବସ୍ଥାନ, ଜୈବିକ ସ୍ଥାୟିତ୍ୱ ଏବଂ ଭବିଷ୍ୟମୁଖୀ ଶାସନର ଏକ ପ୍ରତିଫଳନ ବୋଲି ଅଭିହିତ କରାଯାଇଛି।

### ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳ

ଶିମିଳିପାଳ ଜୈବ ବିବିଧତାରେ ପରିପୂର୍ଣ୍ଣ ଭାରତର ଅନ୍ୟତମ ଅନନ୍ୟ ପରିବେଶ। ଏହା ୪୦ଟି ଜଙ୍ଗଲୀ ବାଘ ସମେତ ବିରଳ କଳା ବାଘଙ୍କ ପାଇଁ ବିଶ୍ୱର ଏକମାତ୍ର ବାସସ୍ଥାନ। ଓଡ଼ିଶାର ମୋଟ ହାତୀସଂଖ୍ୟାର ୨୫ପ୍ରତିଶତ ହାତୀଙ୍କର ଏହା ଆଶ୍ରୟସ୍ଥଳ। ୩୬୦ରୁ ଅଧିକ ପ୍ରଜାତିର ପକ୍ଷୀ, ୧୦୭୬ ପ୍ରକାରର ଉଦ୍ଭିଦ, ୬୦୪ ପ୍ରକାରର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଯଥା ଚିତାବାଘ, ସମ୍ବର, ୬୨ ପ୍ରଜାତିର ସରୀସୃପ ଏବଂ ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଦେଖିବାକୁ ମିଳନ୍ତି। ଉତ୍ତର ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀର ଏହା ପ୍ରମୁଖ ଅବବାହିକା। ଶିମିଳିପାଳରେ ଅବସ୍ଥିତ ଜଙ୍ଗଲଗୁଡ଼ିକ ଶାଳ, ଆର୍ଦ୍ର ପର୍ଣ୍ଣମୋଚୀ ଏବଂ ଅର୍ଦ୍ଧ-ଚିରହରିତ୍ ପ୍ରକାରର ବୃକ୍ଷର ମିଶ୍ରଣ। ଏହା ଉଦ୍ଭିଦ, ଜୀବଜନ୍ତୁ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ବିରଳ ଓ ସମୃଦ୍ଧ ବାସସ୍ଥାନ ସୃଷ୍ଟି କରିଛି।

### ବିକଶିତ ଭାରତ, ବିକଶିତ ଓଡ଼ିଶା କ୍ଷେତ୍ରରେ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ



ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଖୁସି ବ୍ୟକ୍ତ କରିଛନ୍ତି। ଏହି ଘୋଷଣା ବିକଶିତ ଭାରତ, ବିକଶିତ ଓଡ଼ିଶା ଆଡ଼କୁ ଏକ ଐତିହାସିକ ପଦକ୍ଷେପ। ଶିମିଳିପାଳ ଆନୁଷ୍ଠାନିକ ଭାବେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବାବେଳେ ଭାରତରେ ୧୦୭ତମ ଏବଂ ଆୟତନ ଦୃଷ୍ଟିରୁ ଓଡ଼ିଶାର ସର୍ବବୃହତ୍ ଉଦ୍ୟାନ ପାଲଟିଛି। ଏହି ଦୀର୍ଘ ପ୍ରତୀକ୍ଷିତ ଘୋଷଣା ଆମ ପରିବେଶଗତ ଐତିହ୍ୟକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଆଦିବାସୀଙ୍କ ଆକାଂକ୍ଷାକୁ ଉନ୍ନତ କରିବ। ଏଥିସହ ସ୍ଥାୟୀ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ ରହିଛି।


### ଶିମିଳିପାଳକୁ ମିଳିଲା ନୂଆ ପରିଚୟ



ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଲା। ବିଳମ୍ବରେ ହେଲେ ମଧ୍ୟ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ହସ୍ତୀ ଅଭୟାରଣ୍ୟ, ଅଭୟାରଣ୍ୟ ଓ ଜୈବ ମଣ୍ଡଳ ଥିବା ଶିମିଳିପାଳକୁ ନୂଆ ପରିଚୟ ମିଳିଛି। ଶିକାରୀ ଓ ଶିକାର ପ୍ରତି ଆଇନର କଡ଼ାକଡ଼ି ବ୍ୟବସ୍ଥା ହୋଇପାରିବ। ତେବେ ଘୋଷଣାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ପରିଚାଳନା କରାଗଲେ ଜାତୀୟ ଉଦ୍ୟାନର ମାନ୍ୟତା ସଫଳ ହୋଇପାରିବ। ଶିମିଳିପାଳ ମଧ୍ୟରେ ଥିବା ବକୁଆ ଗାଁକୁ ନେଇ ବିବାଦ ଦେଖାଦେବାରୁ ଜାତୀୟ ଉଦ୍ୟାନ ଘୋଷଣା ହୋଇପାରୁ ନ ଥିଲା। ତେଣୁ ଏହି ଗ୍ରାମକୁ ବାଦ୍‌ଦେଇ ବନ ବିଭାଗ ୮୪୫.୭୦ବର୍ଗ କି.ମି.କୁ ଜାତୀୟ ଉଦ୍ୟାନ ଭାବେ ଚୟନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

**- ସଂଯୁକ୍ତା ବାସା, ପରିବେଶବିତ୍**

### ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ



ଅନେକ ବର୍ଷର ଦାବି ପୂରଣ ହୋଇଥିବାରୁ ଖୁସି ଲାଗୁଛି। ଏବେ ଶିମିଳିପାଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଶିମିଳିପାଳକୁ ସର୍ବୋଚ୍ଚ ଉପାଧି ମିଳିଥିବାରୁ ଏହା ଦେଶବାସୀଙ୍କ ଦୃଷ୍ଟିଗୋଚର ହୋଇପାରିବ। ଫଳରେ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ଅଧିକ ସଂଖ୍ୟାରେ ବୁଲିବାକୁ ଆସିବେ। ଏହାଦ୍ୱାରା ଜିଲାର ବିକାଶ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ।

**- ଭାନୁମିତ୍ର ଆଚାର୍ଯ୍ୟ, ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ**

### ବହୁଦିନ ଅପେକ୍ଷାର ଫଳ



ଶିମିଳିପାଳ ଜାତୀୟ ମାନ୍ୟତା ପାଇବା ବହୁଦିନର ଅପେକ୍ଷାର ଫଳ। ଶିମିଳିପାଳର କୋର୍ ଅଞ୍ଚଳରେ ରହିଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇପାରୁ ନ ଥିଲା। ମାତ୍ର ଏବେ ସ୍ଥାନାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଶିମିଳିପାଳକୁ ରାଜ୍ୟର ଏକମାତ୍ର ଜୈବ ମଣ୍ଡଳ ରୂପେ ଘୋଷଣା କରାଯାଇଛି। ଏହା ପଛରେ ଓଡ଼ିଶା ପରିବେଶ ସମିତିର ମୁଖ୍ୟ ଭୂମିକା ରହିଛି। ଅପରପକ୍ଷେ ପ୍ରତିବର୍ଷ ଜଙ୍ଗଲ ନିଆଁ, ଶିକାର ବଢ଼ି ଚାଲିଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ନେଇ ଜଙ୍ଗଲ ବିଭାଗ କାର୍ଯ୍ୟ ରହିବା ଦରକାର।

**-ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଶିମିଳିପାଳର ସମଗ୍ର ଅଞ୍ଚଳକୁ ମାନ୍ୟତା ମିଳୁ



୨,୭୫୦ ବର୍ଗ କି.ମି. ମଧ୍ୟରୁ ମାତ୍ର ୮୪୫.୭୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରାଯାଇଛି। କେବଳ କୋର୍ ଅଞ୍ଚଳକୁ ଏଥିରେ ସ୍ଥାନିତ କରାଯାଇଥିବାବେଳେ ଏହା କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ସୀମିତ ରହିଯାଇଛି। ମାତ୍ର ଜାତୀୟ ଉଦ୍ୟାନର ଅର୍ଥ କେବଳ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନୁହେଁ, ବରଂ ବିସ୍ତୀର୍ଣ୍ଣ ଅଞ୍ଚଳ ହେବା ଆବଶ୍ୟକ। ସେହିପରି କୁଳଡିହା ସେଞ୍ଚୁରୀ ଏବଂ ହଦଗଡ ସେଞ୍ଚୁରୀ ଅଞ୍ଚଳକୁ ଜାତୀୟ ଉଦ୍ୟାନରେ ସାମିଲ୍ କରାଯିବା ଆବଶ୍ୟକ ଥିଲା। ତେଣୁ ଶିମିଳିପାଳର ୨,୭୫୦ ବର୍ଗ କି.ମି.କୁ ଜାତୀୟ ଉଦ୍ୟାନରେ ସାମିଲ କରାଯିବାର ଆବଶ୍ୟକତା ରହିଛି।

**-ଆକାଶ ରଞ୍ଜନ ରଥ, ବନ୍ୟଜନ୍ତୁ ସଂରକ୍ଷକ**

## ମହାନଦୀରେ ବୁଡ଼ି ୨ ମୃତ

କଟକ,୨୪।୪(କାର୍ତ୍ତିକ ସାହୁ)

ମହାନଦୀର ଯୋବ୍ରା ନିକଟରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେମାନେ ହେଲେ ଯୋବ୍ରା ନଦୀକୂଳସାହିର ସାଇ ବେହେରା(୧୪)ଓପିଙ୍କୁନୁଜେନା(୨୨)। ମାଲଗୋଦାମ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅପରପକ୍ଷରେ ସୌଭାଗ୍ୟ କ୍ରମେ ଅନ୍ୟ ଜଣେ ନାବାଳକ ବିଶ୍ୱଜିତ୍ ଦାସ(୧୩) ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି।

ସୂଚନାନୁସାରେ, ଗୁରୁବାର ମଧ୍ୟାହ୍ନରେ ଯୋବ୍ରା ନଦୀକୂଳସାହିର ଉପରୋକ୍ତ ୩ଜଣ ମହାନଦୀର ଯୋବ୍ରା ନିକଟରେ ଗାଧୋଉଥିଲେ। ହଠାତ୍ ନଦୀଜଳରେ ୩ଜଣ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକେ ଏହା ଦେଖି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏଥିସହ ଦମକଳ ବାହିନୀକୁ ମଧ୍ୟ ଖବର ଦିଆଯାଇଥିଲା। ଲୋକମାନେ ପାଣି ଭିତରୁ ବିଶ୍ୱଜିତ୍‌ଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ମାତ୍ର ଅନ୍ୟ ୨ଜଣ ପାଣିରେ ବୁଡ଼ି ଯାଇଥିଲେ। ଚାଉଳିଆଗଞ୍ଜ ଦମକଳ ବାହିନୀ ଅପରାହ୍ନ ପ୍ରାୟ ୧ଟା ୪୦ ମିନିଟ୍ ସମୟରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ଅଧିକାରୀ ପ୍ରଭଞ୍ଜନ ସିଂହଙ୍କ ନେତୃତ୍ୱରେ ୮ଜଣ ଅଗ୍ନିଶମ କର୍ମଚାରୀ ମହାନଦୀରେ ଲାଇଫ୍ ଜ୍ୟାକେଟ ପିନ୍ଧି ଖୋଜିଥିଲେ। ଏଥିସହ ଜଣେ ସ୍କୁବା ଡାଇଭର ପାଣି ଭିତରେ ବୁଡ଼ି ଖୋଜିଥିଲେ। ବେଶ କିଛି ସମୟ ଖୋଜିବା ପରେ ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିବା ମାଲଗୋଦାମ ଥାନା ପୋଲିସକୁ ମୃତଦେହ ହସ୍ତାନ୍ତର କରିଥିଲେ। ସ୍ଥାନୀୟ ଲୋକଙ୍କ ସମେତ ମୃତକ ପରିବାର ଲୋକେ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।




## ବଢ଼ିଲା ପୋଲିସଙ୍କ ଭତ୍ତା, ପ୍ରୋତ୍ସାହନ ରାଶି

- ୨ଗୁଣା ହେଲା ପୋଷାକ ଭତ୍ତା
- କନ୍‌ଷ୍ଟେବଲ, ସିପାହିଙ୍କ ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ ସର୍ବାଧିକ ୨୫ ହଜାର ପର୍ଯ୍ୟନ୍ତ ବୃଦ୍ଧି
- ହାବିଲଦାରଙ୍କ ଅତିରିକ୍ତ ଡ୍ୟୁଟି ପ୍ରୋତ୍ସାହନ ରାଶି ୩୦ ହଜାରକୁ ବଢ଼ିଲା
- ସୃଷ୍ଟି ହେବ ୧୬,୦୫୯ ନୂଆ ପଦବୀ

ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)

ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୋଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ତଦନୁଯାୟୀ ଇନ୍‌ସପେକ୍ଟରମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍ଆଇମାନଙ୍କ ପାଇଁ ୪୨୦୦ରୁ ୮୪୦୦ ଟଙ୍କା, ହାବିଲଦାର, କନଷ୍ଟେବଲ ଓ ସିପାହିମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀମାନଙ୍କ ପାଇଁ ପୋଷାକ ଭତ୍ତା ବାର୍ଷିକ ୫୯୦୦ରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବୀର ସମାନ ର୍‍ୟାଙ୍କର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ୍ୟ ସେହି ପରିମାଣରେ ଭତ୍ତା ମିଳିବ।

ସେହିପରି କନଷ୍ଟେବଲ, ସିପାହି ଓ ସମାନ ର୍‍ୟାଙ୍କ୍‌ର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ (ଏକ୍ସଟ୍ରା ଡ୍ୟୁଟି ଇନ୍‌ସେନ୍‌ଟିଭ) ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହାବିଲଦାର ଓ ସମାନ ର୍‍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ କନଷ୍ଟେବଲ, ହାବିଲଦାର ଓ ସିପାହି ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ପୋଲିସ ସେବା କର୍ମଚାରୀଙ୍କୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶାକୁ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ପୋଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ ଆହୁରି ୧୬,୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୋଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ବୈଠକ ଆରମ୍ଭରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱାଗତ ଭାଷଣ ଦେବା ସହ ନିକଟରେ ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୁଳି ବିନିମୟରେ ୫ ମାଓବାଦୀ ନିହତ

ମାଲକାନଗିରି, ୨୪।୪(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ବଡ଼ ଧରଣର ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଛତିଶଗଡ଼ ବିଜାପୁରରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୫ ମାଓବାଦୀ ଗୁରୁବାର ନିହତ ହୋଇଛନ୍ତି। ମାଓବାଦୀଙ୍କ ମୃତଦେହ ସହ ବହୁ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି। ବିଭିନ୍ନ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ଶତାଧିକ ଆଇଇଡି ବୋମାକୁ ଜବତ କରାଯାଇଛି। ତେବେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଅପରେଶନରେ ବାୟୁସେନାର ହେଲିକପ୍ଟର ସାମିଲ ହୋଇଛି। ଅତ୍ୟାଧୁନିକ ଡ୍ରୋନ୍ ସହାୟତାରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ତେଲଙ୍ଗାନା ଗ୍ରେହାଉଣ୍ଡ ଓ ଛତିଶଗଡ଼ ଡିଆର୍‌ଜି ଓ କୋବ୍ରା ବାହିନୀ ଅପରେଶନରେ ସାମିଲ ହୋଇଛନ୍ତି। ଆଗକୁ ଏହି ଅଞ୍ଚଳରେ ଆହୁରି ବଡ଼ ଧରଣର ଗୁଳି ବିନିମୟ ହେବାର ସମ୍ଭାବନା ରହିଥିବା ବେଳେ ମାଓବାଦୀ ନେତା ହିଡମା ଯବାନଙ୍କ ମୁଖ୍ୟ ଟାର୍ଗେଟରେ ରହିଛନ୍ତି।

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ବାସୁଦେବପୁର,୨୪।୪ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ଜୀବନ ଚାଲିଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ ଗାଁର ଡିହସାହିରେ ଏଭଳି ଘଟଣା ଘଟିଛି। ମୃତା ଦୁଇ ଭଉଣୀ ହେଲେ ଗ୍ରାମର ବସନ୍ତ ମଲିକଙ୍କ ଝିଅ କ୍ରୀଷ୍ଣାରାଣୀ(୭) ଓ କୋଏଲ(୫)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଜେଜେମା' ଘର ପାଖ ପୋଖରୀରେ ଦୁଇ ନାତୁଣୀଙ୍କ ସହ ଗାଧୋଇ ସାରିବା ପରେ ସେମାନଙ୍କୁ ବାଡ଼ିପଟେ ଛାଡ଼ି ଦେଇ ଘର କାମ କରୁଥିଲେ। କିଛି ସମୟ ପରେ ପରିବାର ଲୋକେ କ୍ରୀଷ୍ଣାରାଣୀ ଓ କୋଏଲଙ୍କୁ ଘର ପାଖରେ ଦେଖିବାକୁ ପାଇ ନ ଥିଲେ। ସେମାନେ ବହୁ ଖୋଜାଖୋଜି କରିବା ପରେ ଦୁଇଝିଅଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଷିଆ ସାମୁଦ୍ରିକ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ ହୋଇଛି।




"ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। –ଶ୍ରୀଅରବିନ୍ଦ

# ବାଣିଜ୍ୟ ବ୍ୟବସ୍ଥାର ପୁନର୍ଗଠନ ଲୋଡ଼ା



ଜେରେମି ଆଡେଲମ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ପ୍ରାରମ୍ଭରେ ଅତ୍ୟଧିକ ଟାରିଫ ବୃଦ୍ଧି କରିଥିଲେ। ଏହା ବାଣିଜ୍ୟ ଯୁଦ୍ଧକୁ ତୀବ୍ର କରିଥିଲା, ଯାହାକୁ ସେ 'ଲିବରେଶନ ଡେ' ବା ମୁକ୍ତିର ଦିନ ଭାବେ ସୂଚିତ କରିଥିଲେ। ଗତ ସପ୍ତାହରେ ସମୀକ୍ଷକମାନେ ଏହି ଦିବସକୁ ବିଶ୍ୱ ଅର୍ଥନୀତିର ଅନ୍ତିମ ଯୁଦ୍ଧ ବୋଲି ବିବେଚନା କରିଛନ୍ତି। ଟାରିଫ୍ ବୃଦ୍ଧି ଯୋଗୁ ବିତ୍ତୀୟ ବଜାରରେ ଅନିଶ୍ଚୟତା ସୃଷ୍ଟି ହୋଇଛି। ମୁକ୍ତି ଏବଂ ଅନ୍ତିମ ଯୁଦ୍ଧ ମଧ୍ୟରୁ ଯଦି ଆମେ କୌଣସିଟିକୁ ପସନ୍ଦ କରୁ, ତେବେ ତାହା ଆମର ଦୁର୍ବଳ ନିଷ୍ପତ୍ତି ବୋଲି ବୁଝିବାକୁ ହେବ। ଉଭୟ ବିଷୟ ବା କାହାଣୀ ସୂଚିତ କରୁଛି ଯେ, ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଓ ସମୟର ଶେଷ ହେବା ସହ ଗୋଟିଏ ଯୁଗର ସମସ୍ତ କାର୍ଯ୍ୟକଳାପ, ସିଦ୍ଧାନ୍ତ ଓ ବ୍ୟବସ୍ଥାଗୁଡ଼ିକ ବଦଳିଯାଇ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଟ୍ରମ୍ପଙ୍କ ସମର୍ଥକମାନଙ୍କ ପାଇଁ ଏହା ହେଉଛି ପୁରୁଣା ନିୟମ ଦ୍ୱାରା ନିୟନ୍ତ୍ରିତ ହେଉ ନ ଥିବା ଜଣେ ମୁକ୍ତଦାତାଙ୍କର ଏକ ସାହସିକ ପଦକ୍ଷେପ, ଯିଏ କି ଆମେରିକାକୁ ବଡ଼ କରିବେ। ସମାଲୋଚକଙ୍କ ମତରେ ଏହା ହେଉଛି କ୍ଷତିର ଏକ ଦୁଃଖଦାୟକ କାହାଣୀ ଏବଂ ଏଥିରେ ଅନିଷ୍ଟକାରୀ ଚରିତ୍ରମାନଙ୍କ ପ୍ରାଧାନ୍ୟ ରହିଛି, ଯେଉଁମାନେ ଜନସାଧାରଣଙ୍କ ହିତ ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି।

ଏବକାର ସଙ୍କଟକୁ ବୁଝିବାକୁ ହେଲେ ସବୁ ସୁଯୋଗ ଶେଷ ହୋଇଗଲା ବୋଲି ଧରିନେଲେ ହେବ ନାହିଁ। ବିଶ୍ୱ ବ୍ୟବସ୍ଥାର ନବୀକରଣର ଓ ପୁନର୍ଗଠନ କରିବା ଆଉ ଏକ ସୁଯୋଗ ହୋଇପାରେ। ଯଦି ଆମେ କାହାଣୀ ବଦଳାଇପାରିବା ତେବେ ଏହା ସମ୍ଭବ ହେବ। ଲିବରେଶନ ଡେ ଥିଲା ଏକ ଆଘାତ ଓ ଝଟ୍‌କା, କିନ୍ତୁ କେଉଁ ପ୍ରକାରର? କେତେକ ଝଟ୍‌କାରେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଆଉ କେତେକ ଯୋଗୁ ବ୍ୟବସ୍ଥା ପ୍ରଭାବିତ ହେଲେ ମଧ୍ୟ ତାକୁ ସମ୍ପୂର୍ଣ୍ଣ ଦୁର୍ବଳ କରିପାରିନାହିଁ। ତଥାପି କେତେକ ଝଟ୍‌କା ନବୀକରଣକୁ ମଧ୍ୟ ବାଟ ଦେଖାଇଛି। ଏବେ ଅର୍ଥନୀତି ଭୁଶୁଡ଼ି ପଡ଼ିବାର କଥା ବୋଲି କୁହାଯାଉଛି, କିନ୍ତୁ ତାହା ପରିବର୍ତ୍ତନ ହୋଇପାରେ।

ଟ୍ରମ୍ପଙ୍କ ଝଟ୍‌କାକୁ ଅନେକେ ବିଶ୍ୱବାଦ ବିରୋଧୀ ବୋଲି କହୁଛନ୍ତି, ଯାହା ବୃହତ୍ ମାନ୍ଦାବସ୍ଥା ବା ୧୯୨୯ରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଧୋଗତିର କାରଣ ହୋଇଥିଲା। କିନ୍ତୁ ସମାନ୍ତରାଳ ଭାବେ ୧୯୩୦ ଦଶନ୍ଧିରେ ବର୍ତ୍ତମାନ ତୁଳନାରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା, ଯେତେବେଳେ କି ଏହି ବିପର୍ଯ୍ୟୟ ଦୂର କରିବା ପାଇଁ ଖୁବ୍ କମ୍ ପଦ୍ଧତି ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଆମେରିକା ବିଶ୍ୱସ୍ତରୀୟ ବ୍ୟାଙ୍କର ଭାବେ ଉଭା ହୋଇଥିଲା, କିନ୍ତୁ ଏହି ସ୍ଥିତି ଅତ୍ୟଧିକ ମୁଦ୍ରାସ୍ଫୀତି, ଆଇନର ଅଭାବ ଏବଂ ଦୁର୍ବଳ ଘରୋଇ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ଆଧାରିତ ଥିଲା।



ତେବେ ୧୯୨୯ର ବିତ୍ତୀୟ ସଙ୍କଟ ସମୟରେ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ବେରୋଜଗାର ଦ୍ରୁତ ବୃଦ୍ଧି ପାଇ ୯ ପ୍ରତିଶତ ଛୁଇଁଥିଲା। ସେତେବେଳେ ଦେଶର ଶିଳ୍ପକୁ ବଞ୍ଚାଇବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଥିଲା ଏବଂ ହଠାତ୍ ମାନ୍ଦାବସ୍ଥା ଆସିଥିଲା। ସିନେଟର ରିଡ ସ୍ମୁଟ ଏବଂ ସଦସ୍ୟ ୱିଲିସ ହଓ୍ୱେଲେ ୧୯୩୦ର ଟାରିଫ ଆଇନ ଆଗତ ପରେ ଅନିଚ୍ଛା ସତ୍ତ୍ୱେ ରାଷ୍ଟ୍ରପତି ହର୍ବର୍ଟ ହୁଭର ଏହାକୁ ଅନୁମୋଦନ କରିବା ପରେ ଆମେରିକା ଟାରିଫରେ ଅତ୍ୟଧିକ ବୃଦ୍ଧି କରିଥିଲା। ଆମେରିକାର ବାଣିଜ୍ୟ ଭାଗୀଦାରିମାନେ ମଧ୍ୟ ଏହାକୁ ଦେଖି ସମାନ ପଦକ୍ଷେପ ନେଇଥିଲେ। ଶେୟାର ବଜାର ଅକସ୍ମାତ ନିମ୍ନଗାମୀ ହୋଇଯାଇଥିଲା। ସେହି ସମୟରେ ଦେଶଗୁଡ଼ିକର ଏକ ଦୁର୍ବଳ ମେଣ୍ଟ ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥା ଶେଷ ହେବାର ମାତ୍ର ଦୁଇ ଦିନ ମଧ୍ୟରେ ଆମେରିକାର ବେରୋଜଗାର ୨୩ ପ୍ରତିଶତରେ ପହଞ୍ଚିଥିଲା। ଆର୍ଥିକ କ୍ଷେତ୍ରରେ ଏଭଳି ପାଗଳପଣ ବା ମୂର୍ଖତା ପାଇଁ ସ୍ମୁଟ–ହାଓ୍ୱେଲେ ସେବେଠାରୁ ଏକ ସାଙ୍କେତିକ ଶବ୍ଦ ହୋଇଯାଇଛି। ୧୯୪୫ରୁ ଅନେକ ଆର୍ଥିକ ଉତ୍‌ଥାନ ପତନ ମଧ୍ୟରେ ଏଭଳିସବୁ ପଦ୍ଧତିକୁ ଅନୁସରଣ ଓ ନବୀକରଣ କରାଯାଇ ଆସିଛି। ତେବେ ବିତ୍ତୀୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସାମାଜିକ ସଚେତନତା କ୍ଷେତ୍ରରେ କ'ଣ ସବୁ ଘଟିଛି।

ଗ୍ରେଟ୍ ଡିପ୍ରେସନ ବିପର୍ଯ୍ୟୟ କାହାଣୀକୁ ସାମ୍ନାକୁ ଆଣିଥିବାବେଳେ ଆଉ ଏକ ମୁଖ୍ୟ କାହାଣୀ ଏହାଠାରୁ ଆହୁରି ବିପଜ୍ଜନକ। କାରଣ ଯେତେବେଳେ ପ୍ରଳୟର ସ୍ୱର କର୍କଶ ହୋଇଯିବା ପରେ ଏହା ସାଧାରଣତଃ ଆରମ୍ଭ ହୁଏ। ଏହା ହେଉଛି 'ମଡ୍‌ଲିଙ୍ଗ୍ ଥ୍ରୁ'ର କାହାଣୀ, ଯାହା ବିନା ବିଶେଷଜ୍ଞ, ଯୋଜନା ଓ ସାଧନରେ ଏକ ସନ୍ତୋଷଜନକ ପଦ୍ଧତି ଓ ଏହାକୁ କ୍ରାଇସିସ୍ ମ୍ୟାନେଜରମାନେ ଅଧିକ ସମର୍ଥନ କରନ୍ତି। ଏହି ପଦ୍ଧତି ବିଜ୍‌ନେସ୍‌କୁ ପୂର୍ବରୁ ଯେଭିଳି ରହିଥିଲା ସେହି ସ୍ତରକୁ ଆଣିବାକୁ ଚାହିଁଥାଏ। ବାଣିଜ୍ୟ ଭାଗୀଦାରିମାନେ ହ୍ୱାଇଟ୍ ହାଉସ୍‌ରେ ଚୁକ୍ତି କରିବା ପାଇଁ ଲାଇନ ଲଗାଉଥିବାରୁ ଏହା ହେବାକୁ ଯାଉଥିବା ଦେଖାଗଲାଣି।

୨୦୦୮ ଆର୍ଥିକ ସଙ୍କଟ ସମୟରେ ମଡ୍‌ଲିଙ୍ଗ ଥ୍ରୁ ଘଟିଥିଲା। ପ୍ରଥମେ ବିଶେଷଜ୍ଞମାନେ ସତର୍କ କରିଦେଇଥିଲେ ଯେ, ୧୯୨୯ ଘଟଣାର ପୁନରାବୃତ୍ତି ଘଟିବ। କିନ୍ତୁ ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ନିକଟରେ ମାନ୍ଦାବସ୍ଥା ଟାଳିବାକୁ ଉପାୟ ଥିଲା। ସେତେବେଳେ ସୃଷ୍ଟି ହୋଇଥିବା ସ୍ଥିତିକୁ ବିଶେଷଜ୍ଞମାନେ 'ଷ୍ଟାଟସ କୋ କ୍ରାଇସିସ' ଭାବେ ନାମିତ କରିଥିଲେ; ଯେଉଁଥିରେ ଅନେକ ଲକ୍ଷ ଘରମାଲିକ, ଗ୍ରୀକ୍ସ ଏବଂ ୟୁକ୍ରେନୀୟଙ୍କ ଉପରେ ପଥକର ଲାଗୁ କରାଯାଇଥିଲା। କିନ୍ତୁ ବ୍ୟବସ୍ଥାଗତ ସୁଧାର ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହି ଘଟଣାରେ ଅର୍ଥ ବ୍ୟବସ୍ଥାରେ ବୃତ୍ତିଗତ ପରିଚାଳକମାନେ ସୁଧାରକୁ ଆଗକୁ ବଢ଼ାଇବା ଲାଗି ଶସ୍ତା ଋଣ ଓ ଶସ୍ତା ଶକ୍ତି ତଥା ପ୍ରାକୃତିକ ଗ୍ୟାସ୍ ଉପରେ ଭରସା କରିଥିଲେ। ମଡ୍‌ଲିଙ୍ଗ ଥ୍ରୁ ପ୍ରଥମରୁ ପ୍ରଭାବଶାଳୀ ଦେଖାଗଲେ ମଧ୍ୟ ଏହା ମୂଳ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଥାଏ। ୨୦୦୮ ପରେ ଜଗତୀକରଣରେ ଯୋଜନା ଓ ରଣନୀତିରେ ପରିବର୍ତ୍ତନ ଆବଶ୍ୟକ ଥିଲା। ଏହାକୁ ଅଧିକ ସ୍ୱଚ୍ଛ ଓ ସମାବେଶୀ କରିବା ପାଇଁ ବୈଶ୍ୱିକ ଚୁକ୍ତିର ନବୀକରଣ ଦରକାର ଥିଲା। କିନ୍ତୁ ତାହା ହୋଇପାରି ନ ଥିଲା। ମଡ୍‌ଲିଙ୍ଗ ଥ୍ରୁ ୨୦୧୬ ପର୍ଯ୍ୟନ୍ତ କାମ କରିଥିଲା। କିନ୍ତୁ କୋଭିଡ୍ ମହାମାରୀ ସମୟରେ ବିଶ୍ୱର ପ୍ରତିଷ୍ଠିତ ନେତାମାନଙ୍କ ପାଇଁ ଏହି ନୀତି ଲାଗୁ କରିବାକୁ ସୁଯୋଗ ରହିଲା ନାହିଁ। ସେବେଠାରୁ ବିଶ୍ୱନେତାଙ୍କ ପାଇଁ ଏହାର ଯଥାର୍ଥତା ଶେଷ ହୋଇଯାଇଛି।

ତେବେ ଆମେ ଶହେବର୍ଷର ପୁରୁଣା ଭୁଲ୍‌ର ପୁନରାବୃତ୍ତି କରି ଏକ ସଙ୍କଟକୁ ପତନରେ ପରିଣତ କରିବାକୁ ଚାହୁଁଛୁ କି? ଆମେ ପୁନର୍ବାର ଏବେ ମଡ୍‌ଲିଙ୍ଗ ଥ୍ରୁର ନିକଟତର ହେବାକୁ ଯାଉଛୁ କି? କାହାଣୀର ନବୀକରଣ ବିଫଳ ହୋଇଥିଲେ ବି ଇତିହାସରେ ଏଭଳି ଅଭିଯାନ ସବୁ ପରିପୂର୍ଣ୍ଣ ହୋଇ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସାମ୍ରାଜ୍ୟଗୁଡ଼ିକର ପତନ କରି ନୂଆ ବୈଶ୍ୱିକ ବ୍ୟବସ୍ଥା ଗଠନ କରିଥିଲା। ଟ୍ରମ୍ପଙ୍କ ଉତ୍‌ଥାନର ବହୁ ପୂର୍ବରୁ ଏହି ବିଶ୍ୱ ବ୍ୟବସ୍ଥାରେ ସମସ୍ୟା ରହିଥିଲା। ଏବେ ଆଣବିକ ପ୍ରସାର ପୁଣି ହୋଇଛି। ଅସମାନତା ବଢ଼ିଲା, ସବୁଜଗୃହ ବାଷ୍ପ ନିର୍ଗମନ ରୋକିବା ଚୁକ୍ତିଗୁଡ଼ିକରେ ବାଧା ସୃଷ୍ଟି କରାଯାଇଛି ଏବଂ ବୈଶ୍ୱିକ ବାଣିଜ୍ୟ ବ୍ୟବସ୍ଥା କ୍ଷମତାଶୂନ୍ୟ ହୋଇଯାଇଛି। ଦୋହା ବାଣିଜ୍ୟ ଚୁକ୍ତି ଶେଷ ହୋଇଗଲା। ବିଶ୍ୱ ବାଣିଜ୍ୟ ସଂଗଠନର ଚୁକ୍ତି କାମ କଲାନାହିଁ। ଯଦି ଆମେ ଏହି ତ୍ରୁଟିପୂର୍ଣ୍ଣ ଆନ୍ତଃ ନିର୍ଭରଶୀଳତା ସହ ସାଲିସ କରିବା ତେବେ ଆମେ ପୁନର୍ବାର ୨୦୦୮ର ପଦ୍ଧତିକୁ ଫେରିଯିବା। ଲିବରେଶନ ଡେ ପୂର୍ବରୁ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ନବୀକରଣ ବା ପୁନର୍ଗଠନ ଦରକାର। ଏହା ଯେତେଶୀଘ୍ର ହେଲେ ସେତେ ଭଲ ହେବ। ଏହି ପୁନର୍ଗଠନ ସୃଜନଶୀଳ ବିଚାରରୁ ଆରମ୍ଭ ହେବା ଆବଶ୍ୟକ।

**ଡାଇରେକ୍ଟର, ଗ୍ଲୋବାଲ ହିଷ୍ଟ୍ରି ଲାବ୍,**
**କେମ୍ବ୍ରିଜ ୟୁନିଭର୍ସିଟି**

# କେହି କାହାରିକୁ ଶିଖାନ୍ତି ନାହିଁ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଗୁରୁ ଟିକିଏ ନିଶ୍ଚୁପ ହୋଇ ନବାଗତଙ୍କ ଆଡ଼େ ଦୃଷ୍ଟିପାତ କରୁଥିଲେ। କିଛିକ୍ଷଣ ପରେ ନୀରବତା ଭଙ୍ଗ କରି ଗୁରୁ କହିଲେ– ବତ୍ସ! ତୁମେ ମୋ ପାଖକୁ ଆସିଛ, ତେଣୁ ମୁଁ ଏହାକୁ କୃପା ବୋଲି ସ୍ୱୀକାର କରୁଛି। ଯାହାଙ୍କ ଦ୍ୱାରା ତୁମେ ଏଠିକି ପ୍ରେରିତ ହୋଇଛ ତାଙ୍କର ତ ମୋ ପ୍ରତି ଅନୁଗ୍ରହ ରହିଛି। ମୁଁ କିଛି ଶିକ୍ଷା ପ୍ରଦାନ କରିପାରିବି ବୋଲି ସିଏ ମୋତେ ଯୋଗ୍ୟ ବିଚାରିଛନ୍ତି। କିନ୍ତୁ ମୁଁ ଜାଣେ ମୁଁ ଯାର ପାତ୍ର ନୁହେଁ। ମୋଠାରେ ଶିକ୍ଷା ଲାଭ କରିବା ଲାଗି କ'ଣ ଅଛି ଯେ? ମୁଁ ତ କାହାରିକୁ କିଛି ଶିଖାଇ ପାରେନି, କାରଣ ମୁଁ ନିଜେ ହିଁ ନିରନ୍ତର ଶିଖିଚାଲିଛି। ବାସ୍ତବ ଦୃଷ୍ଟି କୋଣରୁ ବିଚାରିଲେ, କେହି ଜଣେ ବି କାହାରିକୁ କିଛି ଶିଖାନ୍ତି ନାହିଁ, ଯାହା ବି ଶିକ୍ଷା ଲାଭ କରାଯାଏ ନିଜ ଅନ୍ତରର କୌଣସି ଉନ୍ମେଷରୁ ଶିଖାଯାଏ। ଏଥି ବ୍ୟତିରେକେ ଯାହାଙ୍କୁ ଗୁରୁର ଶ୍ରେୟ ମିଳେ ସିଏ କେବଳ ସେଇ ଉନ୍ମେଷର ନିମିତ୍ତମାତ୍ର। ନିମିତ୍ତମାତ୍ର ହେବା ପାଇଁ ଗୁରୁର କି ଆବଶ୍ୟକତା ଅଛି ଯେ?

ଏହାପରେ ନବଆଗନ୍ତୁକ ଜଣକ ମଥାନତ କରି କହିଲେ– ମୁଁ ତ ଏଠିକି ଆଗମନ କରିବା ପୂର୍ବରୁ ମନେ ମନେ ଆପଣଙ୍କୁ ମୋର ଗୁରୁ ରୂପେ ସ୍ୱୀକାର କରିସାରିଛି। ଏଣିକି ଆପଣଙ୍କର ଯେମିତି ଆଦେଶ ହୋଇପାରେ। ଗୁରୁ ପୁନଶ୍ଚ କହିଲେ– ଯାହା ତୁମର ଇଚ୍ଛା ବତ୍ସ। ଏଇଠି ଗୃହ, ଅଧ୍ୟୟନ ଓ ଚିନ୍ତନ ସକାଶେ ଯେମିତି ସୁବିଧା ତୁମର ଆବଶ୍ୟକ ଅଛି ଏଇଠୁ ହି ପାଇପାରିବ। ଗୁରୁ ଥରୁଟିଏ ମୁହଁ ଉଠେଇ ଚାରିଆଡ଼େ ଦୃଷ୍ଟି ପହଁରାଇ ଆଣିଲେ। ତା' ପରେ ନିର୍ବିକାର ଚିତ୍ତରେ କହିଲେ – ଏ ସବୁ ହିଁ ଏଇଠି ଅଛି। ଦେଖ ଶୁଣ, ଇଚ୍ଛା ହେଲେ ଚିନ୍ତନ କର ଯେତିକି ପାର ଆନନ୍ଦ ପ୍ରାପ୍ତକର। ଆଚ୍ଛା, କ'ଣ ଦେଖିଲ? ଗୁରୁଦେବ! ମୁଁ ପକ୍ଷୀଟିଏ ଦେଖିଲି, ଖୁବ୍ ସୁନ୍ଦର ପକ୍ଷୀ। ଆଉ, ମୋର ମନ ହେଉଥିଲା ମୁଁ ବି ଯଦି ଏମିତି ପକ୍ଷୀଟିଏ ହୋଇଥାନ୍ତି ତେବେ ଅସୀମ ସୁନୀଳ ଆକାଶ ଛାତିରେ ଡେଣା ଝାଡି ଉଡ଼ି ବୁଲନ୍ତି ଓ ଦୂରଦୂରାନ୍ତର ବିଚରଣ କରନ୍ତି।

ଗୁରୁ ଟିକିଏ ସ୍ଥିର ଦୃଷ୍ଟିରେ ନବ ଯୁବକ ଆଡ଼କୁ ଚାହିଁ କହିଲେ – ଇଏ ତ ଗୋଟିଏ ବେଇମାନ। ଯାଅ, ଆହୁରି ନିରୀକ୍ଷଣ କର, ଯେତିକି ହୋଇପାରେ ଆନନ୍ଦ ଲାଭକର। କୁହ ତ, ଏଥର କ'ଣ ଦେଖିଲ? ଗୁରୁଦେବ ମୁଁ ଗୋଟାଏ ବିରାଟ ସୁନ୍ଦର ପକ୍ଷୀଟିଏ ଦେଖିଲି। ଏମିତି ତ ଗୋଟିଏ ଅଦ୍ୱିତୀୟ ଖୁବ୍ ସୁନ୍ଦର ପକ୍ଷୀ। ତା'ପରେ ମୋର ମନେ ହେଉଥିଲା କୌଣସି ପ୍ରକାରେ ତାକୁ ଧରିନେଇ ପଞ୍ଜୁରିବଦ୍ଧ କରିନିଅନ୍ତି ଯେ ସେ ସର୍ବଦା ମୋ ପାଖରେ ରହନ୍ତା, ଆଉ ମୁଁ ତାକୁ ଦେଖାକରନ୍ତି। ଗୁରୁ କହିଲେ–ଛାଡ, କିଛି ତ ଦେଖିଲ ନା? ବେଶି ସିନା ସତ୍ୟତା ଅଛି; କିନ୍ତୁ ଏବେ ଜ୍ଞାନ ହୋଇନି। ଯାଅ, ପୁଣି ଦେଖି ଶୁଣ, ଯେତିକି ପାରୁଛ ଗ୍ରହଣ କର। କ'ଣ ଦେଖିଲ,? ମୁଁ ପକ୍ଷୀଟିଏ ଦେଖିଲି। ସେମିତି ମୁଁ ଅନ୍ୟକୁ ଦେଖିଲିନି। କଳ୍ପନା ବି କରି ପାରିବିନି ଯେ ଭବିଷ୍ୟତରେ ଏଭଳି ସୁନ୍ଦର ପକ୍ଷୀଟିଏ ବି ଥାଇପାରେ। ତା'ପରେ? ଶିଷ୍ୟ ଉତ୍ତର ଫେରାଇଲେ–ଆଉ କିଛି ନାହିଁ, ଗୁରୁଦେବ। ମୁଁ ତାକୁ ହିଁ ଦେଖି ଚାଲିଛି। ମୁଁ ସ୍ୱତଃପ୍ରବୃତ୍ତ ହୋଇ କହିଲି, ଏ ପକ୍ଷୀଟି ଅଛି, ଏ ସୁନ୍ଦର, ଏ ଅପ୍ରତିମ। ତା'ପରେ ସେ ଉଡିଗଲା। ମୁଁ ଆପଣାଛାଏ କହିଲି, ମୁଁ ଦେଖୁଥିଲି, ସେ ସୁନ୍ଦର ଥିଲା ଓ ଅପ୍ରତିମ ଥିଲା ଓ ସେ ଉଡିଗଲା; କିନ୍ତୁ ମତେ ସେ ପକ୍ଷୀରୁ କ'ଣ ମିଳିଲା? ତା' ଜୀବନ ତା'ର। ଏହା ପରେ ମୁଁ ନିଷ୍ଭ୍ରାନ୍ତ ହୋଇଗଲି।'

ଗୁରୁ ସ୍ଥିର ଦୃଷ୍ଟିରେ ଶିଷ୍ୟଙ୍କୁ ଚାହିଁ ରହିଥିଲେ। ନା ସେ ଦୃଷ୍ଟିର ଉନ୍ମୁକ୍ତ ପଣରେ କୌଣସି ନ୍ୟୂନତା ଥିଲା ନା ତା'ର ରହସ୍ୟମୟତା। ପୁଣି ତାଙ୍କ ମୁଖମଣ୍ଡଳରେ ହଠାତ୍ ଏକ ବାତ୍ସଲ୍ୟପୂର୍ଣ୍ଣ ସ୍ମିତି ଫୁଟିଆସିଲା ଆଉ ସେ କହିଲେ– ତା'ହେଲେ ତୁମେ ଦେଖିନେଲ,ଏତେ ଜ୍ଞାନ। ତା'ଠୁ ବେଶି କିଛି ମୋଠାରୁ ଶିଖିବାର ନାହିଁ। ଇଏ ବି ମୋ ପାଶେ ନାହିଁ, ସର୍ବତ୍ର ବିଛେଇ ହୋଇଯାଇଛି। ମୁଁ କହିଥିଲି ନା କେହି କାହାରିକୁ କିଛି ଶିଖାଇ ନ ଥାଏ। ଉନ୍ମେଷ ଭିତରୁ ହିଁ ହୁଏ। ଗୁରୁ ନିମିତ୍ତମାତ୍ର ହୋଇପାରନ୍ତି; କିନ୍ତୁ ନିମିତ୍ତମାତ୍ର ତ କିଛି ବି ହୋଇପାରେ। ମୋଟାମୋଟି କହିବାକୁ ଗଲେ, ଜ୍ଞାନପ୍ରାପ୍ତି କରିବାର କୌଣସି ନିର୍ଦ୍ଦିଷ୍ଟ ବୟସସୀମା ନାହିଁ। ଏମିତି ତ ନୁହେଁ ଯେ ଆମେ ବହିପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା ସମାପ୍ତି ହେବାକ୍ଷଣି ଜ୍ଞାନ ଆହରଣ କରିପାରିବା। ସମଗ୍ର ଜୀବନ–ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବାର ପ୍ରକ୍ରିୟା ଜାରିରୁହେ। ଆମେ ବହି ନ ଓଲଟେଇଲେ ବି ଶିକ୍ଷାଲାଭ କରନ୍ତି। ଏଥିପାଇଁ କେବଳ ନିଜ ଚାରିପଟେ ଅବଲୋକନ କରିବାର ଆବଶ୍ୟକତା ରହିଛି। ଏହିପରି ଆମେ ପ୍ରତିଟି ମୁହୂର୍ତ୍ତରେ କିଛି ନା କିଛି ଶିଖିପାରିବା।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର**
**ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର**
**ମୋ:୯୪୩୮୩୩୨୧୩୮**

## ଏଇ ଭାରତରେ

୫୦୦ ବର୍ଗଫୁଟ ଜାଗାରେ ପରିବା ଚାଷ କରି କେରଳର ପଦ୍ମା ସୁରେଶ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି। ସେ ପରିବା ବିକ୍ରି କରି ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି। ୨୦୦ ଗ୍ରୋ–ବ୍ୟାଗରେ ସେ ଲଙ୍କା, ଚେରି ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରୁଛନ୍ତି। ସେ ପରିବାର ପାଇଁ କେବଳ ଆଳୁ, ରସୁଣ, ପିଆଜ, ହଳଦୀ ବଜାରରୁ କିଣୁଛନ୍ତି। ପଦ୍ମା ପ୍ରତି ରବିବାର ପରିବା ବିକ୍ରି କରିବାକୁ ବଜାରକୁ ଯାଉଛନ୍ତି। ସେ ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଏହାକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି। ପଦ୍ମାଙ୍କ ବୟସ ଏବେ ୪୮। ସେ ପିଲାଦିନେ ସ୍କୁଲରେ ପଢିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷିରେ କଟାଉଥିଲେ। କୃଷି ପ୍ରତି ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ କରିବା ପରେ ଅଗଣାରେ ଗ୍ରୋ–ବ୍ୟାଗରେ ଚାଷ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୨୫ ଏପ୍ରିଲ ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ କେତେକ ଜିନିଷପତ୍ର ଉପରୁ ବିକ୍ରି ଟିକସ ଛାଡ଼ କରିଛନ୍ତି।
- ନାଗପୁର ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ଅଜୟ ମିତ୍ର ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଉମର ତହସିଲର ମଣ୍ଡଳ ନାମକ ଗ୍ରାମରେ ଖନନ କରାଯାଇ ୪ର୍ଥ, ୫ମ ଶତାବ୍ଦୀର ଶିବ ମନ୍ଦିରର ଅଂଶବିଶେଷ ଓ ତାମ୍ରଲିପି ଆବିଷ୍କୃତ।

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 1 | | 8 | | |
| | | | | | | | 7 | |
| | | | | 9 | | | 3 | |
| 7 | | | | 4 | 2 | | | 1 |
| 9 | 2 | 4 | | | | | | 7 |
| | 1 | | | | 7 | 6 | | |
| | | 2 | | | | | | |
| | | 5 | 3 | | 4 | | 2 | |
| 3 | 4 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 9 | 4 | 1 | 3 | 5 | 8 |
| 5 | 9 | 8 | 3 | 6 | 7 | 1 | 4 | 2 |
| 4 | 1 | 3 | 5 | 8 | 2 | 7 | 6 | 9 |
| 8 | 4 | 7 | 6 | 2 | 5 | 9 | 3 | 1 |
| 2 | 5 | 9 | 1 | 3 | 8 | 6 | 7 | 4 |
| 1 | 3 | 6 | 4 | 7 | 9 | 8 | 2 | 5 |
| 3 | 2 | 1 | 8 | 5 | 6 | 4 | 9 | 7 |
| 9 | 7 | 4 | 2 | 1 | 3 | 5 | 8 | 6 |
| 6 | 8 | 5 | 7 | 9 | 4 | 2 | 1 | 3 |

ଗତକାଲିର ଉତ୍ତର


# ସଂସାରର ବିଜ୍ଞାନ ତତ୍ତ୍ୱ



ଡ.ନରେନ୍ଦ୍ର ସେଠୀ

ଆମେ ଆମ ଚାରିପାଖରେ ଯେଉଁସବୁ ଘଟଣା ଦେଖୁଛେ ତାହା ସବୁ ବିଜ୍ଞାନର କିଛି ମୌଳିକ ନିୟମ ଅନୁସାରେ ଘଟିଥାଏ। ସୂର୍ଯ୍ୟଙ୍କ ଉଦୟ ଏବଂ ଅସ୍ତ ହେବା, ଋତୁ ପରିବର୍ତ୍ତନ ହେବା, ଗାଡ଼ିରେ ବ୍ରେକ୍ ମାରିବା ପରେ କିଛି ବାଟ ଯାଇ ଅଟକିବା, ବଟିକା ଖାଇବା ଦ୍ୱାରା ମୁଣ୍ଡ ବିନ୍ଧା ଠିକ୍ ହେବା, ଉଡ଼ାଜାହାଜ ନିରାପଦରେ ଅବତରଣ କରିବା ଇତ୍ୟାଦି ସବୁ ବିଜ୍ଞାନର ନିୟମ ଅନୁସାରେ ହୋଇଥାଏ। ଏହିସବୁ ନିୟମ ହେଲା ମାଧ୍ୟାକର୍ଷଣ ନିୟମ, ଶକ୍ତି ସଂରକ୍ଷଣ ନିୟମ, ସଂବେଗ ସଂରକ୍ଷଣ ନିୟମ, ଗତି ଓ ଉଷ୍ମଗାତିକ ନିୟମ। ଏହିସବୁ ନିୟମ ପଦାର୍ଥ ବିଜ୍ଞାନର ଶାସ୍ତ୍ରୀୟ ନିୟମ। ଧରନ୍ତୁ ଆପଣ ଜଣେ ବ୍ୟକ୍ତି ଓ ଆପଣଙ୍କ ବୟସ ୪୫ ବର୍ଷ କିନ୍ତୁ ଯଦି ଏକ ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ନେଇ ଆପଣଙ୍କ ଶରୀରକୁ ନିରୀକ୍ଷଣ କରାଯାଏ, ତା'ହେଲେ ଆପଣଙ୍କ ଦେହରେ ୫୦ ଲକ୍ଷ କୋଟି କୋଷ ପରସ୍ପର ସହିତ ତାଳ ଦେଇ ଅନେକ କାର୍ଯ୍ୟ କରୁଛନ୍ତି। ଆହୁରି ତର୍ଜମା କଲେ ପାଇବେ ଗୋଟିଏ କୋଷ ଭିତରେ ୨୦ ଲକ୍ଷ କୋଟି ପରମାଣୁ ଅଛି। ଏଣୁ ଆପଣ ଜଣେ ୪୫ ବର୍ଷ ବ୍ୟକ୍ତି ବଦଳରେ ଅନେକ ଅଲଗା ଅଲଗା କାର୍ଯ୍ୟ କରି ଶରୀରକୁ ରୂପ ଦେଇଥିବା ୧୦୦୦ ଲକ୍ଷ କୋଟି ପରମାଣୁର ଏକ ବାସସ୍ଥାନ। ଯଦି ବିଜ୍ଞାନ ଦୃଷ୍ଟିରେ ଆହୁରି ସୂକ୍ଷ୍ମ ରୂପରେ ଦେଖାଯାଏ ତା'ହେଲେ ପ୍ରତ୍ୟେକ ପରମାଣୁ ଭିତରେ ଇଲେକ୍ଟ୍ରୋନିକ ପ୍ରୋଟୋନ ଅଛନ୍ତି ଓ ଏସବୁ ଆଲୋକ ବେଗରେ ଗତି କରୁଛନ୍ତି। ଅର୍ଥାତ୍ ଆମର ଶରୀର ଆଲୋକ ବେଗରେ ଗତି କରୁଥିବା ସୂକ୍ଷ୍ମ ଶକ୍ତିଶାଳୀ କଣିକାଗୁଡିକର ସମାହାର। ଯଦିଓ ଆମ ଚାରିପଟର ସଂସାର ଏହି ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନର ନିୟମ ଅନୁସାରେ ଚାଳିତ, ଆଶ୍ଚର୍ଯ୍ୟ କଥା ହେଲା ସଂସାରର ଯେଉଁ ଛୋଟ ଛୋଟ କଣିକା ଦ୍ୱାରା ନିର୍ମିତ ଯେମିତିକି କାର୍କ, ଫୋଟୋନ, ଇଲେକ୍ଟ୍ରୋନ, ପ୍ରୋଟୋନ, ନିୟୁଟ୍ରୋନ ଏହି ଶାସ୍ତ୍ରୀୟ ନିୟମକୁ ମାନନ୍ତି ନାହିଁ।

ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନ ଅଣୁ ପରମାଣୁ ସ୍ତରରେ ଅକାମୀ ହୋଇଯାଏ। ଏହିସବୁ ଛୋଟ ଛୋଟ କଣିକା କ୍ୱାଣ୍ଟମ ବିଜ୍ଞାନ ଦ୍ୱାରା ପରିଚାଳିତ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନ ଆଧୁନିକ ଯୁଗର ଏକ ସଦ୍ୟତମ ଓ ରହସ୍ୟମୟ ବିଜ୍ଞାନ। ଏହି ବିଜ୍ଞାନ ଅନୁସାରେ ବିଶ୍ୱର ସମସ୍ତ ପଦାର୍ଥ ତରଙ୍ଗ ଭଳି ବ୍ୟବହାର କରନ୍ତି। ତାହାର ମାନେ ହେଲା ଆମେ ଯେତେ ସବୁ ଜିନିଷ ଦେଖୁଛେ ସବୁ ତରଙ୍ଗମୟ ଓ ସବୁ ଜିନିଷର ପାଣିର କିମ୍ବା ପବନର ଢେଉ ସଦୃଶ ଏକ ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟ ଅଛି। ତରଙ୍ଗ ହେଲା ଏକ ଅଶାନ୍ତ ଅବସ୍ଥା ଯାହା ପଦାର୍ଥ, ପବନ କିମ୍ବା ପାଣିରେ ଶକ୍ତିକୁ ନେଇ ଯାତ୍ରା କରିଥା। ପାଣିର ଢେଉ, ଶବ୍ଦ ତରଙ୍ଗ, ରେଡିଓ ତରଙ୍ଗ ଇତ୍ୟାଦି ସବୁ ଏକ ଏକ ତରଙ୍ଗ ଅଟନ୍ତି। ୧୭୦୪ ରେ ଆଇଜାକ ନିୟୁଟନ 'ଅପ୍ଟିକ' ନାମକ ଏକ ପୁସ୍ତକ ରଚନା କରି କହିଲେ, ଆଲୋକ ହେଉଛି କଣିକାମାନଙ୍କର ଏକ ସମୂହ। ଏହାର ଠିକ୍ ଶହେ ବର୍ଷ ପରେ ୧୮୦୧ରେ ଥୋମାସ ୟଙ୍ଗ ନାମକ ଆଉଜଣେ ବୈଜ୍ଞାନିକ ତାଙ୍କର ବିଶ୍ୱ ପ୍ରସିଦ୍ଧ 'ଡବଲ ସ୍ଲିଟ ପରୀକ୍ଷା' ଦ୍ୱାରା ଆଲୋକ ଏକ ତରଙ୍ଗ ବୋଲି ପ୍ରମାଣିତ କରିଦେଲେ। ତେଣୁ



ଆଲୋକକୁ କଣିକା ପରିବର୍ତ୍ତେ ତରଙ୍ଗର ବୋଲି ବିଜ୍ଞାନ ମାନିବାକୁ ବାଧ ହେଲା। କିନ୍ତୁ ଏହାର ଶହେ ବର୍ଷ ପରେ ଆଲବର୍ଟ ଆଇନଷ୍ଟାଇନ ତାଙ୍କର ଯୁଗାନ୍ତକାରୀ ଗବେଷଣାକୁ ୧୯୦୫ ରେ ପ୍ରକାଶିତ କରି ଚହଳ ସୃଷ୍ଟି କରିଦେଲେ। ସେ ପରୀକ୍ଷା କରି ପ୍ରମାଣିତ କରିଦେଲେ ଯେ ଆଲୋକ ଯଦି କୌଣସି ଧାତୁ ଉପରେ ପଡ଼େ ତା'ହେଲେ ଏହା ଧାତୁର ପରମାଣୁରୁ ଇଲେକ୍ଟ୍ରୋନଗୁଡିକୁ ବାହାର କରିବାରେ ସକ୍ଷମ ହୋଇଥାଏ। ଆଲୋକର କଣିକା ଧାତୁର ଅଣୁକୁ ଶକ୍ତି ପ୍ରଦାନ କରିବାରୁ ଏହିପରି ହୋଇଥାଏ ଓ ଏହାକୁ 'ଫଟୋ ଇଲେକ୍ଟ୍ରିକ ଇଫେକ୍ଟ' କୁହାଯାଏ। ଆଇନଷ୍ଟାଇନ ଏଥିପାଇଁ ନୋବେଲ ପୁରସ୍କାର ପାଇଲେ ଓ ଆଲୋକ ଉଭୟ ଆଲୋକ ଓ କଣିକାର ପ୍ରକୃତି ବହନ କରେ ବୋଲି ବିଜ୍ଞାନ ମାନିବାକୁ ବାଧ ହେଲା। କିନ୍ତୁ ୧୯୬୪ରେ କ୍ଲସ ଜନ୍‌ସନ ନାମକ ଜଣେ ବୈଜ୍ଞାନିକ ଇଲେକ୍ଟ୍ରୋନ ମଧ୍ୟ ଆଲୋକ ପରି ଉଭୟ କଣିକା ଓ ତରଙ୍ଗ ଭାବରେ ବ୍ୟବହାର କରେ ବୋଲି ପ୍ରମାଣିତ କରିଦେଲେ। ତାଙ୍କ ଗବେଷଣାରେ ଜଣାପଡିଲା ଯେ ଇଲେକ୍ଟ୍ରୋନକୁ ଦେଖିଲେ ତାହା କଣିକା ପରି ଓ ନ ଦେଖିଲେ ତାହା ତରଙ୍ଗ ପରି ବ୍ୟବହାର କରୁଅଛି। ଏହା ବିଶ୍ୱର ସମସ୍ତ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କଲା ଓ ଏହାକୁ ପର୍ଯ୍ୟବେକ୍ଷକ ପ୍ରଭାବ କୁହାଗଲା।

ବିଜ୍ଞାନର ଏହି ତଥ୍ୟ କ୍ୱାଣ୍ଟମ ପଦାର୍ଥ ବିଜ୍ଞାନକୁ ଜନ୍ମ ଦେଇଥିଲା। ପରେ ଜଣାଗଲା ବିଶ୍ୱର ସବୁ ସୂକ୍ଷ୍ମ କଣିକା ଯେମିତିକି ପ୍ରୋଟୋନ, ନିୟୁଟ୍ରୋନ ସମସ୍ତେ ତରଙ୍ଗ ଭଳି ପ୍ରକୃତି ଧାରଣ କରନ୍ତି। ତାହାର ମାନେ ହେଲା ଏହି ସଂସାର ଯେଉଁ ସୂକ୍ଷ୍ମ ତତ୍ତ୍ୱ ଦ୍ୱାରା ନିର୍ମିତ ସେସବୁ ଏକା ସମୟରେ ତରଙ୍ଗ ଓ କଣିକା। ପର୍ଯ୍ୟବେକ୍ଷକ ପ୍ରଭାବ ଅନୁସାରେ ସଂସାରର ସବୁ ଜିନିଷ ତରଙ୍ଗ ଭଳି ବ୍ୟବହାର କରନ୍ତି ଓ ଏହାକୁ ଦେଖିଲା ମାତ୍ରେ ପଦାର୍ଥ କଣିକା ପରି ବ୍ୟବହାର କରିଥାଏ। କ୍ୱାଣ୍ଟମ ବିଜ୍ଞାନରେ ପଦାର୍ଥର ଏହି ଗୁଣର ପ୍ରକୃତ କାରଣକୁ ଏପର୍ଯ୍ୟନ୍ତ ପାଇପାରିନାହିଁ।

ବିଜ୍ଞାନର ଏହି ତଥ୍ୟ ଆଉ ଏକ ରହସ୍ୟ ଉନ୍ମୋଚନ କଲା ଯେ ଆମର ଚାରିପାଖର ଦୁନିଆକୁ ଯେପର୍ଯ୍ୟନ୍ତ ଆମେ ନ ଦେଖୁଛେ ସେ ପର୍ଯ୍ୟନ୍ତ ତାହା ବୋଧେ ସେଠି ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ତତ୍ତ୍ୱ ଅନୁସାରେ ଏହିସମଗ୍ର ସଂସାର ସୂକ୍ଷ୍ମ ସ୍ତରରେ ଶକ୍ତିତରଙ୍ଗମାନଙ୍କ ଦ୍ୱାରା ନିର୍ମିତ ଓ ଯେବେ କେହି ଏହି ତରଙ୍ଗମାନଙ୍କୁ ଦେଖିବାକୁ ଚେଷ୍ଟା କରେ ଏହି ଶକ୍ତି ତରଙ୍ଗ ପଦାର୍ଥର ରୂପ ଧାରଣ କରିନେଇଥାଏ। ଏହାର ଅର୍ଥ ହେଲା ସମଗ୍ର ବିଶ୍ୱ ଏକ ମିଥ୍ୟା ପ୍ରହେଳିକାପୂର୍ଣ୍ଣ ଓ ଯାହା ଆମେ ଦେଖୁଛେ ଓ ଅନୁଭବ କରୁଛେ ସବୁ ମିଛ। ଅନ୍ୟ ଅର୍ଥରେ ବାସ୍ତବିକତା ଏକ ଭ୍ରମ ମାତ୍ର ଓ ଏହା କେବେଳ ସତ ଲାଗେ ଆମେ ଯେତେବେଳ ଏହାକୁ ଦେଖୁ। ଅର୍ଥାତ୍ ଆମ ଦେଖିବା ଓ ନ ଦେଖିବା ଉପରେ ଜିନିଷର ଅବସ୍ଥିତି ନିର୍ଭର କରେ ବା ଆମେ ନ ଦେଖିଲା ସମୟରେ ହୁଏତ ଜିନିଷ ଭଳି କିଛି ବସ୍ତୁ ନ ଥାଏ। କ୍ୱାଣ୍ଟମ ପଦାର୍ଥ ବିଜ୍ଞାନର ଏହି ତଥ୍ୟ ଅନୁସାରେ ସଂସାରର ସବୁ ଜିନିଷ ମିଛ ବା ମାୟା ସଦୃଶ। ଆଧୁନିକ ବିଜ୍ଞାନର ତିନିଶହ ବର୍ଷର ଗବେଷଣା ହିନ୍ଦୁ ଧର୍ମଶାସ୍ତ୍ରର ଅନେକ ବର୍ଷ ତଳୁ ଉଲ୍ଲେଖ ଅଛି ଛାନ୍ଦୋଗ ଉପନିଷଦ, ଋଗ୍ ବେଦ, ଯଜୁର୍ବେଦ ଓ ବ୍ରହ୍ମ ସଂହିତା ଇତ୍ୟାଦିରେ ସମଗ୍ର ସଂସାର ଶବ୍ଦ ଶକ୍ତିରୁ ଉତ୍ପନ୍ନ ବୋଲି କୁହାଯାଏ। ଭଗବଦ୍ ଗୀତାର ୨୬ ଅଧ୍ୟାୟର ୩୨ ତମ ଶ୍ଳୋକରେ କୁହାଯାଇଛି 'ଶବ୍ଦମାତ୍ରମ ଭୂତସ୍ୱାନ୍ନଭଃ' ଯାହାର ଅର୍ଥ ହେଲା ଶବ୍ଦ ତରଙ୍ଗ ଯୋଗୁ ସଂସାରରେ ସବୁ ପଦାର୍ଥର ସୃଷ୍ଟି ହୋଇଛି। ବିଜ୍ଞାନ ଓ ଅଧ୍ୟାତ୍ମ କେବେ ଅଲଗା ହୋଇ ନ ପାରେ।

**ଯାଦୁଗୁଡା, ଝାଡଖଣ୍ଡ**
**ମୋ:୭୦୦୪୦୬୮୧୧୦**

## ଚିରନ୍ତନୀ

ପୀରତି କୀରତି ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁଠୁ ଭଲ!
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖଣି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,
ରାଜ୍ୟର ଖଣି ବହୁଳ ଜିଲାରୁ କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ବେଳେ ବାଧ୍ୟତାମୂଳକ ସିଏସ୍ଆର୍ ପାଣ୍ଠିକୁ ବିନିଯୋଗ କରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରୁନାହିଁ। ବିଶେଷକରି ସରକାରୀ ନିୟମ ତଥା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଖଣି କମ୍ପାନୀଗୁଡ଼ିକ ଆଗ୍ରହ ପ୍ରକାଶ କରୁ ନ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସମର୍ଥ ହେଉ ନାହାନ୍ତି। ଫଳରେ ଅଞ୍ଚଳବାସୀଙ୍କ ଜୀବନଧାରଣମାନରେ ଉନ୍ନତି ହେଉନାହିଁ। ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। କମ୍ପାନୀଗୁଡ଼ିକ ମନଇଚ୍ଛା ଖଣିଜ ପଦାର୍ଥ ଲୁଟ୍ କରି ନିଜସ୍ୱ ପାଣ୍ଠିକୁ ବୃଦ୍ଧି କରି ଚାଲିଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଖଣି କମ୍ପାନୀ ପ୍ରତି ରାଜ୍ୟ ସରକାର ଆଖିବୁଜି ଦେଉଛନ୍ତି ବୋଲି ଧାରଣା ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁ ନ ଥିବା ଏହି ଖଣି କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠା ହେଉ।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# କ୍ଷମତା ବିକେନ୍ଦ୍ରୀକରଣକୁ ସୂଚାଏ ପଞ୍ଚାୟତିରାଜ ବ୍ୟବସ୍ଥା

■ ନବରଙ୍ଗପୁରରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ
■ ନୂତନ ରାଶନ କାର୍ଡ ବିତରଣ, ଉତ୍ତମ ପଞ୍ଚାୟତକୁ ଆର୍ଥିକ ପୁରସ୍କାର

ନବରଙ୍ଗପୁର,୨୪।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟ ଏବଂ ପଞ୍ଚାୟତ ସମିତି, ନବରଙ୍ଗପୁର ସୌଜନ୍ୟରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ନୂତନ ରାଶନ କାର୍ଡ ପ୍ରଦାନ,ଉତ୍ତମ ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ଓ ଉତ୍ତମ ପୁଷ୍ଟି ପଞ୍ଚାୟତକୁ ଅର୍ଥରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଏମ୍‌ପି ପ୍ରତିନିଧି ଜ୍ୟୋତିରଞ୍ଜନ କଂସ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ ତମ ସଂଶୋଧନ ବଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଦେଶରେ ପ୍ରଚଳିତ ହୋଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ, ନିର୍ବାଚିତ ପ୍ରତିନିଧିଙ୍କ ଓ ସାଧାରଣ ଲୋକଙ୍କ ଭାଗୀଦାରିକୁ ଉଲ୍ଲେଖକରି ସାରା ଦେଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହେଉଛି। ରାଜ୍ୟ ସରକାର 'ବିକଶିତ ଓଡ଼ିଶା ବିକଶିତ ଭାରତ' ଲକ୍ଷ୍ୟରେ ପଞ୍ଚାୟତ, ବ୍ଲକ୍, ଜିଲାସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଉଥିବା ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ଭାଜପା ସରକାରଙ୍କ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ସୁଭଦ୍ରା ଯୋଜନା, ଧାନ ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଏବଂ ସବ୍‌ସିଡି ପ୍ରଦାନ ଉପରେ ସେ କହିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସ୍ତରରୁ ବିକାଶର ଶିଡ଼ି ଆରମ୍ଭ ହୋଇଥାଏ। ପଞ୍ଚାୟତସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ ଯୋଗୁ ବିକଶିତ ଓଡ଼ିଶା ୨୦୩୬ ର ଲକ୍ଷ୍ୟଧାର୍ଯ୍ୟକୁ ଆମେ ନିଶ୍ଚୟ ଉପଲବ୍ଧି କରିବା ବୋଲି ବିଧାୟକ ମାଝୀ କହିଥିଲେ।

ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଛି। ଇ-କେୱାଇସି ମାଧ୍ୟମରେ ଆବେଦନକାରୀ ପରିବାର ନୂତନ ରାଶନ କାର୍ଡ ପାଇପାରିବେ। ଜିଲାରେ ୧୦,୭୨୦ ନୂତନ ରାଶନ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୯୯୫ ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ୫୫୪ ପରିବାର ନୂତନ ରାଶନ କାର୍ଡ ପାଇବାକୁ ହକ୍‌ଦାର ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ୧୨ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କରିଛନ୍ତି। ୧୦ ଉତ୍ତମ ପଞ୍ଚାୟତ କୁରାଜେବା, କୁନ୍ଦେଇ, ମହଣ୍ଡ, ହାତୀଗାଁ, ଭାମନି, ଡଙ୍ଗରିଗୁଡ଼ା, ଚୋଚୋରାଗୁଡ଼ା, ବୋରିଗାଁ, ନାକଟିଶିମୁଡ଼ା, ଚନ୍ଦାହାଣ୍ଡି ପଞ୍ଚାୟତକୁ ମୋଟ ୫୯,୯୦,୩୩୩ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଉତ୍ତମ ପୁଷ୍ଟି ପଞ୍ଚାୟତଭାବେ ଡଙ୍ଗରିଗୁଡ଼ା ପଞ୍ଚାୟତକୁ ୫୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ଦିଆଯାଇଛି। କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ, ଜିଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଡିଆଇପିଆର୍‌ଓ ନୋଜ କୁମାର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା, ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଭାରପ୍ରାପ୍ତ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ଆୟୋଜନ ଓ ସଭା ସଞ୍ଚାଳନ କରିଥିଲେ।


ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କଠାରୁ ମହଣ୍ଡ ସରପଞ୍ଚ ପ୍ରୋତ୍ସାହନ ରାଶି ଗ୍ରହଣ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ


ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମନୋହର ରନ୍ଧାରୀ ଓ ଅନ୍ୟ ଅତିଥିମାନେ।

ତେନ୍ତୁଳିଖୁଣ୍ଟି/ ଡାବୁଗାଁ, ୨୪।୪
(ଚିଦାନନ୍ଦ ସାହୁ/ ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପୁରୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

ତେନ୍ତୁଳିଖୁଣ୍ଟି ସଦର ମହକୁମା ମେଘମାଳ ତୋଟାରେ ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟିରେ ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷା ନୀଳାଦ୍ରି ନାୟକ ସମ୍ମାନିତ ଅତିଥି ଓ ଏମ୍‌ପି ପ୍ରତିନିଧି ସନ୍ତୋଷ ପାତ୍ର, ୨ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଓ ଅଭିମନ୍ୟୁ ହରିଜନ, ପୂର୍ବତନ ଜିଲା ସଭାପତି ଜଗଦୀଶ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ମନୋଜ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ରାଶନ କାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରଣୀଧର ସିଂ, ସୁବାସ ନାୟକଙ୍କ ସମେତ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏବିଡିଓ କୃପାସିନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ଶ୍ରୀନିବାସ କଲ୍ୟାଣ ମଣ୍ଡପରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନର ସିଧା ପ୍ରସାରଣ ଲୋକେ ଦେଖିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ୨୩ ଜଣଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ଅତିଥିଭାବେ ଉପସ୍ଥିତ ଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟାଭ୍ୟ ଓ ବହୁ ଜନସାଧାରଣ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/Engg.-1/2025, ତା.18.04.2025ରିଖ
ଟେଣ୍ଡର ସଂ. 40255431A
ସାମଗ୍ରୀର ବିବରଣୀ: ଥିକ୍ ୱେବ୍ ସ୍ୱିଚ୍ ନିମନ୍ତେ ୱେଜ୍ (Wedge) T-6305।
ଟେଣ୍ଡର ମୂଲ୍ୟ: ₹ 63,62,796.00, EMD @ 2%: ₹ 1,27,260/-
ଟେଣ୍ଡର ସଂ. 40255401B
ସାମଗ୍ରୀର ବିବରଣୀ: 60KG ରେଲ୍ସ ନିମନ୍ତେ ଏଟି ଫିସ୍ ପ୍ଲେଟ୍ (Fish Plate)।
ଟେଣ୍ଡର ମୂଲ୍ୟ: ₹ 50,02,444.80, EMD @ 2%: ₹ 1,00,050/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.05.2025ରିଖ 1500 ଘଟିକାରେ।
(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/Engg.-2/2025, ତା.18.04.2025ରିଖ
ଟେଣ୍ଡର ସଂ. 40255419A
ସାମଗ୍ରୀର ବିବରଣୀ: ଗାଲଭାନାଇଜଡ (Galvanised) ପ୍ଲେଟ୍।
ଟେଣ୍ଡର ମୂଲ୍ୟ: ₹ 60,58,284.80, EMD @ 2%: ₹ 1,21,010/-
ଟେଣ୍ଡର ସଂ. 40255423A
ସାମଗ୍ରୀର ବିବରଣୀ: ରେଲ୍ କ୍ଲିପ୍ T-6310।
ଟେଣ୍ଡର ମୂଲ୍ୟ: ₹ 72,55,820.00, EMD @ 2%: ₹ 1,45,120/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ। କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-65/Q/25-26

**SAMBALPURI BASTRALAYA HLCS LTD.**
AT/PO/DIST.: BARGARH, ODISHA, PIN-768 028
HT&H Department, Govt. of Odisha

No.703 **TENDER CALL NOTICE** Dt.23.04.2025

Since the required number of sealed tenders/quotations are not received within the stipulated time, the submission of Sealed tenders/ quotation is invited from reputed Manufacturer / Authorized Supplier for supply of one Boiler for installation of the same at our Dye House Sambalpuri Bastralaya HLCS Ltd., Bargarh alongwith replacement of steam pipeline and erection of Chimney is extended upto **07.05.2025** at **9.00AM** which shall be opened on the same day at **11.00AM** in presence of the bidders. The details specification, term and conditions for submission of tender/quotation for submitting the bid document are available on the website **www.sambalpuribastra.com & www.bargarh.odisha.gov.in.**

Sd/- Managing Director

**PARADIP PORT AUTHORITY**
MARINE DEPARTMENT
No.MD/ACCTS/WK/R-05/2025/506 Date: 15/04/2025
E-TENDER CALL NOTICE (E-TCN)
Name of the Work : Chartering of Green Tug (Green Tug Transition Programme Compliant) - Manning, Operation, Maintenance and Complete Technical Management of Service Provider Owned 01 No. 60 T Bollard Pull New Battery Electric Tug for 15 Years at Paradip Port Authority. Estimated cost put to tender for hire charges for one year : Rs.24,47,28,667/-. Last date & time of submission of tender through on-line bidding is **15:00 Hours on 08/07/2025**. Date & time for opening of Technical Bid is **15:30 hours on dt.09/07/2025**. For further details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/06/2025-2026 dtd.23.04.2025

# ଖବରଦାତାଙ୍କୁ ଦିଆଗଲାନି ସରକାରୀ କାର୍ଯ୍ୟକ୍ରମ ସୂଚନା

ଉମରକୋଟ, ୨୪।୪(ସନ୍ତୋଷ ଶତପଥୀ)

ସବୁଠି ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳନ କରାଯାଇଛି। ସମସ୍ତଙ୍କୁ ଏ ବିଷୟରେ ଅବଗତକରି ଏହାକୁ ଭଲଭାବେ ପାଳନ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଉମରକୋଟରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ପଞ୍ଚାୟତିରାଜ ଦିବସ ପାଳନ ନେଇ କୌଣସି ପୂର୍ବ ସୂଚନା ଦିଆଯାଇନାହିଁ। ଏପରିକି ଖବରଦାତାମାନଙ୍କୁ ମଧ୍ୟ ଏ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ତେଣୁ ଏଠାରେ କିଏ ଯୋଗ ଦେଲେ, କ'ଣ କାର୍ଯ୍ୟକ୍ରମ ହେଲା ତାହା ଲୋକଲୋଚନକୁ ଆସିପାରିଲା ନାହିଁ। ବ୍ଲକ ପ୍ରଶାସନ ଅଣଦେଖା କରିଥିବା କହି ଉମରକୋଟ ଅଞ୍ଚଳର ଖବରଦାତାମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଉମରକୋଟ ବିଡିଓ ମନୋଜ କୁମାର ମେହେରଙ୍କୁ ପଚାରିବାରୁ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପଛପଟେ ଥିବା ସ୍ଥାନରେ ଏହାର ଆୟୋଜିତ ହୋଇଛି। ଖବରଦାତାଙ୍କୁ ପୂର୍ବ ସୂଚନା କ'ଣ ପାଇଁ ଦିଆଯାଇ ନାହିଁ ପଚାରିବାରୁ ସେ କହିଛନ୍ତି ମୁଁ ଅନ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହିଥିଲି। କିନ୍ତୁ କିଛି ଯୋଗାଯୋଗର ଅଭାବ ଯୋଗୁ ଏହିଭଳି ଅସୁବିଧା ହୋଇଛି।

# ହିନ୍ଦୁ ଏକତା ବାହିନୀର ଶୋଭାଯାତ୍ରା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ

ନବରଙ୍ଗପୁର,୨୪।୪(ସଦାଶିବ ପ୍ରହରାଜ)

କଶ୍ମୀରର ପହଲଗାମ୍‌ରେ ଇସ୍‌ଲାମିକ ଆତଙ୍କବାଦୀଙ୍କ ବର୍ବରୋଚିତ ହତ୍ୟାକାଣ୍ଡରେ ପ୍ରାଣ ହରେଇଥିବା ଭାରତୀୟ ହିନ୍ଦୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟା ୬ଟା ୩୦ରେ ଏକ ଶୋଭାଯାତ୍ରା ଶ୍ରୀରାମ ମନ୍ଦିରରୁ ବାହାରି ନେତାଜୀ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସହରର ବିଭିନ୍ନ ହିନ୍ଦୁ ସଙ୍ଗଠନ ସଦସ୍ୟ, ସାଧାରଣ ଲୋକେ ଯୋଗଦେଇ ପାକିସ୍ତାନ ବିରୋଧରେ ବିଭିନ୍ନସ୍ଲୋଗାନଦେଇଥିଲେ।


ହିନ୍ଦୁ ଏକତା ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ଯୋଗଦେଇଥିବା ଲୋକେ।

# ଭାଜପାର ଡ. ଭୀମରାଓ ଆମ୍ବେଦକରଙ୍କ ସମ୍ମାନ ଅଭିଯାନ

ନବରଙ୍ଗପୁର,୨୪।୪(ସଦାଶିବ ପ୍ରହରାଜ)

ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଦକର ସମ୍ମାନ ଅଭିଯାନ ଗୁରୁବାର ନବରଙ୍ଗପୁର ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଛି। ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇ ଡ. ଆମ୍ବେଦକରଙ୍କ ପ୍ରେରଣାଦାୟୀ ଜୀବନୀ ସମ୍ପର୍କରେ ମତ ଦେଇଥିଲେ। ତାଙ୍କର ମହାନ କାର୍ଯ୍ୟବଳୀ ଯୋଗୁ ଆଜି ଭାରତ ଏକ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଛି ବୋଲି ସେ କହିଥିଲେ। କଂଗ୍ରେସ ଦଳ ଆମ୍ବେଡ଼କରଙ୍କୁ ଉପଯୁକ୍ତ ସମ୍ମାନ ନ ଦେଇ ତାଙ୍କୁ ନେଇ ତୁଚ୍ଛା ରାଜନୀତି କରିଆସିଛି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କୁ ତାଙ୍କ ପ୍ରାପ୍ୟ ଉପଯୁକ୍ତ ସମ୍ମାନ ଦେବା ପାଇଁ ଅଭିଯାନ ଆରମ୍ଭ କରିଛି ବୋଲି କହିଥିଲେ। କଂଗ୍ରେସ ଡ. ଆମ୍ବେଡକରଙ୍କୁ ନେଇ ରାଜନୈତିକ ଖେଳ କରି ଆସୁଥିଲା। ଠିକ୍ ମାର୍ଗ ଓ ଠିକ୍ ସମୟରେ ସ୍ଥାନ ଦେଉ ନ ଥିଲେ ବୋଲି ନବରଙ୍ଗପୁର ବିଧାୟକ ମାଝୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭଜପା ବରିଷ୍ଠ ନେତା ଅଶୋକ ମିଶ୍ର ଯୋଗ ଦେଇ ନୂତନ ୱାକଫ ବୋର୍ଡର ସଂଶୋଧନ ଆଇନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଭଜପା ପୂର୍ବତନ ଜିଲା ସଭାପତି ଝାଡେଶ୍ୱର ଖାଡଙ୍ଗା, ଜଗଦୀଶ ଚନ୍ଦ୍ର ବିଶୋଇ, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଓ ଭଜପା କର୍ମକର୍ତ୍ତାଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ନେତାମାନେ।

**झारखण्ड सरकार**
**परिवहन आयुक्त कार्यालय**
**एफ० एफ० पी० भवन, धुर्वा, राँची**

**।। आम सूचना ।।**

परिवहन विभाग, झारखण्ड सरकार के अधिकृत वेबसाईट https:// jhtransport.gov.in पर विभाग से संबंधित दस्तावेजों एवं अन्य जानकारी का अवलोकन किया जाता था। सम्प्रति उक्त विभागीय वेबसाईट https://jhtransport.gov.in को तकनीकी कारणें से नये वेबसाईट URL- https://transport.jharkhand.gov.in/ पर Migrate किया गया है।

एतद् द्वारा सर्वसाधारण को सूचित किया जाता है कि परिवहन विभाग, झारखण्ड, राँची से संबंधित सभी आवश्यक सूचनाएँ नये वेबसाईट URL- https:// transport.jharkhand.gov.in पर अवलोकन किया जाय।

ह०/-
संयुक्त परिवहन आयुक्त,
झारखण्ड, राँची

PR 350955 (Transport)25-26*D

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**

**अल्पकालीन पुर्ननिविदा ई0–निविदा आमंत्रण संख्या–RDD/SD/JAMTARA/RE5/09/ 2024-25/Gr.No.-04**

1. कार्य की विस्तृत विवरणी :–

| क्र0 सं0 | ग्रुप नं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 4 | जामताड़ा जिला अन्तर्गत प्रखण्ड नारायणपुर के पंचायत–सबनपुर में मंझलाडीह दाड़ंगडीह और आहारडीह के बीच जोरिया में पुल निर्माण। | 21687200.00 | 434000.00 | 10000.00 | 15 माह |

2. वेबसाईट में निविदा प्रकाशन की तिथि :–दिनांक–26.04.2025
3. ई0–निविदा प्राप्ति की तिथि एवं समय :–दिनांक–26.04.2025 से दिनांक–05.05.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थानः–e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :–दिनांक–07.05.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :–9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11.B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.पद एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.350991 Rural Development(25-26):D

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **ଦଖଲ**କୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଭଟଲି ଚୌକ ଶାଖା / ଋଣଗ୍ରହୀତା: ମେସର୍ସ ନବ ଦୁର୍ଗା ଟେକ୍ସଟାଇଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅମରନାଥ ଭଗତ / ଋଣଗ୍ରହୀତା/ ବନ୍ଧକଦାତା: ଶ୍ରୀ ଅମରନାଥ ଭଗତ, ପିତା: ଶ୍ରୀ ହେମନାଥ ଭଗତ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ହେମନାଥ ଭଗତ, ପିତା: ୰ ବିଶ୍ୱନାଥ ଭଗତ, ସମସ୍ତଙ୍କ ଠିକଣା- ସା: ୱାର୍ଡ ନଂ.:୧୧, ପୋ/ଥାନା/ ଜିଲ୍ଲା: ବରଗଡ-୭୬୮୦୨୮ | ଟ.୧୮,୩୦,୮୩୬.୧୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୨୦.୧୧.୨୦୨୪ / ୨୧.୦୪.୨୦୨୫ | ଶ୍ରୀ ହେମନାଥ ଭଗତଙ୍କ ନାମରେ ଥିବା ଜମିର ପରିମିତ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏମ୍‌ଏସ୍ ଖାତା ନଂ.: ୨୪୧୪/୧୦୬୧୬, ପ୍ଲଟ୍ ନଂ.: ୩୧୮୦/ ୧୩୩୪୬, ମୌଜା: ବରଗଡ, ପୋ/ଥାନା/ଜିଲ୍ଲା: ବରଗଡ, ପିନ୍-୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ କୁମାର ମିଶ୍ରଙ୍କ ଜମି, ଉତ୍ତର: ରାସ୍ତା, ପଶ୍ଚିମ: ଭାରତୀ ମିଶ୍ର ଏବଂ ପ୍ରଦିପ୍ତ କୁମାର ଦାଶଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୦୪୩/୧୭୬୮୫ |
| ଡୁଙ୍ଗୁରିପାଲି ଶାଖା / ଋଣଗ୍ରହୀତା: ମେସର୍ସ ଶର୍ମା ଫର୍ଟିଲାଇଜର୍ ଆଣ୍ଡ ଗନି, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଶର୍ମା, ପିତା: ଲାଲ ଚନ୍ଦ ଶର୍ମା, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଅଶୋକ କୁମାର ସାହୁ, ପିତା: ପରକ୍ଷିତ ସାହୁ, ସା/ପୋ: ଭରସୁଜା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୬୧, ୨) ଶ୍ରୀ ଅତୁଲ୍ୟ ଶତପଥୀ, ପିତା: ବୃନ୍ଦାବନ ଶତପଥୀ, ସା/ପୋ: ସାଲେଭଟା, ଥାନା: ଲୋଇସିଂହା, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୨୧ | ଟ.୧୫,୭୮,୨୮୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୧୧.୧୨.୨୦୨୪ / ୨୨.୦୪.୨୦୨୫ | ଶ୍ରୀ ମନୋଜ କୁମାର ଶର୍ମାଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୫ ଡିସିମିଲି ସହିତ ବାସୋପଯୋଗୀ ପ୍ଲଟ୍, ଖାତା ନଂ.: ୪୫୮/୮୬୯, ପ୍ଲଟ୍ ନଂ.: ୯୨୭/୪୦୨୮ ଏବଂ ୯୩୦/୨୬୫୬/୪୦୨୯, କିସମ: ଘରବାରୀ, ମୌଜା: ସାଲେଭଟା, ଥାନା: ଲୋଇସିଂହା, ତହସିଲ: ଆଗଲପୁର, ଜିଲ୍ଲା: ବଲାଙ୍ଗିର, ରାଜ୍ୟ: ଓଡିଶା, ପିନ୍-୭୬୭୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବୁଦ୍ଧଦେବ ତ୍ରିପାଠୀଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ବାଲଗୋପାଳ ମିଶ୍ରଙ୍କ ଜମି |

ସ୍ଥାନ: ସମ୍ବଲପୁର
ତାରିଖ: ୨୪.୦୪.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 03/2025-26 Date of Insertion- 24.04.2025

**वॉक–इंन–इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशलन–II (YP-II)** पद की भर्ती हेतु **दिनांक 08.05.2025** को **पू.10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on **08.05.2025 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-II**, purely on a contractual basis to work under the NFDB Sponsored project entitled *"Integrating advance technology and Green Energy for sustainable Freshwater aquaculture"*. For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता/Principal Investigator

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/MK/O/SU/2500000935 Date. 25.04.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for supply of HT & LT stay sets, stay clamps and stay insulator in TPWODL.**

Interested bidders are to submit Tender Participation Fee and Authorization Letter through email on or before **06th May 2025, 18:00Hrs,** after which the link from e-Tender system shall be shared with them.


For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



**गुमशुदा महिला फरहा शेख, उम्र–करीब 26 वर्ष**

सर्व साधारण को सूचित किया जाता है कि आवेदक मो0 जफर के द्वारा अपनी गुमशुदा पत्नी **फरहा शेख, उम्र–करीब 26 वर्ष** के गुमशुदगी के संबंध में संबंधित थाना आजादनगर में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा महिला फरहा शेख, उम्र–करीब 26 वर्ष, पति–मो0 जफर, पता–रोड नं0–07, म0नं0–03, बगानशाही मुर्दा मैदान, थाना–आजादनगर, जिला–पूर्वी सिंहभूम, जमशेदपुर** जो दिनांक–05.04. 2025 की रात्रि अपने घर से कहीं चली गई है अभी तक घर वापस नहीं लौटी है।

आवेदक तथा इनके परिवार के द्वारा अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है:–उम्र 26 वर्ष, कद–05 फीट, रंग–गोरा, पहनावा–पीला सलवार सुट।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

**वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006**
**पुलिस अधीक्षक (नगर), पूर्वी सिंहभूम, जमशेदपुर: 9471190203**
**पुलिस उपाधीक्षक, पटमदा : 9431706496**
**थाना प्रभारी, आजादनगर : 9431706502**

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 350996 (Police)25-26*D

See Career Appointment on every Wednesday & Saturday

# ୮ ପଞ୍ଚାୟତକୁ ୩୪ ଲକ୍ଷ ୭୮ ହଜାର ପ୍ରୋତ୍ସାହନ ରାଶି

ରାୟଗଡ଼ା,୨୪।୪
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସଦରମହକୁମାସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଗୁରୁବାର ପୂର୍ବାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟାୱରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତଗୁଡିକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ନିମନ୍ତେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ସୁଦୃଢ଼ କରିବା ସବୁ ଗ୍ରାମ ପଞ୍ଚାୟତର ଲକ୍ଷ୍ୟ ହେବା ଉଚିତ ବୋଲି ସେ କହିଛନ୍ତି। ଜିଲା ପରିଷଦ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପଞ୍ଚାୟତିରାଜ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ଜିଲାରେ ଉତ୍ତମ ବିକାଶମୁଖୀ କାର୍ଯ୍ୟ ନିମନ୍ତେ ବିଭିନ୍ନ ପଞ୍ଚାୟତ ଓ ସମିତିର ନାମ ଘୋଷଣା କରିଥିଲେ। ରାମନାଗୁଡ଼ା ପଞ୍ଚାୟତ ସମିତି ଓ ରାୟଗଡ଼ା ବ୍ଲକର ତାଡ଼ମା ପଞ୍ଚାୟତକୁ ଉତ୍ତମ ନାଗରିକ ସେବା, ଦୀର୍ଘ ମିଆଦି ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଓ ୨୦୨୪-୨୫ ବର୍ଷରେ ଆବାସ ଯୋଜନାର ସଫଳ ରୂପାୟନ ଲକ୍ଷ୍ୟ ହାସଲ କ୍ଷେତ୍ରରେ ରାଜ୍ୟରେ ସର୍ବୋତ୍ତମ ସ୍ଥାନ ହାସଲ କରିଥିବାରୁ ରାୟଗଡ଼ା ଜିଲା ଆବାସ ଯୋଜନା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁନିଗୁଡା ବ୍ଲକର ନିର୍ବାହୀ ଅଧିକାରୀ ଗଦାଧର ମିଶ୍ର, କୋଲନରା ବ୍ଲକ ଏଡିଇଓ ଶିବାନୀ ପଟ୍ଟନାୟକ ଓ ଗୁଣୁପୁର ବ୍ଲକ ଗ୍ରାମ ରୋଜଗାର ସେବକ ଦୁଶନ୍ତ ରାଇକାଙ୍କୁ



ଜିଲାପାଳ ରାୟଗଡ଼ା ଜିଲା ଆବାସ ଯୋଜନା ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ସମ୍ମାନିତ କରାଯାଇଥିଲା। ଜିଲାର ୮ଟି ପଞ୍ଚାୟତକୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ମୋଟ ୩୪ ଲକ୍ଷ ୭୮ ହଜାର ୨୫୮ ଟଙ୍କାର ପ୍ରୋତ୍ସାହନ ରାଶୀ ବିତରଣ କରାଯାଇଥିଲା। ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ 'ଭାରତର ଭବିଷ୍ୟତ ଗଠନରେ ପଞ୍ଚାୟତିରାଜ ଅନୁଷ୍ଠାନର ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜେଶ୍ୱରୀ ଭଞ୍ଜରାୟ ପ୍ରଥମ, ଶୁଭେନ୍ଦୁ କୁମାର ପାତ୍ର ଦ୍ୱିତୀୟ ଓ ବି.ମୋନିକା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସେମାନଙ୍କୁ ପୁରସ୍କୃତ କରିଛନ୍ତି।

# ଲୋକଙ୍କ ସହ ଯୋଡ଼ି ହୋଇ ବିକାଶ କରିବା ନେଇ ଜନ ପ୍ରତିନିଧିଙ୍କୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଯୋଗଦେଇଥିବା ଅଞ୍ଚଳବାସୀ।

ଗୁଣପୁର,୨୪।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଡିଓ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ କିରନଦୀପ କୌର ସହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଗୁଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସିଧାପ୍ରସାରଣ ଗୁଣପୁର ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ନିମନ୍ତେ ପ୍ରଦର୍ଶନ କରାଯାଇଥିଲା। ନିର୍ବାଚିତ ପ୍ରତିନିଧି ସିଧାସଳଖ ଭାବେ ଲୋକଙ୍କ ସହ ଯୋଡ଼ି ହୋଇ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରତିବଦ୍ଧତା ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି କହିଥିଲେ। ଉପାଧ୍ୟକ୍ଷ ଆଦିବାସୀ ଭାଷାରେ ଦିବସ ପାଳନ ବିଷୟରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ବିତ୍ତୀୟ ଅଧିକାରୀ ଉମାକାନ୍ତ ସାହୁ, ଭାରପ୍ରାପ୍ତ ପଞ୍ଚାୟତ ଉନ୍ନୟନ ଅଧିକାରୀ ପି .ଦିବାକର, ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କାଳୀପ୍ରସାଦ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନନ୍ତ ପାତ୍ର ସଂଯୋଜନା କରିଥିବାବେଳେ ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରସୂତିଙ୍କୁ ପ୍ରଥମ ୪୫ ଦିନ ପୋଷଣର ଆବଶ୍ୟକତା ବେଶି

ଗୁଣପୁର,୨୪।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ବ୍ଲକସ୍ତରୀୟ ପୋଷଣ ପକ୍ଷ ଗୁରୁବାର ପାଳିତ ହୋଇଯାଇଛି। ଗୁଣପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ଅଧ୍ୟକ୍ଷତା କରିଥିଲେ। ଏଠାରେ ଉପଜିଲାପାଳ କିରନଦୀପ କୌର ସହୋତା ମୁଖ୍ୟ ଅତିଥି, ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କାଳୀପ୍ରସାଦ ପଣ୍ଡା, ବ୍ଲକ ପ୍ରାଣୀଧନ ଅଧିକାରୀ ରାଧେଶ୍ୟାମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସସ୍ମିତା ମହାନ୍ତି, ସାହାରା ପରିବାର ପରାମର୍ଶ କେନ୍ଦ୍ର ସଚିବ ପ୍ରମୋଦ ସାହୁ, ଆଶା ଅନୁଷ୍ଠାନ ସମ୍ପାଦକ ଭେଣୁ ଗୋପାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଛୁଆ ଜନ୍ମ ହେବାର ୪୫ ଦିନ ପର୍ଯ୍ୟନ୍ତ ପୋଷଣର ଅଶ୍ୟକତା ଓ କିପରି ସେହି ପୋଷଣ ଦିଆଯିବ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରକାର ପୋଷଣ ସାମଗ୍ରୀର ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ମିଲେଟ ମିଶନ ଉପରେ ଗୁରୁତ୍ୱ ଦେଇ ମାଣ୍ଡିଆ ଲଡ୍ଡୁ, ବିସ୍କୁଟ, କେକ, ଦହିବରା, ପିଠା ଆଦି ପ୍ରଦର୍ଶନୀରେ ଗୁରୁତ୍ୱ ବହନ କରିଥିଲା। ଏସ୍ଏଚ୍‌ଜି ଅଙ୍ଗନୱାଡି କର୍ମୀଙ୍କ ହାତ ତିଆରି ପିଠା, ଲଡ୍ଡୁ, ଦହି ପଖାଳ, ସଜନା ଶାଗ ଭଜା, ଜଳଖିଆ ଆଦି ଦେଖି ଅତିଥି ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ କୁନି ଛୁଆମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଜଗନ୍ନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଏସ୍ଏଚ୍‌ଜି ପ୍ରମୁଖ ଉପସ୍ଥିତ ଥିଲେ।



ପୋଷଣ ପକ୍ଷ କାର୍ଯ୍ୟକ୍ରମରେ ଏସ୍ଏଚ୍‌ଜି ମହିଳା, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ।

# ପଞ୍ଚାୟତ ସଶକ୍ତ ହେଲେ ଉନ୍ନୟନ ତ୍ୱରାନ୍ୱିତ ହେବ



ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ଯନ୍ତ୍ରୀ, ଖବରଦାତାମାନେ।

ମୁନିଗୁଡ଼ା,୨୪।୪ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକାଙ୍କ ଅଧ୍ୟକ୍ଷତା, ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଉତ୍ତମ କୁମାର ଦାସଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧବ ହିକ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ମାଧବୀ କନ୍ଦପାଣି, ସିଡିପିଓ ଡାଳିମ୍ବ ନାୟକ, ସରପଞ୍ଚ ଉପେନ୍ଦ୍ର ସିକ୍କା, ସମିତି ସଭ୍ୟ ସୁବାସ ପ୍ରାସ୍କା, ଅନଙ୍ଗ ନାଗ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଭାବେ ରାମଚନ୍ଦ୍ର ବେହେରା, ନୀଳାମ୍ବର ବିଭାର, ମାନସ ବେହେରା, ସୁବାସ ଗୌଡ଼ ପ୍ରମୁଖ ଉପସ୍ଥିତ

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ଥିଲେ। ଲୋକତନ୍ତ୍ରର ମୂଳଉସ୍ତ ଗ୍ରାମ ପଞ୍ଚାୟତ ସଶକ୍ତ ହେଲେ ପାର୍ଲିଆମେଣ୍ଟ ସଶକ୍ତ ହେବ,ଉନ୍ନୟନ ତ୍ୱରାନିତ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅନୁଚିନ୍ତାକୁ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଓଡ଼ିଶାର ଉନ୍ନତି ପଞ୍ଚାୟତସ୍ତରରୁ ଆରମ୍ଭ ହେଲେ ନିଶ୍ଚୟ ଗ୍ରାମାଞ୍ଚଳର ଭିତ୍ତିଭୂମି, ଆର୍ଥିକ ଅବସ୍ଥା ଓ ମୌଳିକ ସୁବିଧାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ବିଧାୟକ କହିଥିଲେ। ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ଉଦ୍‌ଘାଟନ କାର୍ଯ୍ୟକ୍ରମ ସିଧାପ୍ରସାରଣ କରାଯାଇଛି। ଏହି ଅବସରରେ ନୂତନ ଖାଉଟି କାର୍ଡ ଓ ଆୟୁଷ୍ମାନ ଯୋଜନାର କାର୍ଡ କେତେଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରୁଥିବା ବରିଷ୍ଠ ଯନ୍ତ୍ରୀ ଅଶୋକ ପାତ୍ର, ଖବରଦାତା ମନୋରଞ୍ଜନ ଦଳାଇ, ନନ୍ଦକିଶୋର ପଟ୍ଟନାୟକ, ଗଣେଶ୍ୱର ରାଓଙ୍କୁ ସମ୍ମାନିତ କରାଯାଇଛି। ସହକାରୀ ଯନ୍ତ୍ରୀ ରମାକାନ୍ତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରମୋଦ ପରିଡ଼ା, ଗୌରୀଶଙ୍କର ନାୟକ, ସନ୍ଧ୍ୟାରାଣୀ ମଲ୍ଲିକ, ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବିପିଏମ୍ ମମତା ରାଉଳ, ଡାକ୍ତର ସନ୍ତୋଷ ସାହୁ, ମୁଖ୍ୟ କିରାଣୀ ମନୋରଞ୍ଜନୀ ଦେବୀ, କଳ୍ପନା ସାହୁ, ସସ୍ମିତା ତୁଳ ପ୍ରମୁଖ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ପହଲଗାମ୍ ଘଟଣା ପ୍ରତିବାଦରେ ବିକ୍ଷୋଭ



ବଜରଙ୍ଗ ଦଳ କର୍ମୀ ଓ ହିନ୍ଦୁ ପ୍ରେମୀ ବାଇକ୍ ଶୋଭାଯାତ୍ରାରେ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

ରାୟଗଡ଼ା,୨୪।୪(ଆଶିଷ ରଞ୍ଜନ ପଣ୍ଡା)

କଶ୍ମୀରର ପହଲଗାମ୍‌ରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ରାୟଗଡ଼ାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଗୁରୁବାର ପୂର୍ବାହ୍ନ ୧୧ଟାରେ ରାୟଗଡ଼ାରେ ଶତାଧିକ ବଜରଙ୍ଗ ଦଳ କର୍ମୀ ଓ ହିନ୍ଦୁ ପ୍ରେମୀ ପାକିସ୍ତାନ ବିରୋଧରେ ନାରାବାଜି କରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପହଲଗାମ୍‌ରେ ହିନ୍ଦୁଙ୍କୁ ପରିଚୟ ପଚାରି ସମ୍ପୂର୍ଣ୍ଣ ଟାର୍ଗେଟ କରି ଇସଲାମିକ୍ ଜିହାଦୀ ଆତଙ୍କବାଦୀ ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିବାରୁ ତାହାର ପ୍ରତିବାଦରେ ଏହି ଶୋଭାଯାତ୍ରା କରାଯାଇଥିଲା। ସରକାର କଡା ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଆଗାମୀ ଦିନରେ ହିନ୍ଦୁଙ୍କ ଉପରେ ଆକ୍ରମଣ ଯେପରି ନହେବ ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହ ପାକିସ୍ତାନକୁ ଉଚିତ ଜବାବ୍ ଦେବା ସହ ସାମରିକ ଆକ୍ରମଣ କରିବା ପାଇଁ କେନ୍ଦ୍ର ସରକାର ଅନୁରୋଧ କରାଯାଇଛି। ପାକିସ୍ତାନ ଉପରେ ସାମରିକ ଆକ୍ରମଣ କରିବା ପାଇଁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଦାବି କରାଯାଇଛି। ରାୟଗଡ଼ା ଜିଲା ବିଶ୍ୱହିନ୍ଦୁ ପରିଷଦର ପ୍ରଦେଶ ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଜିଲା ସଭାପତି ଡ.ବାବୁରାଓ ମହାନ୍ତି ଓ ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଧୁରୀଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା, ବଜରଙ୍ଗ ଦଳର ଶସ୍ୟଜ୍ୟୋତି ବେହେରା ଓ ଆରଏସ୍ଏସ୍‌ର କର୍ମୀମାନ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ଗାଡ଼ି ଧକ୍କାରେ ନାବାଳିକାଙ୍କ ମୃତ୍ୟୁ

କୋରୁକୋଣ୍ଡା,୨୪।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଏମ୍‌ଭି ୧୨ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ଗାଡି ଧକାରେ ଜଣେ ୮ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏମ୍‌ଭି -୧୨ ଗ୍ରାମରେ ରହୁଥିବା ଅଶ୍ୱିନୀ ଚିନ୍ତା ପାତ୍ରଙ୍କ ୮ ବର୍ଷର ଝିଅ ଶ୍ରାବଣୀ ବୁଧବାର ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ଏକ ଟାଟାପଞ୍ଚ ନମ୍ବର-୨୫-ବିଏଚ-୪୩୮୦-ଡି ଧକା ଦେବାରୁ ଝିଅଟିର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତକଙ୍କ ବାପା କୋରୁକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୭୧/୨୫ ରେ ଏକ ମାମଲା ରୁଜୁ କରିଛି। ଏସ୍ଆଇ ପ୍ରଶାନ୍ତ କୁମାର ସାବତଙ୍କ ନେତୃତ୍ୱରେ ପୋଲିସ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡି ସମେତ ଶ୍ରାବଣୀଙ୍କ ମୃତ ଦେହ ଜବତକରି ବ୍ୟବଛେଦ ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ପୋଲିସ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଫେରାର ଥିବା ଗାଡି ଚାଳକଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ କହିଛନ୍ତି ।

# ପହଲଗାମ୍ ଘଟଣାକୁ ଜିଲା କଂଗ୍ରେସର ନିନ୍ଦା

ରାୟଗଡ଼ା,୨୪।୪(ଆଶିଷ ରଞ୍ଜନ ପଣ୍ଡା)

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଜିଲା କଂଗ୍ରେସ ନିନ୍ଦା କରିଛି। ଗୁରୁବାର ସ୍ଥାନୀୟ କଂଗ୍ରେସ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ପିସିସି

## ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ବିଧାୟକ

ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ନଗର ସଭାପତି ମନୋଜ ରଥ, ସମିତି ସଭ୍ୟ ଭୂଷଣ ବିଡ଼ିକା ଓ ଯୁବନେତା ଅସଲାମ୍ ଖାନ୍‌ଙ୍କ ସମେତ କଂଗ୍ରେସର ଶତାଧିକ କର୍ମୀ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତେ ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁରେ ଦୁ!ଖ ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କୁ ଜିଲା କଂଗ୍ରେସ ଦୃଢ଼ ନିନ୍ଦା କରିଛି। ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟ ୨ ମିନିଟ ନୀରବ ପ୍ରାର୍ଥନା କରି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଅଙ୍ଗନୱାଡ଼ି ଦ୍ୱାରା ଉପକୃତ ହେଉଛନ୍ତି ୩୨୯ ଶିଶୁ

ଟିକିରି, ୨୪।୪(ପ୍ରଫୁଲ୍ଲ କୁମାର ବେହେରା)

କୈଶୋର ଅବସ୍ଥାରେ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ସିଏସ୍ଆର ଅଭିଯାନ ଅନ୍ତର୍ଗତ କଳାହାଣ୍ଡି ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜାରି ରଖିଛି। ରାୟଗଡା ଜିଲା କାଶୀପୁର ବ୍ଲକ ଓ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସୀମାନ୍ତରେ ଅବସ୍ଥିତ ହୋଇଥିବା ବେଳେ କମ୍ପାନୀ ସିଏସ୍ଆର ବିଭାଗ ପକ୍ଷରୁ ଉଭୟ ବ୍ଲକରେ ବିକାଶ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଖଣି ପରିସର ଗ୍ରାମଗୁଡ଼ିକରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ପୁନଃନବୀକରଣ କରିବା ପାଇଁ ଉଦ୍ୟମ କରିଛି। ପାରମ୍ପରିକ ଆଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସ୍ମାର୍ଟ, ଶିଶୁ-ମିତ୍ର ଶିକ୍ଷାନୁକୂଳ କେନ୍ଦ୍ରରେ ପରିଣତ କରାଯାଇଛି। ସମ୍ପ୍ରତି ଏକ ରାଜ୍ୟସ୍ତରୀୟ ବେସରକାରୀ ସଂଗଠନ ସହଯୋଗରେ, ଉତ୍କଳ ଆଲୁମିନା ବାଫଲାମାଳି ଖଣି କ୍ଷେତ୍ର ପରିସରରେ ଅବସ୍ଥିତ ୧୧ ଗ୍ରାମାଞ୍ଚଳର ଆଙ୍ଗନୱାଡ଼ି କେନ୍ଦ୍ର ଚିହ୍ନଟ କରି ଏହାର ଉନ୍ନତିକରଣ କରାଯାଇଛି। ଏଥିରେ



ପୁନଃନବୀକରଣ ହୋଇଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ର ।

## ଉତ୍କଳ ଆଲୁମିନା ବାଫଲାମାଳି ଖଣି ଅଞ୍ଚଳ

ନବୀକରଣ, ମରାମତି ସହିତ ସାଧାରଣ ଢାଞ୍ଚା ପରିବର୍ତ୍ତନ କାର୍ଯ୍ୟ କରାଯାଇଛି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କ ପାଇଁ ନିରାପଦ ଓ ଦୀର୍ଘକାଳୀନ ଶୈକ୍ଷିକ ପରିବେଶ ସୃଷ୍ଟି କରିବା। ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁମୋଦିତ ଶିଶୁ-କେନ୍ଦ୍ରିତ ଛବି ଆଧାରିତ ଚିତ୍ରାଙ୍କନ ଓ କାରୁକାର୍ଯ୍ୟ ଆଙ୍ଗନୱାଡ଼ି କେନ୍ଦ୍ର ଭିତର ଓ ବାହାର କାନ୍ଥରେ ପ୍ରୟୋଗ କରାଯାଇଛି। ଯାହା ଶିଶୁମାନଙ୍କର ପ୍ରାକ୍ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରୁଛି। କିଶୋର ବିଦ୍ୟାର୍ଥୀଙ୍କ ମଧ୍ୟରେ ଶାରୀରିକ, ମାନସିକ ଓ ଭାବବତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପରିଲକ୍ଷିତ ହେଉଛି। ଅନ୍ୟପଟେ କଶୀପୁର ବ୍ଲକ ଖଣି ପାର୍ଶ୍ୱସ୍ଥ ଅଞ୍ଚଳ ଯାଥା ମାଇକଞ୍ଚ, ଅଣ୍ଟିରାକଞ୍ଚ, ପଇକାକୁପାଖାଲ, କରଞ୍ଜିକୁପାଖାଲ, କୋଡିପାରି, କୁମ୍ଭାରଶିଳା, ମାଳିଗାଁ ଓ ଥୁଆମୂଳ ରାମପୁର ବ୍ଲକ ସୂର୍ଯ୍ୟଗଡ, ଅଡ଼ରୀ, ମାଳିଗାଁ ଓ କେନ୍ଦୁମୁଣ୍ଡି ଗ୍ରାମର ୧୧ ଆଙ୍ଗନୱାଡ଼ି କେନ୍ଦ୍ରର ୩୨୯ ଶିଶୁ କମ୍ପାନୀ ପକ୍ଷରୁ ଚାଲୁ ରହିଥିବା ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି ।

# ଆତଙ୍କବାଦୀ ଆକ୍ରମଣକୁ ବିରୋଧ




ଅମ୍ବାଦଳାରେ ହିନ୍ଦୁ ଏକତା ମଞ୍ଚ ସଦସ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।



ଟିକିରିରେ ଯୁବଗୋଷ୍ଠୀ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

ଅମ୍ବାଦଳା/ ଗୁଣପୁର/ ଟିକିରି,୨୪।୪
(ରବୀନ୍ଦ୍ର ପଣ୍ଡା/ ପ୍ରଦୀପ କୁମାର ପାଢ଼ୀ/ ପ୍ରଫୁଲ୍ଲ କୁମାର ବେହେରା)

କାଶ୍ମୀରର ପହଲଗାମ୍‌ରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଗୁରୁବାର ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଛି। ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ଅମ୍ବାଦଳା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ତାରିଣୀ ମନ୍ଦିର ନିକଟରେରେ ସମସ୍ତେ ଏକାଠି ହୋଇ ଭାରତ ମାତାକି ଜୟ, ପାକିସ୍ଥାନ ମୁର୍ଦ୍ଦାବାଦ ସ୍ଲୋଗାନ

## ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଦେଇ ସହର ପରିକ୍ରମା କରିଥିଲେ। ଏହାପରେ ପହଲଗାମ୍‌ରେ ନିହତ ସଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ସମେତ ସମସ୍ତ ୨୬ଜଣଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦେଶରୁ ସମ୍ପୂର୍ଣ୍ଣ ଭାବେ ଆତଙ୍କବାଦୀ ମୂଳୋତ୍ପାଟନ ଲାଗ ଅମ୍ବାଦଳା ହିନ୍ଦୁ ଏକତା ମଞ୍ଚ ଦାବି କରିଥିଲା। କାର୍ଯ୍ୟକ୍ରମରେ ହିନ୍ଦୁ ଏକତା ମଞ୍ଚର ସମସ୍ତ ସଦସ୍ୟଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ଗୁଣପୁରରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଗୁଣପୁର ନୂତନ ବସଷ୍ଟାଣ୍ଡରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ପାକିସ୍ତାନ ସରକାର ମୁର୍ଦ୍ଦାବାଦ, ହିନ୍ଦୁ ହିନ୍ଦୁ ଭାଇ ଭାଇ ସହ ଆତଙ୍କବାଦୀ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ସମଗ୍ର ହିନ୍ଦୁ ସମାଜ ଜାତି, ଭାଷା ଭିତିରେ ଅଲଗା ନ ହୋଇ ଏକ ଧର୍ମ ହିନ୍ଦୁ ଧର୍ମ ନାରାରେ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକ ଯୋଗଦେଇ ଥିଲେ। ହିନ୍ଦୁ ଏକତା ମଞ୍ଚର ଟିଙ୍କୁ ପଣ୍ଡା, ପିଙ୍କି ମହାପାତ୍ର, ଉଦୟ ପାଢ଼ୀ, ହରେକୃଷ୍ଣ ପାଢ଼ୀ,ଜଗଦୀଶ ପଣ୍ଡା, ପପୁ କରଙ୍କ ସହ ଗୁଣପୁର ବ୍ରାହ୍ମଣ ସମାଜର ଶିବ ପାଢ଼ୀ, ରାମ ପଣ୍ଡା, ତ୍ରିପତି ମହାନ୍ତି, ଜୟଦେବ ପଣ୍ଡା, ଉମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

କାଶୀପୁର ବ୍ଲକ ଟିକିରିରେ ସନ୍ଧ୍ୟା ୭ଟାରେ ଟିକିରି ଜଗନ୍ନାଥ ମନ୍ଦିରରୁ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଗୋକୁଳମୁଣ୍ଡ ତ୍ରିନାଥ ମନ୍ଦିରରେ ପର୍ଯ୍ୟନ୍ତ ଯାଇଥିଲା। ଏଠାରେ ଉକ୍ତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ବ୍ୟବସାୟୀ ଉପସ୍ଥିତ ଥିଲେ। ପାକିସ୍ତାନ ମୁର୍ଦ୍ଦାବାଦ, ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ ଆମର ଦାବି ଆଦି ନାରା ଦେଇଥିଲେ।

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ନାବାଳିକାଙ୍କ ମୃତ

କୋରୁକୋଣ୍ଡା,୨୪।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଏମ୍‌ଭି ୧୨ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ଗାଡି ଧକାରେ ଜଣେ ୮ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ଏମ୍‌ଭି -୧୨ ଗ୍ରାମରେ ରହୁଥିବା ଅଶ୍ୱିନୀ ଚିନ୍ତା ପାତ୍ରଙ୍କ ୮ ବର୍ଷର ଝିଅ ଶ୍ରାବଣୀ ବୁଧବାର ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ଏକ ଟାଟାପଞ୍ଚ ନମ୍ବର-୨୫-ବିଏଚ-୪୩୮୦-ଡି ଧକା ଦେବାରୁ ଝିଅଟିର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତକଙ୍କ ବାପା କୋରୁକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୭୧/୨୫ ରେ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ପ୍ରଶାନ୍ତ କୁମାର ସାବତଙ୍କ ନେତୃତ୍ୱରେ ପୋଲିର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡି ସମେତ ଶ୍ରାବଣୀଙ୍କ ମୃତ ଦେହ ଜବତକରି ବ୍ୟବଛେଦ ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପରେ ପୋଲିସ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଫେରାର ଥିବା ଗାଡି ଚାଳକଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ କହିଛନ୍ତି ।

# ଜିଲାସ୍ତରୀୟ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ

ମାଲକାନଗିରି,୨୪।୪(ଗୌରିଶଙ୍କର ପଣ୍ଡା)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏପ୍ରିଲ ୨୪କୁ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ବ୍ଲକ୍ ପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ବ୍ଲକ୍ ବିଧାୟକ ପ୍ରତିନିଧି ସତ୍ୟ ଶରଣ ପୋଲ ଓ ବିଡିଓ ତପନ କୁମାର ସେନାପତି ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଜିଲା ତାଳବଣିଆଠାରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟର ୬ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୩ କି.ମି. ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ ୧, ୩୮ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଇଛି। ୪୧୨୪ କୋଟି ଟଙ୍କା ମୂଲ୍ୟର ୩୧୪ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାଖାପାଖି ୨ ଲକ୍ଷ



କାର୍ଯ୍ୟକ୍ରମରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି ।

ନୂତନ ହିତାଧିକାରୀଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର ସୁଭଦ୍ରା ଯୋଜନା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଇ. ପଞ୍ଚାୟତ ସଭା ପୋର୍ଟାଲ, ପିପିଏମ୍ ଏସ୍ ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମ ପୋର୍ଟାଲ ଓ ମୋବାଇଲ ଆପ୍ ଉନ୍ମୋଚନ ସହ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ରାଜ୍ୟସ୍ତରରେ ବଣ୍ଟନ କରାଯାଇଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ୍‌ର ୬୪ ଏବଂ ପୌର ପରିଷଦର ୪୯ ଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ସେହିପରି ବାଲିମେଳା ଏନ୍‌ଏସିରେ ୧୬, ମାଥିଲି ବ୍ଲକରେ ୩୬, କାଲିମେଳାରେ ୧୬୧, ଖଇରପୁଟରେ ୨୫, କୋରୁକୋଣ୍ଡାରେ ୫୮, ପଡିଆରେ ୩୪ ଓ ଚିତ୍ରକୋଣ୍ଡାରେ ୨୬ ଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି।

ମାଲକାନଗିରିର ତଣ୍ଡାପାଲ୍ଲୀ ପଞ୍ଚାୟତକୁ ବି ବର୍ଗରେ ୫ ଲକ୍ଷ ୭୯ ହଜାର ୭୧୦, ପାଣ୍ଡ୍ରିପାଣିକୁ ସି ବର୍ଗରେ ୩ ଲକ୍ଷ ୮୬ହଜାର ୪୭୩, ତମସାକୁ ସି ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩, ମାଟାପାକାକୁ ସି ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩ ଏବଂ ଚାଲାଣଗୁଡ଼ାକୁ ସି ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ୫ମ ରାଜ୍ୟ ଅର୍ଥ ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ପ୍ରୋତ୍ସାହନ ଅର୍ଥ ରାଶି ଜିଲାର ୫ ପଞ୍ଚାୟତର ବିକାଶ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିନିଯୋଗ ହେବ।

କାର୍ଯ୍ୟକ୍ରମରେ ଅତିଥିମାନେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। ସେହିପରି ଜମ୍ମୁ କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ସଦର ଯୋଗାଣ ଅଧିକାରୀ ମୁରଲି କ୍ରିଷ୍ଣା, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ଦାସ, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଦଶରଥ ପଡିଆମି, ବ୍ଲକ ଏମ୍‌ପି ପ୍ରତିନିଧି ଉଙ୍ଗା ପଡିଆମିଙ୍କ ସମେତ ଜିଲା ଯୋଗାଣ ବିଭାଗ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ହିତାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ।

## ଗୋଲାପ ଦେଇ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

ଡାବୁଗାଁ, ୨୪।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଡାବୁଗାଁ-ଉମରକୋଟ ମୁଖ୍ୟ ରାସ୍ତାରେ ଇଷ୍ଟ ଇଣ୍ଡିଆ କନ୍‌ସୋର୍ଟିୟମ ସଂସ୍ଥା ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨ ଚକିଆ ଗାଡ଼ି ଚଲାଇବାବେଳେ ହେଲ୍‌ମେଟ୍ ଓ ଚାରି ଚକିଆ ଗାଡ଼ିରେ ସିଟ୍ ବେଲ୍ଟ ପିନ୍ଧିବା, ୨ ଚକିଆ ଗାଡ଼ିରେ ୨ ଜଣରୁ ଅଧିକ ନ ବସିବାକୁ ପରାମର୍ଶ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ କିମ୍ବା ମୋବାଇଲ ଧରି ଓ ଅନ୍ୟ ମନସ୍କ ହୋଇ ଗାଡ଼ି ନ ଚଲାଇବାକୁ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଛି। ଗୋଲାପ ଫୁଲ, ଜଗନ୍ନାଥଙ୍କ ଫଟୋ ଥିବା ଲକେଟ୍ ଓ ଲିଫ୍‌ଲେଟ ଦେଇ ଗାଡ଼ିଚାଳକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଟିମ୍ ଲିଡର ଚକ୍ରଧର ମହାରଣା,



ଜଣେ ଚାଳକଙ୍କୁ ସଚେତନତା ବାର୍ତ୍ତା ସମ୍ବଳିତ ଲିଫ୍‌ଲେଟ ଓ ଗୋଲାପ ଦିଆଯାଉଛି।

ଗଦାଧର ମହାରଣା, ମୃତ୍ୟୁଞ୍ଜୟ ମୁଦୁଲି, ରାକେଶ ସାହୁ, କବି ଭତିଆ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ଡାବୁଗାଁ ଥାନା ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ରାଶନ କାର୍ଡ ବଣ୍ଟନ



ଚିତ୍ରକୋଣ୍ଡାରେ ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଉଛି ।

ଚିତ୍ରକୋଣ୍ଡା, ୨୪।୪(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗରି ଜିଲା ଚିତ୍ରକୋଣ୍ଡା ବ୍ଲକ୍‌ରେ ଗୁରୁବାର ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରୁ ଭର୍ଚୁଆଲରେ ୨ ଲକ୍ଷ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିବା ବେଳେ ଚିତ୍ରକୋଣ୍ଡା ବ୍ଲକ୍‌ର ୧୨ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ପ୍ରିତା କୁମାର, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ ଓ ଭାଜପା ମଣ୍ଡଳ ସଭାପତି ହେମନ୍ତ ସଗରିଆ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଡ ବଣ୍ଟନ କରିଥିଲେ।

## ପଡ଼ିଆରେ ଜାତୀୟ ପଞ୍ଚାୟତିରାଜ ଦିବସ
## ୩୮ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ପଡିଆ, ୨୪।୪(ଭାସ୍କର ରାଓ)

ପଡିଆ ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରଯାଇଛି। ଏଲଇଡି ସ୍କ୍ରିନ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ବିଭିନ୍ନ ମନ୍ତ୍ରୀଙ୍କ ବାର୍ତ୍ତା ସହ ସ୍ଥାନୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଅନୁମୋଦିତ ପଡିଆ ବ୍ଲକର ନୂତନ ଭାବେ ୩୮ ହିତାଧିକାରୀଙ୍କୁ ରାଶନକାର୍ଡ, ସାମାଜିକ ସୁରକ୍ଷା ଭତ୍ତା ଅଧୀନରେ ୧୮ ଜଣଙ୍କୁ ଭତ୍ତା ବଣ୍ଟନ, ୫ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପଡିଆ ବ୍ଲକର ଉଣ୍ଡୁରୁକୋଣ୍ଡା ପଞ୍ଚାୟତକୁ ରାଜ୍ୟର ୬୧୩ ପଞ୍ଚାୟତ ମଧ୍ୟରୁ କାର୍ଯ୍ୟ ଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ ଓ ନିଜସ୍ୱ ଆୟ ବୃଦ୍ଧି ପଞ୍ଚାୟତ ଭାବେ ବୋନସ ରାଶି ପ୍ରଦାନ କରାଯାଇଛି। ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ କାର୍ତ୍ତିକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଯମୁନା ମୂଷାକୀ, ବ୍ଲକ ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓ, ବ୍ଲକ ବିଧାୟକଙ୍କ ପ୍ରତିନିଧି ମନ ଦୀପଙ୍କର ରାୟ, ବ୍ଲକ ସହାୟକ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା, ବରିଷ୍ଠ କିରାଣି ମୋହନ କୁମାର ରାୟ, ଦେଶା କମରାମ, ରାଜେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୭୩ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ

**କୋରୁକୋଣ୍ଡା ବ୍ଲକ୍ ନୀଳାକାମ୍ବେରୁ ପଞ୍ଚାୟତ ପୁରସ୍କୃତ**

କୋରୁକୋଣ୍ଡା,୨୪।୪(ଶିବଦତ୍ତ ସାହୁ)

ଏପ୍ରିଲ ୨୪କୁ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଇଛି। କୋରୁକୋଣ୍ଡା ବ୍ଲକ୍ ପକ୍ଷରୁ କୋରୁକୋଣ୍ଡା ବ୍ଲକ୍ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଅମୂଲ୍ୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରତିନିଧି ବିନାୟକ ପାତ୍ର, କୋରୁକୋଣ୍ଡା ଓ ବାଲିମେଳା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକରୀ ସୁକାନ୍ତ କୁମାର ସ୍ୱାଇଁ ମଞ୍ଚସୀନ ଥିଲେ। ଏହି ଦିବସ ପାଳନ ଅବସରରେ ଅତିଥିଙ୍କ ଦ୍ୱାରା ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ କୁନି କୁନି ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।



ନୀଳାକାମ୍ବେରୁ ପଞ୍ଚାୟତକୁ ଶ୍ରେଷ୍ଠ ଭାବେ ଚେକ୍ ପ୍ରଦାନ କରାଯାଉଛି ।

ରାଜ୍ୟ ସରକାରଙ୍କ ତରଫରୁ ନୀଳାକାମ୍ବେରୁ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଚୟନ କରାଯାଇଛି। ବିଡିଓଙ୍କ ଦ୍ୱାରା ଉକ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ୩.୮୬.୪୭୩ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। କୋରୁକୋଣ୍ଡା ବ୍ଲକ ଅଧୀନରେ ୨୫୮ ନୂତନ ରାଶନ କାର୍ଡ ମଧ୍ୟରୁ ୫୮ ଏବଂ ବାଲିମେଳା ଏନ୍‌ଏସିର ୧୦୨ ଆବେଦନକାରୀଙ୍କ ମଧ୍ୟରୁ ୧୫ ମୋଟ ୭୩ ନୂତନ କାର୍ଡ ପ୍ରଦାନ କରାଯାଇଥିବା ଯୋଗାଣ ନିରୀକ୍ଷକ ସଞ୍ଜୀବ ସାହୁ ସୂଚନା ଦେଇଛନ୍ତି ।

ପୂର୍ବରୁ ପିଲାମାନଙ୍କ ମଧ୍ୟରେ ଶିକ୍ଷା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏବଂ ବ୍ଲକ୍‌ର ବିଭିନ୍ନ ବିଭାଗରେ ଭଲ କାର୍ଯ୍ୟ ନିର୍ବାହ କରୁଥିବା ୧୩ କର୍ମଚାରୀ ଓ ଅଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଛି । ବ୍ଲକ୍ ସିପି ସତ୍ୟନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ।

## ରଶି ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

ପଡିଆ,୨୪।୪ (ଭାସ୍କର ରାଓ)

ରଶି ଲଗାଇ ଜଣେ ନାବାଳିକା ଗୁରୁବାର ଆତ୍ମହତ୍ୟା। ଏପରି ଘଟଣା ଦେଖିବାକୁ ମିଳିଛି ଏମଭି ୭୯ ଥାନା ଶିମିଳି ବାଞ୍ଜା ପଞ୍ଚାୟତ ଅଞ୍ଚଳରେ । ପୋଲିସ ନଂ. ୩/୨୫ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏମଭି ୭୯ ଗ୍ରାମର ଅନୁପ ପାଲ(୨୪)ଙ୍କ ସହ ନାବାଳିକାଙ୍କର ପ୍ରେମ ସମ୍ପର୍କ ଥିଲା। ଦୁହେଁ ଘରୁ ଫେରାର ହୋଇଯାଇଥିଲେ। ଦୀର୍ଘ ମାସ ବାହାରେ ରହି ଗତ ୩ ମାସ ତଳେ ଗ୍ରାମକୁ ଆଣି ଯୁବକ ନିଜ ଘରେ ନାବାଳିକାଙ୍କୁ ରଖିଥିଲେ। ପରିବାର ଲୋକଙ୍କ ସହ ମିଶି ଅନୁପ ନାବାଳିକାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିଲେ। ଏହା ସହି ନ ପାରି ନାବାଳିକା ଜଣକ ୧୫ ଦିନ ତଳେ ତାଙ୍କ ମା'ଙ୍କ ପାଖକୁ ଚାଲି ଆସିଥିଲେ। ଗୁରୁବାର ଘରଠାରୁ ତିନିଶହ ମିଟର ଦୂର ଏକ ଗଛରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ନାବାଳିକା ଜଣଙ୍କ ଗର୍ଭବତୀ ଥିବା ସନ୍ଦେହ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର ପ୍ରକୃତ କାରଣ ଜଣାଯିବ ବୋଲି ଥାନା ଏସ୍‌ଆଇ ଗିରି ଶଙ୍କର ସାରକା କହିଛନ୍ତି। ନାବାଳିକା ଜଣଙ୍କ ନିଜ ପୋଷାକ ଉପରେ ଯୁବକଙ୍କର ଏକ ଟି -ଶାର୍ଟ ପିନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି।

# ଜାତୀୟ ପଞ୍ଚାୟତିରାଜ ଦିବସକୁ ପଡ଼ିଆ ବ୍ଲକ୍ ସରପଞ୍ଚ ସଂଘର ବିରୋଧ

ପଡିଆ, ୨୪।୪(ଭାସ୍କର ରାଓ)

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ପଡିଆ ବ୍ଲକ ଚଳଚଞ୍ଚଳ ଦେଖିବାକୁ ମିଳିଛି। ପଡିଆ ବ୍ଲକର ବିଭିନ୍ନ ସରପଞ୍ଚ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳିତ ଦିବସ ପାଳନକୁ ବିରୋଧ କରି ବ୍ଲକର ବିଭିନ୍ନ ପଞ୍ଚାୟତରେ ତାଲା ପକାଇଥିବା ଦେଖିବାକୁ ମିଳିଛି। ଏଥିସହ ପଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ସରପଞ୍ଚ ଏକାଠି ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚଙ୍କ କ୍ଷମତାକୁ ନ୍ୟୁନ କରିବାକୁ ଚେଷ୍ଟା କରୁଥିବା ସହ ଗ୍ରାମସଭାର ପ୍ରାଧାନ୍ୟତା କମାଇ ଦେଉଥିବା ଅଭିଯୋଗ ଆଣିଛନ୍ତି। ମାର୍ଚ୍ଚ ୨୫ରେ ପଞ୍ଚାୟତିରାଜ ଓ ପାନୀୟ



ପଞ୍ଚାୟତରେ ତାଲା ପକାଇଥିବା ସରପଞ୍ଚମାନେ ।

ଜଳ ବିଭାଗର ପୂର୍ବ ଗାଇଡ୍‌ଲାଇନକୁ ସଂଶୋଧନକରି ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପ୍ରକଳ୍ପ ଅନୁମୋଦନ ବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲାପାଳ ପ୍ରକଳ୍ପ ଯୋଡ଼ିବା ଓ ବିଧାୟକଙ୍କ ସୁପାରିସକୁ ଗ୍ରହଣ କରିବା ପାଇଁ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସଂଶୋଧିତ ଗାଇଡ୍‌ଲାଇନ୍‌ରେ ଥିବାରୁ ପଡିଆ ବ୍ଲକର ସମସ୍ତ ସରପଞ୍ଚ ରାଜ୍ୟ ସରକାରଙ୍କ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନକୁ ବିରୋଧକରି କେହି ମଧ ବ୍ଲକସ୍ତରରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିବା କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ଗାଇଡ୍‌ଲାଇନ ସଂଶୋଧନ କରି ପଞ୍ଚାୟତରେ ସରପଞ୍ଚ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତାକୁ ଅକ୍ଷୁର୍ଣ୍ଣ ରଖିବାକୁ ଦାବୀ କରିଛନ୍ତି। ଏହା ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଏଥିପାଇଁ ପଡିଆ ସରପଞ୍ଚ ଗଙ୍ଗା କାରାମ, ମାଟେରୁ ସରପଞ୍ଚ ଲକ୍ଷ୍ମଣ ମାଡକାମୀ, ଉଣ୍ଡୁରୁକୋଣ୍ଡା ସରପଞ୍ଚ କାନନ ବେକ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ନିଜ ନିଜ ପଞ୍ଚାୟତକୁ ମଧ୍ୟ ତାଲା ପକାଇଥିବା ଜଣାପଡିଛି।

## ପଞ୍ଚାୟତିରାଜ ଦିବସ ପାଳନ



ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ମାଥିଲି, ୨୪।୪(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ପଞ୍ଚାୟତ ସମିତିରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା, ଏମ୍‌ପି ପ୍ରତିନିଧି ବନମାଳୀ ବରଜା,ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ, ଭାଜପା ନେତ୍ରୀ ସନ୍ତୋଷିନୀ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ କୁଶ ତାତି, ଶାନ୍ତିଲତା ମାଝୀ, ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଉପସ୍ଥିତ ଥିଲେ। ପୂର୍ବରୁ ପଞ୍ଚାୟତିରାଜ ଦିବସ ମାର୍ଚ୍ଚ ୫ରେ ପାଳନ କରାଯାଉଥିଲା। ଭାଜପା ସରକାର ଆସିବା ପରେ ଏପ୍ରିଲ ୨୪କୁ ପରିବର୍ତ୍ତନ କରିବାରୁ ବିଜେଡି ସମର୍ଥିତ ସରପଞ୍ଚ, ସମିତି ମେମ୍ବର ବିରୋଧକରି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲେ। କିନ୍ତୁ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ଅଧିକାରୀ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଦିବସର ଉଦ୍ଦେଶ୍ୟ ହେଉଛି ଗ୍ରାମ୍ୟସ୍ତରରେ ଲୋକତନ୍ତ୍ରକୁ ସୁଦୃଢ଼ କରିବା।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର ୨୪।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୌରାଗୁଡାର ଯୋଗୀ ମାଝୀ ଓ କୁନ୍ଦାଗିଗୁଡାର ତୁଳା ଖିଲ। ସୁଚନା ଅନୁଯାୟୀ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ସୌରାଗୁଡା ଓ କୁନ୍ଦାଗିଗୁଡା ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ୨୪ ଲିଟର ଦେଶୀ ମଦ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟା ୫ଟାରେ କୋର୍ଟଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶରୀ ହିରନ ସୂଚନା ଦେଇଛନ୍ତି।

# ମାଥିଲିରେ ପଞ୍ଚାୟତ ଗୃହ ଉଦ୍‌ଘାଟିତ

**ଅଶୋକ ମହାରଣାଙ୍କ ନିଆରା ପ୍ରୟାସକୁ ପ୍ରଶଂସା**

ମାଥିଲି,୨୪।୪(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିର ଜିଲା ମାଥିଲି ସଦର ପଞ୍ଚାୟତର ନୂତନ ଗୃହ ଗୁରୁବାର



ମାଥିଲିରେ ସଂସଦ ଭବନ ଆକୃତିର ନୂତନ ପଞ୍ଚାୟତ ଗୃହ ।

ଉଦ୍‌ଘାଟିତ ହୋଇଯାଇଛି। ଏହି ଭବନଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କ ପ୍ରୟାସରେ ସଂସଦ ଭବନ ଆକୃତିରେ ପୁନଃ ନିର୍ମାଣ କରାଯାଇଛି। ଅଶୋକ ପୂର୍ବରୁ ମଧ ବିଭିନ୍ନ ସମୟରେ ଏପରି ନିଆରା ପ୍ରୟାସକରି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କାନାମରାଜୁ ନାୟକ, ସମିତି ସଦସ୍ୟ ବାଲାରାଜୁ କୋପେ ଓ ଜିଲା ପରିଷଦ ସଭ୍ୟ ସସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକେ ମଧ ଏଭଳି କାର୍ଯ୍ୟକୁ ସ୍ୱାଗତ କରି ଅଶୋକଙ୍କୁ ପ୍ରଶଂସା କରିଛନ୍ତି।

# ମାଲକାନଗିରି ୧୨ଘଣ୍ଟିଆ ବନ୍ଦ ଆଜି

**ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦ**

ମାଲକାନଗିରି,୨୪।୪(ନୃସିଂହ ଚରଣ ମହାନ୍ତି)

କଶ୍ମୀରରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ ଶୁକ୍ରବାର ମାଲକାନଗିରି ଜିଲା ୧୨ ଘଣ୍ଟିଆ ବନ୍ଦ ପାଳନ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ବିଭିନ୍ନ ହିନ୍ଦୁ ସଂଗଠନ ଡାକରା ଦେଇଛି। ଜନସାଧାରଣ ତଥା ସମସ୍ତ ସନାତନୀ ବନ୍ଧୁମାନଙ୍କ ସହଯୋଗ କାମନାକରି ଜିଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଏହି ଉଦ୍ଦେଶ୍ୟରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ



ବୈଠକରେ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳେ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରୀକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ବାଲାରଜୁ ପାଢ଼ୀ ସୂଚନା ଦେଇଛନ୍ତି। ସେହିପରି ୧୨ ଘଣ୍ଟିଆ ବନ୍ଦ ପାଳନ ବେଳେ ଲୋକେ ସହଯୋଗ କରିବା ସହ ଦୋକାନ ବଜାର, ଅଫିସ ଗୁଡିକ ବନ୍ଦ ରଖିବାକୁ ଅନୁରୋଧ କରାଯାଇଛି।

**ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା**

ଦାମନଯୋଡି,(ମାନସ ରଞ୍ଜନ କର)-କାଶ୍ମୀରର ପହଲଗାମରେ ଆତଙ୍କବାଦିମାନେ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ମହାବୀର ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏଥିରେ ଅଞ୍ଚଳର ଶତାଧିକ ଯୁବକ ଓ ସଂଘର ସଦସ୍ୟମାନେ ହାତରେ କ୍ୟାଣ୍ଡେଲ ଧରି ମାଥାଲପୁଟ ହାଟପଦାରୁ ବାହାରି ସହର ପରିକ୍ରମା କରିଥିଲେ। ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ସଂକ୍ଷେପରେ

### ବିନା ଅନୁମତିରେ ଗଛ କଟାକୁ ନେଇ ଅସନ୍ତୋଷ

ନନ୍ଦପୁର,୨୪।୪(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର-ଲମତାପୁଟ ପୂର୍ତ୍ତବିଭାଗ ରାସ୍ତା କଡ଼ରୁ ବିନା ଅନୁମତିରେ ଏକାଧିକ ଗଛ କଟାକୁ ନେଇ ଅଞ୍ଚଳବାସୀ ମଙ୍ଗଳବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ବନମାଳୀପୁଟ ଗ୍ରାମର କେତେକ ବ୍ୟକ୍ତି ନିଜ ପଟା ଜମିରେ ଥିବା ଦର୍ଶାଇ ଗରୁଡ ଓ ଅନ୍ୟ ଗଛ ମାଫିଆଙ୍କୁ ବିକ୍ରି କରିଥିବା ଓ ଗଛଗୁଡ଼ିକ କାଟି ଗଦା କରାଯାଇଥିବା ନେଇ ନନ୍ଦପୁର ବନ ବିଭାଗକୁ ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ। କିନ୍ତୁ ବନ ବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚିବାରୁ କଟା ଯାଇଥିବା ଗଛ ମଧ୍ୟରୁ ଗୋଟିଏକୁ ଛାଡ଼ି ସମସ୍ତ କାଠକୁ କଟାଳି ଟ୍ରକ୍‌ରେ ନେଇଥିବା କେତେକ ଲୋକେ କହିଛନ୍ତି। ନନ୍ଦପୁରରୁ ଗେରୁପୁଟ, ବନମାଳୀପୁଟ, ଦାସପୁଟ ଓ ହୀରାପୁଟ ରାସ୍ତା କଡ଼ରେ ଥିବା ଏକାଧିକ ମୂଲ୍ୟବାନ ଆକାସିଆ, ସିମିଳି, ଗରୁଡ ଓ ଛାୟା ଗଛଗୁଡ଼ିକୁ କାଠ ମାଫିଆ କାଟି ନେଉଥିବା ଅଭିଯୋଗ ହୋଇଛି। ରାସ୍ତାର ନବ ନିର୍ମାଣ ଓ ସମ୍ପ୍ରସାରଣ ଆଳରେ ଠିକା ସଂସ୍ଥା କିଛି ଗଛ କାଟିବାକୁ ଅନୁମତି ନେଇ ଶତାଧିକ କାଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଓ ନନ୍ଦପୁର ବନପାଳ ଗୋପିନାଥ ପାଙ୍ଗୀଙ୍କୁ ପଚାରିବାରୁ ଗଛଗୁଡ଼ିକ ପଟା ଜମିରେ ଥିଲେ ମଧ୍ୟ କାଟିବାକୁ ବନ ବିଭାଗର ଅନୁମତି ଆବଶ୍ୟକ ରହିଛି। ଘଟଣାର ମିଳିତ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନପାଳ ପାଙ୍ଗୀ ସୂଚନା ଦେଇଛନ୍ତି।

### ନୂତନ ପଡ଼ିକାର୍ଡ ବଣ୍ଟନ ଶୁଭାରମ୍ଭ

ନନ୍ଦପୁର, ୨୪।୪ (ତୁଷାର କାନ୍ତ ମହାନ୍ତି)

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ନନ୍ଦପୁର ବ୍ଲକ୍ ଅଞ୍ଚଳରେ ନୂତନ ପଡ଼ି କାର୍ଡ ବଣ୍ଟନ ଶୁଭାରମ୍ଭ କରାଯାଇଛି। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବିଡିଓ ଦୁର୍ଗାପ୍ରସାଦ ଦୋରା, ଜିପିଇଓ ବେଦାନ୍ତ ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସିଡିପିଓ ମିନତୀ ବାଳା ପଟ୍ଟନାୟକ, ବିଧାୟକ ପ୍ରତିନିଧି କାମେସ କାମୁଡି, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବିଜେଡି ବ୍ଲକ୍ ସଭାପତି କାଶୀନାଥ ଗୋଲରି, ଆମ୍ବା ଅଧ୍ୟକ୍ଷ ମୁନା ଦଳପତି, ଭାଜପା ନେତା ଶେଖ୍ ଗଫୁର ପ୍ରମୁଖ ଉପସ୍ଥିତ ଥିଲେ। ୧୨ ପଞ୍ଚାୟତର ୧୨ ଜଣଙ୍କୁ ନୂତନ ରାଶନ୍‌କାର୍ଡ ଦିଆଯାଇଥିଲା। ୨୩ ପଞ୍ଚାୟତର ସମସ୍ତ ୨୮୨୯୯ ପଡ଼ିକାର୍ଡଧାରୀଙ୍କୁ ନୂତନ ରାଶନ୍‌କାର୍ଡ ଯୋଗାଇଦିଆଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

# ଜିଲ୍ଲାର ୧୯୬ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

- ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ
- ସାମଗ୍ରିକ ବିକାଶ ପାଇଁ ଜୟପୁର, କୋଟପାଡ଼, ନନ୍ଦପୁର ବ୍ଲକ୍ ପୁରସ୍କୃତ

କୋରାପୁଟ,୨୪।୪(ଅମିତାଭ ବେହେରା)

କୋରାପୁଟ ହାଇସ୍କୁଲ ପଡ଼ିଆରେ ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ରଘୁରାମ ମାଛ ଯୋଗଦେଇଥିଲେ। କୋରାପୁଟ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ, ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଓ ଡ୍ରୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ



କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଜିଲାପାଳ ଭି.କୀର୍ତ୍ତିଭାସନ ହିତାଧିକାରୀଙ୍କୁ ରାଶନକାର୍ଡ ଦେଉଛନ୍ତି।

ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ନେଇ ପ୍ରତି ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ କରିବେ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଷ୍ଟାଡିୟମଗୁଡ଼ିକରେ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଖେଳିବା ସୁବିଧା କରାଯିବ ବୋଲି ବିଧାୟକ ମାଛ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ଜିଲାପାଳ ଭାସନ କହିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ବିକାଶ ପାଇଁ ଦିଆଯାଉଥିବା ଅର୍ଥର ବ୍ୟବହାର ଓ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଦୃଷ୍ଟିଦେବା ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ପଲ୍ଲିସଭା ଓ ଗ୍ରାମସଭାରେ ଅଧିକରୁ ଅଧିକ ଲୋକ ଅଂଶଗ୍ରହଣକରି କାର୍ଯ୍ୟଖସଡ଼ା ପ୍ରସ୍ତୁତରେ ନିଜ ନିଜ ମତ ଉପସ୍ଥାପନା କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାରେ ୧୯୬ ନୂତନ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଥିଲା। କୋରାପୁଟ ବ୍ଲକ୍‌ର ୩ ମଇଳା ଉଠା ଗାଡ଼ିକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାମଗ୍ରିକ ବିକାଶ ପାଇଁ ଜୟପୁର, କୋଟପାଡ ଓ ନନ୍ଦପୁର ବ୍ଲକ୍‌କୁ ପୁରସ୍କୃତ କରାଯାଇଥିଲା।

# ଝରଣାପାଣି ଭରସାରେ ଚଉଗାଁ ବାସିନ୍ଦା

- ବର୍ଷେ ହେବ ଅଚଳ ହୋଇପଡ଼ିଛି ପମ୍ପ ହାଉସ୍
- ପ୍ରଶାସନ ସମସ୍ୟା ସମାଧାନ କରିବାକୁ ଦାବି

ସୁନାବେଡା,୨୪।୪(କୃତ୍ତିବାସ ପ୍ରଧାନ)

ସରକାର ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ପାଣିଟାଙ୍କି ସହ ପମ୍ପ ହାଉସ କରିଥିଲେ ସୁଦ୍ଧା ଲୋକେ ସେଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସୁନାବେଡ଼ା ପୌର ପରିଷଦ ସୀମାବର୍ତ୍ତୀ କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତର ଚଉଗାଁରେ ଏଭଳି ସମସ୍ୟା ଦେଖାଦେଇଛି। ଏହି ଗ୍ରାମ ପୌର ପରିଷଦର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ତାହା କୋରାପୁଟ ବ୍ଲକ୍ ଅଧୀନରେ ରହିଛି। ଗାଁର ୩ ସାହିରେ ୧୯୦ ପରିବାରର ୬୦୦ରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ଗ୍ରାମରେ ବସୁଧା ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ୫୦ ହଜାର ଲିଟର ବିଶିଷ୍ଟ ଗୋଟିଏ ଟାଙ୍କି ସହ ପମ୍ପ ହାଉସ ସ୍ଥାପନ ହୋଇଥିଲା। କିନ୍ତୁ ବର୍ଷେ ହେବ ତାହା ଅଚଳ ହୋଇପଡ଼ିଛି। ଏ ନେଇ ବାରମ୍ବାର ବ୍ଲକ୍ ପ୍ରଶାସନକୁ ଅବଗତକରି ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି। ଗାଁରେ ପୂର୍ବରୁ ଥିବା ୨ଟି ନଳକୂଅ ମଧ୍ୟ ଅଚଳ ହୋଇପଡିଛି। ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ୨ କି.ମି ଦୂର ଝରଣା କିମ୍ବା ଦାମନଯୋଡି ନାଲ୍‌କୋ କମ୍ପାନୀକୁ ଯାଇଥିବା ଫଟାପାଇପରୁ ପାଣି ଆଣୁଥିବା ମହିଳାମାନେ କହିଛନ୍ତି। ମାଟି ପାଣି ଆସୁଥିବାରୁ ତାହା ପିଇବା ଉପଯୋଗୀ ହେଉ ନ ଥିବା ଓ ତାହାକୁ ବ୍ୟବହାର କଲେ ଚର୍ମରୋଗ ହେଉଥିବା ସେମାନେ କହିଛନ୍ତି। ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ମହିଳାମାନେ ଦାବି କରିଛନ୍ତି। ଏଥିସହ ଗାଁରେ ୫ ସୋଲାର ଲାଇଟ୍ ଲାଗିଥିବା ବେଳେ ତାହା ମଧ୍ୟ ଅଚଳ ହୋଇରହିଛି।

ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ତଥାପି ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ପାଣି ପାଇଁ ଏକ ନଳକୂପ ନିକଟରେ ଅପେକ୍ଷା କରିଥିବା ଚଉଗାଁର ମହିଳାମାନେ।

# ଆଦିବାସୀଙ୍କୁ ସଶକ୍ତ କରିବାକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧିବେଶନ**

କୋରାପୁଟ,୨୪।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଭାରତରେ ଜନଜାତି କିଏ ଶୀର୍ଷକ ମୌଳିକ ପ୍ରଶ୍ନଗୁଡ଼ିକର ଅନୁସନ୍ଧାନ ଉପରେ ଦୁଇଟି ଅଧିବେଶନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅରୁଣାଚଳ ପ୍ରଦେଶ ରାଜୀବ ଗାନ୍ଧୀ (କେନ୍ଦ୍ରୀୟ) ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ନିର୍ଦ୍ଦେଶକ(ଅବସରପ୍ରାପ୍ତ) ମାଗୁଣି ଚରଣ ବେହେରା ବିଷୟକୁ ନେଇ ମତ ରଖିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡ.କପିଳା ଖେମୁଣ୍ଡୁ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶ ଦିଗରେ ଗବେଷଣାକୁ ପ୍ରୋତ୍ସାହିତ କରିବାରେ ସମାଜ ବିଜ୍ଞାନ ବିଭାଗର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ରତିକାନ୍ତ କୁମ୍ଭାର ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣ ପାଇଁ ସେମାନଙ୍କ ପ୍ରକୃତ ଆବଶ୍ୟକତାକୁ ବୁଝି ସମାଧାନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଦୀପ୍ତି ଶଙ୍କର, ପ୍ରଫେସର ଡ. ଏଲିସା ମହାନ୍ତି, ପ୍ରଫେସର ମାଗୁଣୀ ଚରଣ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ନୁପୁର ପଟ୍ଟନାୟକ ଓ ଗବେଷକ ଶାଶ୍ୱତିକା ରାଉତରାୟ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ସୌଭାଗ୍ୟ ଲକ୍ଷ୍ମୀ ସିଂହ ଓ ଡ. ଏଲିସା ମହାନ୍ତି ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ରଶ୍ମିତା ଜେନା ଧନ୍ୟବାଦ ଦେଇଥିଲେ।

# ଚୋରି ମାମଲାରେ ୪ ଗିରଫ

ଜୟପୁର,୨୪।୪(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଦୁଇ ମହିଳାଙ୍କଠାରୁ ସୁନାଚେନ୍ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଏସଡିପିଓ ପାର୍ଥିବ ଜଗଦୀଶ କଶ୍ୟପ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଜୟପୁର ସହର ବାପୁଜି ନଗରର ହିରେନ ନାୟକ, ବାମୁଣି ଗାଁର ଅଭିରାମ ସାହୁ ଓ ଅଜିତ ପୁଜାରି, ସୁନାବେଢା ଥାନା ଭେଜାପୁଟର ଦୁର୍ଜନ କୁଳଦୀପ। ସେମାନଙ୍କଠାରୁ ୬ ସୁନାଚେନ, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଓ ୩୦ ହଜାର ଟଙ୍କା ଜବତ କରାଯାଇଛି। ସୁଚନା ଅନୁଯାୟୀ, ୨୩।୩।୨୫ରେ ଦାଶରଥି ସାହି ଜୟପୁର ଜି.ରାବଣାମା ଓ ଏମ୍‌ଜି ରୋଡ ପି. ହେମା କୁମାରୀ ୨ ମହିଳା ସକାଳ ସମୟରେ ପ୍ରାତଭ୍ରମଣ କରୁଥିବା ବେଳେ ପୁରୁଣାଗଡ କାଳି ମନ୍ଦିର ନିକଟରେ ୩ ମୁଖାଧାରୀ ଦୁର୍ବୃତ୍ତ ବାଇକ୍‌ରେ ଆସି ସୁନାଚେନ୍ ଚୋରି କରି ଚମ୍ପଟ ମାରିଥିଲେ। ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଭେଜାପୁଟର ଦୁର୍ଜନ ଚୋରି ସୁନା କ୍ରୟ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନାଁରେ ଜୟପୁର, କୋରାପୁଟ, ମାଲକାନଗିରି, ମାଥିଲି, ବୋରିଗୁମ୍ମା ଓ ବୈପାରିଗୁଡା ଥାନାରେ ୧୦ ଅପରାଧିକ ମାମଲା ରହିଛି। ଏଥିରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସ୍‌ଆଇ ସିଦ୍ଧାନ୍ତ ବେହେରା, ଏସଆଇ ଗୋବିନ୍ଦ ହାଁସଦା ଉପସ୍ଥିତ ଥିଲେ।

# କଳାହାଣ୍ଡି-ବଲାଙ୍ଗୀର-କୋରାପୁଟରେ ବଢୁଛି ରେଳ ସଂଯୋଗୀକରଣ



ଅମୃତ ଷ୍ଟେଶନ ।

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ଆଞ୍ଚଳିକ ବିକାଶ ଏବଂ ଭିତ୍ତିଭୂମି ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ପକ୍ଷରୁ ଓଡ଼ିଶାର କଳାହାଣ୍ଡି-ବଲାଙ୍ଗୀର-କୋରାପୁଟ ଜିଲାର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକର ପୁନର୍ବିକାଶ କରୁଛି। ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନଗୁଡ଼ିକରେ ଆଧୁନିକ ଯାତ୍ରୀ ସେବା ପ୍ରଦାନ କରାଯାଉଛି। ଏହି ୩ ଜିଲାରେ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, କେସିଙ୍ଗା, ଭବାନୀପାଟଣା, ରାୟଗଡ଼ା, ମୁନିଗୁଡ଼ା, ଗୁଣୁପୁର, କୋରାପୁଟ, ଜୟପୁର, ଦାମନଯୋଡ଼ି, ହରିଶଙ୍କର ରୋଡ ଏବଂ ଖରିଆର ରୋଡ୍ ଆଦି ଷ୍ଟେଶନଗୁଡ଼ିକର ପୁନର୍ବିକାଶ କରାଯାଉଥିବାବେଳେ ଏହି ଅଞ୍ଚଳଗୁଡ଼ିକରେ ରେଳ ସଂଯୋଗୀକରଣ ବଢୁଛି।

ବଲାଙ୍ଗୀରରେ ୧୮.୦୧ କୋଟି ଟଙ୍କା ବ୍ୟୟରେ ଆଧୁନିକ ଯାତ୍ରୀ ସୁବିଧା ସହିତ ନୂତନ ଷ୍ଟେଶନ କୋଠା, ବର୍ତ୍ତମାନର କୋଠା ସମ୍ମୁଖ ଭାଗର ଉନ୍ନତି, ଅତିରିକ୍ତ ପ୍ଲାଟଫର୍ମ ଆଶ୍ରୟସ୍ଥଳ, ୧୨ ମିଟର ଚଉଡ଼ା ପ୍ରଶସ୍ତ ଫୁଟ୍ ଓଭରବ୍ରିଜ, ପ୍ଲାଟଫର୍ମ ପୃଷ୍ଠର ଉନ୍ନତି, ପ୍ରତୀକ୍ଷା କକ୍ଷ, ଲିଫ୍ଟ, ସର୍କୁଲେଟିଂ ଅଞ୍ଚଳ, ପାର୍କିଂ ବ୍ୟବସ୍ଥା, ମାନକ ସାଇନେଜ, ଦିବ୍ୟାଙ୍ଗଜନ ସୁବିଧାର ବ୍ୟବସ୍ଥା, ଶୌଚାଳୟର ଉନ୍ନତି, ଓଭରହେଡ ଟାଙ୍କି ଏବଂ ପାଇପ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା କରାଯାଉଛି। ସେହିପରି ଟିଟିଲାଗଡ଼ରେ ୩୫.୭୯ କୋଟିରେ ଏହିସବୁ ସୁବିଧା ସହ ଅତିରିକ୍ତ ୨୦ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳର ବ୍ୟବସ୍ଥା, ୩ଟି ଲିଫ୍ଟ ବ୍ୟବସ୍ଥା, ପ୍ରତୀକ୍ଷା ଗୃହ, ମାନକ ସାଇନେଜ, ଓଭରହେଡ ଟ୍ୟାଙ୍କ ଏବଂ ପାଇପ ଲାଇନ ସଂଯୋଗ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଦିବ୍ୟାଙ୍ଗଜନ ସୁବିଧା ବ୍ୟବସ୍ଥା, ପ୍ରଶସ୍ତ ଚଳପ୍ରଚଳ କ୍ଷେତ୍ର, ପାର୍କିଂ କ୍ଷେତ୍ର ଓ ଶୌଚାଳୟର ଉନ୍ନତୀକରଣ କରାଯାଉଛି। କଣ୍ଟାବାଞ୍ଜି ରେଳଷ୍ଟେଶନ ଉନ୍ନତୀକରଣ ପାଇଁ ୩୩.୮୭ କୋଟି, କେସିଙ୍ଗାରେ ୨୦.୮୫ କୋଟି, ଭବାନୀପାଟଣାରେ ୧୮.୮୩ କୋଟି, ମୁନିଗୁଡ଼ାରେ ୨୦.୧୬ କୋଟି, କୋରାପୁଟରେ ୨୧.୨୦ କୋଟି, ଜୟପୁରରେ ୧୭.୯୪ କୋଟି, ଦାମନଯୋଡିରେ ୧୪.୪୬ କୋଟି, ଖରିଆର ରୋଡ୍‌ରେ ୧୬.୨୫ କୋଟି ଏବଂ ରାୟଗଡ଼ାରେ ୪୧.୪୦କୋଟିଟଙ୍କା ବ୍ୟୟରେ ଏଭଳି ପୁନର୍ବିକାଶ କାର୍ଯ୍ୟ ଜାରି ରହିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ପହଲଗାମ୍ ଘଟଣା**

କୁନ୍ଦୁରା,୨୪।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପହଲଗାମରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାର ନିନ୍ଦା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ମଞ୍ଚର ସଂଯୋଜକ ଧନ ଭତ୍ରାଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି। ଧାର୍ମିକ ଭାବନା ପ୍ରତି କୁଠାରଘାତ କରିଥିବା ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳଗୁଡିକରେ ବଙ୍ଗଳା ଦେଶୀ ଓ ରୋହିଙ୍ଗ୍ୟାମାନେ ବୁଲା ବିକାଳୀ ବେଶରେ ରହୁଥିବା ଓ ଜିଲା ଏବଂ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ବିତାଡିତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା,ବଦ୍ରିନାରାୟଣ ଆଚାର୍ଯ୍ୟ, ଅମ୍ବୁ ପାତ୍ର, ଅଶ୍ୱିନୀ ଚୌଧୁରୀ, ତୁଷାର ଭଞ୍ଜ,ଉପେନ୍ଦ୍ର ଭଞ୍ଜ, ଗିରି ରାଓ,ସୁନ୍ଦର ମାଳି, ମମତା ଭଞ୍ଜ, ଗୋପାଳ ସାବତ, ଲଛମନ ଭତ୍ରା ଓ ରଞ୍ଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଘଟଣାରେ ୨ଗିରଫ, ୨୩ ହଜାର ଜବତ

ନନ୍ଦପୁର,୨୪।୪(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ଦେଇ ଯାଇଥିବା ଜୟପୁର ବିଶାଖାପାଟଣା ସଂଯୋଗୀ ରାଜ୍ୟ ରାଜପଥର ଭେଜା ହାଣ୍ଡିପୁଟ ନିକଟରୁ ଏପ୍ରିଲ ୧୩ରେ ଜଣେ ବ୍ୟବସାୟୀଙ୍କ ଗୁମାସ୍ତାଙ୍କଠାରୁ ୩ ଲକ୍ଷ ୩୩ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ପାଡୁଆ ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କୁଲାବିର ଗ୍ରାମର ବିଜୟ ଖିଲ ଓ ପ୍ରଭାତ ଖେମୁଣ୍ଡୁ। ଏଥିରେ ବ୍ୟବହୃତ ବାଇକ୍ (ଓଡି୧୦ ଭି ୮୨୧୭) ଓ ୨୩ ହଜାର ଟଙ୍କା ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏ ନେଇ ପାଡୁଆ ଥାନାରେ ନଂ ୪୯/୨୫ରେ ମାମଲା ରୁଜୁ ହୋଇଛି। ପାଡୁଆ ଥାନା ଅଧିକାରୀ ଅଶୋକ ବିଷୋୟୀ ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

# ପହଲଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ଚନ୍ଦାହାଣ୍ଡି, ୨୪।୪(ଦିଲୀପ ଦାସ)

ଜମ୍ମୁ-କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଗୁରୁବାର ସନ୍ଧ୍ୟା ୬ଟାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଚନ୍ଦାହାଣ୍ଡିବାସୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସମସ୍ତ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଆମ୍ବେଦକର ଯୁବକ ସଂଘ ସଭାପତି କ୍ଷେମରାଜ ବାଘଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାକୁ ସଦସ୍ୟ ଚକ୍ରଧର ଚୌହାନ, ରଜତ କୁମାର ଜଗତ, ଗୌରୀ ଶଙ୍କର ସେଠୀ, ଭୀମସେନ ଡଙ୍ଗରି, ବାସୁଦେବ ସୁନା, ଚନ୍ଦନ ଜଗତ, କୃଷ୍ଣ ବାଘ, କୁନା ଜାଲି, ଦିଗ୍‌ବିଜୟ ସିଂ ବାଘ ପ୍ରମୁଖ ପରିଚାଳନା କରିଥିଲେ। ପିଙ୍କୁ ବାଘ, ସିପୁନ ଚୌହାନ, ବାବୁଲି ବାଘ, କିଶନ ଚୌହାନ, ଲମ୍ବୋଦର ବାଘ, ଦିଆଲୁ ଜଗତ, ଦେବାଶିଷ ସେନାପତି, ଆକାଶ ସାହୁ, ରାହୁଲ ଡଙ୍ଗରୀ, ନୈତିକ ବାଘ, ପପୁନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।



କ୍ୟାଣ୍ଡେଲ ଶୋଭାଯାତ୍ରାରେ ଚନ୍ଦାହାଣ୍ଡି ଅଞ୍ଚଳର ଯୁବଗୋଷ୍ଠୀ।

# ପ୍ରତି ବ୍ଲକ୍, ପଞ୍ଚାୟତରେ ହିତାଧିକାରୀଙ୍କୁ ଭତ୍ତା, ରାଶନକାର୍ଡ ବଣ୍ଟନ

- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ
- ପହଲଗାମ୍ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

ପଟ୍ଟାଙ୍ଗି/ଜୟପୁର/ଦଶମନ୍ତପୁର/ସେମିଳିଗୁଡା/ସୁନାବେଡା/ନନ୍ଦପୁର/କୁନ୍ଦୁରା ୨୪।୪(ଶରତ କୁମାର ଧଳ/ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ/ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ/ତୁଷାରକାନ୍ତ ମହାନ୍ତି/ସନ୍ତୋଷ ପ୍ରହରାଜ)



ଦଶମନ୍ତପୁର ବ୍ଲକ୍‌ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ଉପଜିଲାପାଳ ପ୍ରେମ୍‌ଲାଲ୍ ହିଆଲ, ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ୧୫ ହିତାଧିକାରୀଙ୍କୁ ରାଶନକାର୍ଡ ଓ ୧୫ଜଣ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ସରକାରଙ୍କ କାର୍ଯ୍ୟକ୍ରମକୁ କୋଟିଆ ପଞ୍ଚାୟତରେ ପହଞ୍ଚାଇବା ପାଇଁ ସୁପ୍ରଭାଇଜର ସୁନାରି ମାଣ୍ଡିଙ୍ଗ୍ ଓ ବ୍ଲକର ୪ ଅଙ୍ଗନୱାଡିକର୍ମୀଙ୍କୁ ପୋଷଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଜୟପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଞ୍ଚାତିରାଜ ଦିବସ ପାଳିତ ହୋଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଷ ପାଢୀ, ଏବିଡିଓ ମନୋଜ ନାୟକ, ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୪୪ ନୂତନ ହିତାଧିକାରୀଙ୍କୁ ଭତ୍ତା, ୩୪ ଜଣଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଥିଲା। ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ସହ ବିକଶିତ ଓଡ଼ିଶା ଓ ବିକଶିତ ଗ୍ରାମର ଭିତ୍ତିପ୍ରସ୍ତର ଦିଆଯାଇଛି। ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍.ନିଶା,ଏପିଓ ସନ୍ତୋଷି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦଶମନ୍ତପୁର ବ୍ଲକ୍‌ରେ ବିଡିଓ ମିଲନ୍ କୁମାର ଝାଙ୍କରଙ୍କ ତତ୍ତ୍ୱାବଧାନରେ ପଞ୍ଚାତିରାଜ ଦିବସ ପାଳିତ ହୋଇଛି। ଏଥିରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ବ୍ଲକ୍ ଉପାଧ୍ୟକ୍ଷ ଅରୁଣ କୁମାର ଚେଟି, ଏମ୍‌ପି ପ୍ରତିନିଧି ପଙ୍କଜ ବାଘ, ମଣ୍ଡଳ ୧ର ବ୍ଲକ ଭାଜପା ସଭାପତି ଦିଲ୍ଲୀପ ବାଘ, ସମ୍ପାଦକ କୃପା ରାଇ, ବିଜେଡି ସଭାପତି ମହେନ୍ଦ୍ର କୁଳଦୀପ, କଂଗ୍ରେସ ସମ୍ପାଦକ ମୋହନ ପାତ୍ର ହିଆଲ, ଭାଜପା ଯୁବନେତା ମନୁ ଗରଡ଼ା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେତେକ ନବ ନିର୍ବାଚିତ ରାଜ ନେତା ପ୍ରଦ୍ୱୀପ ପ୍ରଜ୍ୱଳନ ସମୟରେ ଜୋତା ପରିଧାନ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମିଳିଗୁଡା ବ୍ଲକ୍ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ପରେ କାଶ୍ମୀର ପହଲଗାମରେ ଆତଙ୍କି ହମଲାର ଶିକାର ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସୁବାଇ, ଗୁଣ୍ଠା ପୁଟ, ରାଜ୍‌ପୁଟ, କୁନ୍ଦୁଲି, ପାକଝୋଲା, ଦଳେଇଗୁଡ଼ା, ପରଜା ମୁଠାଇ,ପିତାଗୁଡ଼ା ଓ ଖୁଡ଼ିକୁ ଶ୍ରେଷ୍ଠ ପଞ୍ଚାୟତର ମାନ୍ୟତା ପ୍ରଦାନ କରି ବିଜିବିଓ ଯୋଜନାରେ ୮ ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୧୯ ନୂତନ ହିତାଧିକାରୀଙ୍କୁ ରାଶନକାର୍ଡ,୨୧୮ ନୂତନ ହିତାଧିକାରୀଙ୍କୁ ଭତ୍ତା ଓ ୫ ଏସ୍‌ଏଚ୍‌ଜିକୁ ୨୫ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ,ଅତିରିକ୍ତ ଉପଜିଲାପାଳ ସଂଯୁକ୍ତା ବା, ବିଡିଓ ଯସ୍ମୀନ ପ୍ରଧାନ, ଏମ୍‌ପି ପ୍ରତିନିଧି ଜଗତ ରାୟ ଖିନବୁଡି,ପ୍ରବେସନ ଓଏଏସପି ଅଙ୍କିତା ଦୋରା,ନରେଶ ଯାନୀ ଓ ୧୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ନନ୍ଦପୁର ବ୍ଲକ୍ ଅଧୀନ ୨୩ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳନ କରାଯାଇଛି। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଜିଲାସ୍ତରୀୟ ନୋଡାଲ ଅଧିକାରୀ ଭାବେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସ୍ନେହ ପ୍ରଭା ମାଝୀ ଯୋଗଦେଇଥିଲେ। ଏଥିରେ ପହଲଗାମ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ଗୋପାଳ ମାଟାମ, ସରପଞ୍ଚ, ସମିତି ସଭ୍ୟ, ବିଧାୟକ ପ୍ରତିନିଧି କାମେଶ କାମୁଡି, ଭାଜପା ନେତା ଶେଖ୍ ଗଫୁର,ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରୀ, ମୁନା ଦଳପତି, କଂଗ୍ରେସ ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ କଲୋନୀ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, ବିଡିଓ କପିଳେଶ୍ୱର ତାଣ୍ଡି,ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଜିଲା ପ୍ରତିନିଧି ଅମ୍ବୁ ପାତ୍ର, ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ଜିପିଇଓ ଜଗତ ସିଂ ମାଝୀ, ବିଏସ୍‌ଏସ୍‌ଓ ବଳିରାମ ଭତ୍ରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱରୂପ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ର ୧୬ ପଞ୍ଚାୟତର ସମସ୍ତ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। କୁନ୍ଦୁରା ଉପାନ୍ତ ଅଞ୍ଚଳରେ ୧୫ କୋଟି ଟଙ୍କା ବ୍ୟୟରେ ସଦର ମହକୁମାରେ ଏକ ଇଣ୍ଡୋର ଷ୍ଟାଡିୟମ କରାଯିବା ନେଇ ମଧ୍ୟ ପ୍ରକ୍ରିୟା ସରିଛି। ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଛି।

# ସୁରକ୍ଷା, ଗୋଇନ୍ଦା ବିଫଳତାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

**ପହଲଗାମ୍ ଆକ୍ରମଣ**

ନୂଆଦିଲ୍ଲୀ,୨୪।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଦେଶର ସୁରକ୍ଷା ବ୍ୟବସ୍ଥା ଏବଂ ଗୋଇନ୍ଦା ବିଫଳତାକୁ ନେଇ କଂଗ୍ରେସ ଏବଂ ଶିବସେନା(ୟୁବିଟି) ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସୁରକ୍ଷା ବିଫଳତା ଏବଂ ଗୋଇନ୍ଦା ବ୍ୟବସ୍ଥାରେ ତ୍ରୁଟି କାରଣରୁ ଏଭଳି ଆକ୍ରମଣ ଘଟିଲା ବୋଲି କଂଗ୍ରେସ କାର୍ଯ୍ୟକରୀ କମିଟି (ସିଡବ୍ଲ୍ୟୁସି) କହିବା ସହ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ଆତଙ୍କବାଦୀମାନେ ଜାଣିଶୁଣି ହିନ୍ଦୁମାନଙ୍କୁ ଟାର୍ଗେଟ କରି ସାମ୍ପ୍ରଦାୟିକ ଭାବନାକୁ ଉସୁକାଇଥିବାରୁ ଏହାକୁ ନିନ୍ଦାକରି ସିଡବ୍ଲ୍ୟୁସି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ସ୍ଥାନଗୁଡ଼ିକରେ ସାଧାରଣତଃ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥାଏ। ପହଲଗାମ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳରେ, ଯେଉଁଠି ସବୁବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଥାଏ, ସେଦିନ ତାହା ନ ଥିଲା କାହିଁକି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଗୁଲାମ ଅହମଦ ମିର୍ ପ୍ରଶ୍ନ କରିଛନ୍ତି। ପର୍ଯ୍ୟଟକଙ୍କ ସର୍ବାଧିକ ଗହଳି ସମୟରେ ଏଭଳି ଢିଲା ସୁରକ୍ଷା ଏବଂ ଗୋଇନ୍ଦା ବିଫଳତା ଆଶା କରାଯାଉ ନ ଥିଲା। ଏ ନେଇ ସାଧାରଣ ନାଗରିକଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଛି, ସରକାରଙ୍କୁ ତାହାର ଜବାବ ଦେବାକୁ ପଡ଼ିବ ବୋଲି ଜମ୍ମୁ-କଶ୍ମୀର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ମିର୍ କହିଛନ୍ତି।

ସେହିପରି ଶିବସେନା(ୟୁବିଟି) ଅନୁରୂପ ପ୍ରଶ୍ନ ଉଠାଇବା ସହ ସରକାର ଉତ୍ତରଦାୟୀ ରହିବାକୁ ଦାବି କରିଛି। ସର୍ବଦଳୀୟ ବୈଠକ ପୂର୍ବରୁ ଶିବସେନା(ୟୁବିଟି) ନେତା ଅରବିନ୍ଦ ସାୱନ୍ତ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ପତ୍ର ଲେଖି ସେ ଏବଂ ସଞ୍ଜୟ ରାଉତ ଏହି ବୈଠକରେ ଯୋଗଦେଇପାରିବେ ନାହିଁ ବୋଲି ଜଣାଇଥିଲେ। ଆକ୍ରମଣ ଘଟଣାରେ ସରକାର କୌଣସି ଦୃଢ଼ ନିଷ୍ପତ୍ତି ନେବା ପୂର୍ବରୁ ସମର୍ଥନ ହାସଲର ଏକ ମାଧ୍ୟମ ଭାବେ ଏହି ବୈଠକ ଡାକିଥିବା ଜଣାପଡୁଛି। କାହିଁକି ଏବଂ କିପରି ଏହି ଆକ୍ରମଣ ଘଟିଲା ଏବଂ ଗୋଇନ୍ଦା ବିଫଳତାକୁ ନେଇ ଉଠିଥିବା ପ୍ରଶ୍ନର ଉତ୍ତର ସରକାର ପ୍ରଥମେ ଦିଅନ୍ତୁ ବୋଲି ସାୱନ୍ତ କହିଛନ୍ତି।

# ପଞ୍ଚାୟତ ବ୍ୟବସ୍ଥା ଅମଲାଙ୍କ କବଳରୁ ମୁକ୍ତ ଜରୁରୀ: ଭକ୍ତ



ପଞ୍ଚାୟତିରାଜ ବ୍ୟବସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ପିସିସି ସଭାପତି ଭକ୍ତ ଚରଣ ଦାସ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

ପଞ୍ଚାୟତିରାଜ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ତାହାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ଅଧିକ ବ୍ୟବସ୍ଥିତ କରିଥିଲେ। ସମ୍ବିଧାନର ୭୩ତମ ସଂଶୋଧନ ଆଇନ କ୍ଷମତା ବିକେନ୍ଦ୍ରୀକରଣର ଏକ ବୈପ୍ଳବିକ ପଦକ୍ଷେପ ଆଣିଥିଲା। ମାତ୍ର ତାହା ଏବେ ଅମଲାତନ୍ତ୍ର କବଳରେ କବଳିତ ହୋଇଯାଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ତେଣୁ ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନ କଲେ ଗାଁର ବିକାଶ ସମ୍ଭବ ନୁହଁ ବୋଲି ବୁଦ୍ଧମନ୍ଦିରଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭକ୍ତ ଏହା କହିଛନ୍ତି। ସେ କହଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ। ଏଥିପାଇଁ ରାଜ୍ୟର ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କର ଏକ ମହାସମାବେଶ ଦରକାର ବୋଲି ସେ କହିଛନ୍ତି। ଉତ୍ସବକୁ ଓଡ଼ିଶାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର ଯୋଗଦେଇ କହିଲେ, ପଞ୍ଚାୟତ ବ୍ୟବସ୍ଥା ଅମଲା କବଳରୁ ମୁକ୍ତ ହେବା ଜରୁରୀ ହୋଇପଡ଼ିଲାଣି। ଓଡ଼ିଶାର ପୂର୍ବତନ ନିର୍ବାଚନ କମିଶନର ସଞ୍ଜୀବ ହୋତା କହିଲେ, ଗ୍ରାମ ସଭା ଓ ପଲ୍ଲିସଭାକୁ ସମ୍ବିଧାନ ଯେଉଁ ଅଧିକାର ଦେଇଛି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନ ଆନ୍ଦୋଳନର ଆବଶ୍ୟକ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଡ. ଅରବିନ୍ଦ ବେହେରା, ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ସଂଗଠନର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ପରେ ‘ପଞ୍ଚାୟତିରାଜ ବନାମ ବାବୁରାଜ’ ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ. ମାନସ ବେହେରା ଯୋଗଦେଇ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ମେ’ ୧୧ ତାରିଖରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ୍‌ରେ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି।

# ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ: ବିଜେଡି

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅର୍ଥାତ୍ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ବିଜେଡି ଏହାକୁ ବିଜୁ ପଟ୍ଟନାୟକଙ୍କ ପ୍ରତିଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ବୋଲି ଅଭିହିତ କରିଛି। ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଆସୁଥିବାବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚଳ ପୁନର୍ବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ମାର୍ଚ୍ଚ ୧୯୯୧ରେ ୩ଟି ବିଲ୍ ପାରିତ କରାଇଥିଲେ। ଏହି ୩ଟି ବିଲ୍ ହେଲା, ଓଡ଼ିଶା ଜିଲା ପରିଷଦ ବିଲ୍ ୧୯୯୧, ଓଡ଼ିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧। ୩ଟି ଯାକ ବିଲ୍‌ରେ ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ କ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି। ବିଜୁ ପଟ୍ଟନାୟକଙ୍କ ଦୃଢ଼ ନିଷ୍ପତ୍ତି ଯୋଗୁ ଏହା ସମ୍ଭବ ହୋଇପାରିଥିଲା। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇ ଆସୁଥିଲା। ରାଜ୍ୟ ସରକାର ଏହାକୁ ପରିବର୍ତ୍ତନକରି ଏପ୍ରିଲ ୨୪ରେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯିବା ରାଜ୍ୟର ଗୌରବମୟ ଇତିହାସକୁ ବିକୃତ କରିବା ସହ ଓଡ଼ିଆ ଅସ୍ମିତାକୁ କୁଠାରାଘାତ ସଦୃଶ ବୋଲି ଲେନିନ୍ କହିଛନ୍ତି।



ଲେନିନ୍ ମହାନ୍ତି

# ଧୂମୁଛାଇ ସମିତିସଭ୍ୟ ଉପନିର୍ବାଚନ: ଭାଜପା ସମର୍ଥିତ ଶ୍ୟାମସୁନ୍ଦର ଜିତିଲେ

ବେଲଗୁଣ୍ଠା,୨୪।୪
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଧୂମୁଛାଇ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ବୁଧବାର ଉପନିର୍ବାଚନ ହୋଇଥିଲା। ଗୁରୁବାର ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ଭାଜପା ସମର୍ଥିତ ପ୍ରାର୍ଥୀ ଶ୍ୟାମ ସୁନ୍ଦର ନାୟକ ବିଜେଡି ସମର୍ଥିତ ପ୍ରାର୍ଥୀ ବିନୋଦିନୀ ନାୟକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ଶ୍ୟାମସୁନ୍ଦର ବିଜେଡ଼ି ପ୍ରାର୍ଥୀଙ୍କ ଠାରୁ ୮୩୪ ଖଣ୍ଡ ଭୋଟ୍ ଅଧିକ ପାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ବେଲଗୁଣ୍ଠା ବିଡ଼ିଓ ବିଜୟ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିଲେ। ଶ୍ୟମ ସୁନ୍ଦରଙ୍କ ବିଜୟ ପରେ ଭାଜପା ନେତା ଓ କର୍ମୀ ବାଣ ଫୁଟାଇ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।



ଶ୍ୟାମ ସୁନ୍ଦର ନାୟକ।

# ରାଜ୍ୟ ଯୁବକଂଗ୍ରେସ ପୁନର୍ଗଠିତ: ରଣଜିତ ସଭାପତି

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

ଭାରତୀୟ ଯୁବକଂଗ୍ରେସ ସଭାପତି ଉଦୟଭାନୁ ଚିବ୍‌ଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ କଂଗ୍ରେସର ନବକଳେବର ହୋଇଛି। ଫଳରେ ଗୁରୁବାର ରଣଜିତ ପାତ୍ର ରାଜ୍ୟ ଯୁବକଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଥିବାବେଳେ କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ କୁମାର ସାହୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି।



ରଣଜିତ ପାତ୍ର

ସେହିପରି ରୁକ୍ମଣି ମଙ୍ଗରାଜ ଓ ନାରାୟଣ ବରୀ ରାଜ୍ୟ ଯୁବକଂଗ୍ରେସ ଉପସଭାପତି ହୋଇଥିବାବେଳେ ନୀହାର ରଞ୍ଜନ ବେହେରାଙ୍କ ସମେତ ଅନ୍ୟ ୨୮ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତକରାଯାଇଛି। ଏହାବାଦ୍ ପ୍ରେମ୍‌ଜିତ୍ ମହାନ୍ତିଙ୍କ ସମେତ ୯ ଜଣ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ପ୍ରଦୀପ କୁମାର ସାହୁ ରାଜ୍ୟ ଲିଗାଲ ସେଲ୍ ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।

# ଭାଜପାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ

**ପଞ୍ଚାୟତିରାଜ ଦିବସ ପାଳନ ବେଳେ ଗଣ୍ଡଗୋଳ**

ବାସୁଦେବପୁର,୨୪।୪
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସହ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଉତ୍ସବ ପରେ ବ୍ଲକ ଅଫିସ୍ ପରିସରରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିବା ଦେଖିବାକୁ ମିଳିଛି। ପରସ୍ପର ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଓ ଠେଲାପେଲା ଦେଖି ସଭାରେ ଥିବା ମହିଳାଙ୍କ ସମେତ ଲୋକେ ସେଠାରୁ ଦୌଡ଼ି ପଳାଇଥିଲେ। ଗୋଟିଏ ପକ୍ଷର ଆକ୍ରମଣରେ ଭାଜପା ନଗର ମଣ୍ଡଳ ସଭାପତି ଆଶୁତୋଷ ସାମଲ ଆହତ ହୋଇଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ସେ କାର୍ଯ୍ୟାଳୟ ପରିସରରେ ବସି ରହିଥିଲେ। ଖବର ପାଇ ବାସୁଦେବପୁର ଥାନା ପୋଲିସ ପହଞ୍ଚିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବିଡିଓ ତନ୍ମିତା କରଙ୍କୁ ପୋଲିସ ଭେଟି ଆଲୋଚନା କରିବା ସହ ତଦନ୍ତ ଆରମ୍ଭ କରିଛି। ଦୁଇଗୋଷ୍ଠୀ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଗୋଟିଏ ଗୋଷ୍ଠୀ ମଞ୍ଚରୁ ଆସିବା ପରେ ଅପର ଗୋଷ୍ଠୀ ତାଙ୍କୁ ଆକ୍ଷେପମୂଳକ କଥା କହିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## Business

# ଏଲ୍ଆଇସିର ନୂତନ ବ୍ୟବସାୟ ପ୍ରିମିୟମ ୨.୨୭ ଟ୍ରିଲିୟନ ଟଙ୍କା

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍ଆଇସି ଇଣ୍ଡିଆ)ର ନୂତନ ବ୍ୟବସାୟ ପ୍ରିମିୟମ ବୃଦ୍ଧି ପାଇଚାଲିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନୂତନ ବ୍ୟବସାୟ ପ୍ରିମିୟମ ଆକାରରେ ଏଲ୍ଆଇସି ପ୍ରାୟ ୨.୨୭ (୨,୨୬,୬୬୯.୯୧ କୋଟି ) କୋଟି ଟଙ୍କା ସଂଗ୍ରହ କରିଛି, ଯେଉଁଥିରେ ବ୍ୟକ୍ତିଗତ ନୂତନ ବ୍ୟବସାୟରୁ ଜୀବନକାଳୀନ ସର୍ବାଧିକ ବ୍ୟକ୍ତିଗତ ପ୍ରିମିୟମ ପ୍ରାୟ ୬୨,୪୦୫ (୬୨,୪୦୪.୫୮କୋଟି) କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଜୀବନବୀମା ପରିଷଦର ତଥ୍ୟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମରେ ବାର୍ଷିକଭିତ୍ତିରେ ୮.୩୫% ଅଭିବୃଦ୍ଧି ଘଟିଛି।

ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍ଆଇସିର ଗ୍ରୁପ୍ ପ୍ରିମିୟମ ୦.୪୦% ହ୍ରାସ ପାଇ ୧,୬୪,୨୬୫.୩୪ କୋଟି ଟଙ୍କରେ ରହିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧,୬୪,୯୨୫.୮୯ କୋଟି ଟଙ୍କା ଥିଲା। ଏପରିକି ୨୦୨୪ ଅକ୍ଟୋବର ୧ଠାରୁ ନୂତନ ଆତ୍ମସମର୍ପଣ ମୂଲ୍ୟ ମାନଦଣ୍ଡ ପ୍ରଚଳନ ସତ୍ତ୍ୱେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଲ୍ଆଇସି ପ୍ରାୟ ୧.୭୮ କୋଟିର ନୂତନ ପଲିସି ବିକ୍ରି କରିଛି। ବିଶେଷ ୨୦୨୫ ମାର୍ଚ୍ଚରେ ସେଗ୍‌ମେଣ୍ଟର ନିର୍ଦ୍ଦିଷ୍ଟ ପ୍ରଦର୍ଶନକୁ ଦେଖିଲେ, ବ୍ୟକ୍ତିଗତ ପ୍ରିମିୟମ ସେଗ୍‌ମେଣ୍ଟରେ ଏଲ୍ଆଇସିର କାରବାର ୧୦.୭୫% ବୃଦ୍ଧି ଘଟିଛି, ଯାହା ମୋଟ ୧୦,୦୨୨ କୋଟି ଟଙ୍କା ହୋଇଛି। ୨୦୨୪ ମାର୍ଚ୍ଚରେ ୯,୦୪୮.୮୭ କୋଟି ଟଙ୍କା ଥିଲା। ବିପରୀତରେ ଗ୍ରୁପ୍ ପ୍ରିମିୟମ ୨୦୨୩-୨୪ ଆର୍ଥିକ ବର୍ଷରେ ୧.୩୪% ହ୍ରାସ ପାଇ ୨୬,୮୮୫.୩୩ ୨୭,୨୫୧.୭୪ କୋଟି ଟଙ୍କାରୁ କୋଟି ଟଙ୍କା ହୋଇଛି।

**ଏଲ୍ଆଇସିର ନୂତନ ବ୍ୟବସାୟ ପ୍ରିମିୟମ**

| ଆର୍ଥିକ ବର୍ଷ | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | ନୂତନ ବ୍ୟବସାୟ ପ୍ରିମିୟମ୍ (କୋଟି ଟଙ୍କା) | % ପରିବର୍ତ୍ତନ |
|---|---|---|---|
| ୨୦୧୫ | ୭୮,୩୦୨.୮୨ | ୯୦,୧୨୩.୭୫ | -୧୩.୧୨ |
| ୨୦୧୬ | ୯୭,୬୭୪.୩୧ | ୭୮,୩୦୨.୮୨ | ୨୪.୭୪ |
| ୨୦୧୭ | ୧,୨୪,୩୯୬.୨୭ | ୯୭,୬୭୪.୩୧ | ୨୭.୩୬ |
| ୨୦୧୮ | ୧,୩୪,୫୫୧.୬୯ | ୧,୨୪,୦୩୬.୨୬ | ୮.୪୮ |
| ୨୦୧୯ | ୧,୪୨,୧୯୧.୬୯ | ୧,୩୪,୫୫୧.୬୯ | ୫.୬୮ |
| ୨୦୨୦ | ୧,୭୭,୯୭୭.୦୬ | ୧,୪୨,୨୫୪.୬୭ | ୨୫.୧୧ |
| ୨୦୨୧ | ୧,୮୪,୧୭୪.୫୭ | ୧,୭୭,୯୭୭.୦୬ | ୩.୪୮ |
| ୨୦୨୨ | ୧,୯୮,୭୫୯.୮୬ | ୧,୮୪,୧୭୪.୫୭ | ୭.୯୨ |
| ୨୦୨୩ | ୨,୩୧,୮୯୯.୧୬ | ୧,୯୮,୭୫୯.୮୬ | ୧୬.୬୭ |
| ୨୦୨୪ | ୨,୨୨,୫୨୩.୦୧ | ୨,୩୧,୮୯୯.୧୬ | -୪.୦୪ |
| ୨୦୨୫ | ୨,୨୬,୬୬୯.୯୧ | ୨,୨୨,୫୨୩.୦୧ | ୧.୮୬ |

ଉତ୍ସ: ଜୀବନ ବୀମା ପରିଷଦ

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୪।୪

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହିତ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୫ (୩୧୫.୦୬) ପଏଣ୍ଟ ହ୍ରାସ ଘଟି ୭୯,୮୦୧ (୭୯,୮୦୧.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ୮୨ (୮୨.୨୫) ପଏଣ୍ଟ କମି ୨୪,୨୪୭ (୨୪,୨୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଜେଏସ୍ଏଲ୍‌କୁ ଜାତୀୟ ଗୁଣବତ୍ତା ପୁରସ୍କାର



ଅତିଥିଙ୍କ ଠାରୁ ଜେଏସଏଲର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୪।୪

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ‘ଜାତୀୟ ଗୁଣବତ୍ତା ପୁରସ୍କାର’ ମିଳିଛି। ଏପରିକି ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର-୨୦୨୪ରେ ପ୍ରଦର୍ଶନ ଉତ୍କର୍ଷ କ୍ଷେତ୍ରରେ କମ୍ପାନୀର ଯାଜପୁର ୟୁନିଟ୍ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଏମ୍‌ସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତ୍ତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି। ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତ୍ତା ପୁରସ୍କାର ଢାଞ୍ଚା ଉପରେ ଆଧାରିତ ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷ ପାଇଁ ଏକ ମାନଦଣ୍ଡ ଭାବେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ଆମେ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପ୍ରଦର୍ଶନ ଉତ୍କର୍ଷ ପୁରସ୍କାର ପାଇ ଧନ୍ୟ ମନେକରୁଛୁ। ଏହି ମାନ୍ୟତା ଆମ ଦଳର କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ଗ୍ରାହକ ମୂଲ୍ୟ ପାଇଁ ନିରନ୍ତର ପ୍ରୟାସର ଏକ ପ୍ରମାଣ ପାଲଟିଛି। ଏହା ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ କ୍ଷେତ୍ରରେ ଉଦାହରଣ ଦେଇ ନେତୃତ୍ୱ ନେବା ଏବଂ ଗୁଣବତ୍ତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମର ଲକ୍ଷ୍ୟକୁ ସୁଦୃଢ଼ କରୁଛି। ଆମେ ଏହି ସଫଳତାକୁ ଆମର କର୍ମଚାରୀ, ଅଂଶୀଦାର ଏବଂ ଗ୍ରାହକମାନଙ୍କୁ ଉତ୍ସର୍ଗ କରୁଛୁ, ଯେଉଁମାନେ ଆମର ଗୁଣବତ୍ତା ଯାତ୍ରାର ଅବିଚ୍ଛେଦ୍ୟ ଅଂଶୀଦାର ହୋଇଛନ୍ତି।

# ଏଚ୍‌ପିର ନେକ୍ସଟ୍-ଜେନ୍ ଏଆଇ ପିସି ରେଞ୍ଜ

ଭୁବନେଶ୍ୱର,୨୪।୪

ଏଚ୍‌ପିର ବହୁ ପ୍ରତୀକ୍ଷିତ ତଥା ସବୁଠାରୁ ଶକ୍ତିଶାଳୀ ଓ ବିସ୍ତୃତ ରେଞ୍ଜର ନେକ୍ସଟ୍-ଜେନ୍ ଏଆଇ ପିସିଗୁଡ଼ିକର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଏଚ୍‌ପି ଏଲିଟ୍‌ବୁକ୍, ଏଚ୍‌ପି ପ୍ରୋ ବୁକ୍ ଓ ଏଚ୍‌ପି ଓମ୍‌ନିବୁକ ସିରିଜକୁ ବୃହତ୍ ଉଦ୍ୟୋଗ, ଷ୍ଟାର୍ଟଅପ୍ ଓ ରିଟେଲ ଉପଭୋକ୍ତାଙ୍କ ଭଳି ଗ୍ରାହକଙ୍କ କମ୍ପ୍ୟୁଟିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଇଣ୍ଟେଲ କୋର ଅଲ୍‌ଟ୍ରା ୨୦୦ଭି ସିରିଜ୍, ଏଏମ୍‌ଡି ରାଇଜେନ୍ ଏଆଇ ୩୦୦ ସିରିଜ୍ ଏବଂ କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ ଏକ୍ସ, ଏକ୍ସ ଏଲିଟ, ଏକ୍ସ ପ୍ଲସ୍ ସମେତ ନୂଆ ପ୍ରୋସେସରଗୁଡ଼ିକ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଏକ ଡେଡିକେଟେଡ୍ ନ୍ୟୁରାଲ ପ୍ରୋସେସିଂ ୟୁନିଟ୍ (ଏନ୍‌ପିୟୁ) ସହ ସୁସଜ୍ଜିତ ରହିଛି, ଯାହା ପ୍ରତି ସେକେଣ୍ଡ ପିଛା ୪୦ରୁ ୫୫ ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ବୋଲି କୁହାଯାଉଛି। କୋପାଇଲଟ+ ପିସି ଭାବେ ସେଗୁଡ଼ିକ ମୂଳ କମ୍ପ୍ୟୁଟିଂ ଅନୁଭୂତିରେ ଏଆଇକୁ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ଶକ୍ତିଶାଳୀ ଓ ଅନ୍ତର୍ନିହିତକାରୀ ଶୈଳୀରେ ଉତ୍ପାଦକତା, ସୃଜନଶୀଳତା ଓ ସହଭାଗିତାକୁ ଉନ୍ନତ କରିଥାଏ। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇପ୍‌ସିତା ଦାସଗୁପ୍ତା କହିଛନ୍ତି, ଆମେ ଆର୍ଥିକ ସେବା ଓ ରିଟେଲଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପର୍ଯ୍ୟନ୍ତ, ବିଭିନ୍ନ କ୍ଷେତ୍ରରେ ସାର୍ଥକ ଉଦ୍ଭାବନ ପ୍ରଦାନ କରିବା, ଉତ୍ପାଦକତାକୁ ଆଗକୁ ବଢ଼ାଇବା ଓ ଆର୍ଥିକ ସୁଯୋଗଗୁଡ଼ିକୁ ସକ୍ଷମ କରିବା ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଦେଖୁଛୁ, ଯାହା ଭବିଷ୍ୟତର କାର୍ଯ୍ୟକୁ ପୁନଃ ପରିଭାଷିତ କରିବ। ନେକ୍ସଟ୍-ଜେନ୍ ଏଆଇ କ୍ଷମତାଗୁଡ଼ିକ ଦ୍ୱାରା ପରିଚାଳିତ ଏହି ରେଞ୍ଜ, ଭିଡିଓ କଲ୍ ସମୟରେ ରିଅଲ-ଟାଇମ ନଏଜ କ୍ୟାନ୍ସେଲେଶନ ଓ ଅଟୋ-ଫ୍ରେମିଂଠାରୁ ଆରମ୍ଭକରି ବ୍ୟକ୍ତିଗତ କାର୍ଯ୍ୟଶୈଳୀକୁ ପର୍ସନାଲାଇଜ କରୁଥିବା ଅନୁକୂଳ କାର୍ଯ୍ୟଦକ୍ଷତା ପର୍ଯ୍ୟନ୍ତ ,ଇଣ୍ଟେଲିଜେଣ୍ଟ ପରଫର୍ମାନ୍ସ ଏନ୍‌ହାନ୍ସମେଣ୍ଟ ପ୍ରଦାନ କରୁଛି।

# ରାହୁଲ ବାନାର୍ଜୀଙ୍କ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨୪।୪: (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ଏବଂ ପୂର୍ବତନ ଭାରତୀୟ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ରାହୁଲ ବାନାର୍ଜୀଙ୍କ ମଧ୍ୟରେ ସହଭାଗିତା ସ୍ଥାପନ ହୋଇଛି। ଏପରିକି ତୃଣମୂଳସ୍ତରର କ୍ରୀଡ଼ାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଚାମ୍ପିୟନମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶାର କଳାହାଣ୍ଡିଠାରେ ବେଦାନ୍ତର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ଅଲିମ୍ପିଆନ୍ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ବିଜେତା ରାହୁଲ ବାନାର୍ଜୀଙ୍କ ସହ କମ୍ପାନୀ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତାର ମୂଳ ଉଦ୍ଦେଶ୍ୟ ହେଉଛି, ୮୦ଜଣ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିବା। ଏ ନେଇ ରାହୁଲ ବାନାର୍ଜୀ କହିଥିଲେ, ଆଗାମୀ ପିଢ଼ିର ଭାରତୀୟ ତୀରନ୍ଦାଜମାନଙ୍କୁ ଗଢ଼ିବାରେ ବେଦାନ୍ତ ସହ କାର୍ଯ୍ୟ କରିବା ଏକ ସମ୍ମାନର ବିଷୟ। କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ଏହି ଯୁବ କ୍ରୀଡ଼ାବିତମାନଙ୍କ ପାଖରେ ବିଶ୍ୱମଞ୍ଚରେ ଚମକିବାର କ୍ଷମତା ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇପାରେ। ରାହୁଲ ବାନାର୍ଜୀଙ୍କ ସହ ଆମର ଭାଗୀଦାରି ଗୋଷ୍ଠୀଗତ ବିକାଶ ଏବଂ କ୍ରୀଡ଼ା ଉତ୍କର୍ଷ ପ୍ରତି ଆମର ଗଭୀର ପ୍ରତିବଦ୍ଧତାର ପ୍ରତିଫଳନ। ୨୦୧୮ରେ ଏହାର ଆରମ୍ଭ ହେବାଠାରୁ ବେଦାନ୍ତର କ୍ରୀଡ଼ା ପ୍ରଶିକ୍ଷଣ ପଦକ୍ଷେପ ଲାଞ୍ଜିଗଡ଼ରେ କଳାହାଣ୍ଡିର ଆଦିବାସୀ ସମ୍ପ୍ରଦାୟର କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ।



ଚୁକ୍ତିନାମା ସମୟରେ ଉଭୟ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ବଜାରରେ ଓପୋର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୪

ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ‘ଓପୋ କେ୧୩ ୫ଜି’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏଥିରେ ସ୍ନାପ୍‌ଡ୍ରାଗନ ୬ ଜେନ୍ ୪ ମୋବାଇଲ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଏହି ଡିଭାଇସ୍‌ରେ ୮୦ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜର ସହ ୭୦୦୦ ଏମ୍ଏଏଚ୍ ଗ୍ରାଫାଇଟ ବ୍ୟାଟେରି, ସେଗ୍‌ମେଣ୍ଟ-ଲିଡିଂ ଭିସି କୁଲିଂ, ଏକ ୧୨୦ହର୍ଜ ଏଫ୍ଏଚ୍‌ଡି+ ଆମୋଲେଡ୍ ଡିସ୍‌ପ୍ଲେ ଓ ଇଣ୍ଟେଲିଜେଣ୍ଟ ନେଟ୍‌ୱର୍କ ଅପ୍ଟିମାଇଜେଶନ ଭଳି ଫିଚର ଆଦି ରହିଛି, ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ ମୁଖ୍ୟ ସାଭିଓ ଡିସୌଜା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ‘ଓପୋ କେ୧୩’କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ। ଏପରିକି ବିନା ସାଲିସ୍‌ରେ ଆମେ ଗ୍ରାହକଙ୍କ ପାଇଁ ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ଏକ ଓପି ଅନୁଭୂତି ଆଣିଛୁ। ବିଶେଷକରି ଏହା ସ୍ନାପ୍‌ଡ୍ରାଗନ ୬ ଜେନ୍ ୪ ଚିପ୍‌ସେଟ୍, ସେଗ୍‌ମେଣ୍ଟର ଅନ୍ୟତମ ସର୍ବୋତ୍ତମ ଭିସି କୁଲିଙ୍ଗ ହେଉ କିମ୍ବା ଆମର ଇଣ୍ଟେଲିଜେଣ୍ଟ ଗ୍ରାଫାଇଟ ବ୍ୟାଟେରି ଟେକ୍ନୋଲୋଜି, କେ୧୩ ର ପ୍ରତ୍ୟେକ ଦିଗକୁ ଏହାର ଓଜନଠାରୁ ଅଧିକ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି।

# ଦୋଷୀ ମଉଜଙ୍କୁ ଆଜୀବନ ଜେଲ



**ଅଟୋଚାଳକଙ୍କୁ ହତ୍ୟା ମାମଲା**

ବ୍ରହ୍ମପୁର,୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ୨୦୦୬ ଅକ୍ଟୋବରରେ ଅଟୋଚାଳକ ଗଣେଶ ସାହୁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ୧୮ ବର୍ଷ ପରେ ସତୀଶ କୁମାର ମିଶ୍ର ଓରଫ ମଉଜ(୩୯) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ଶୁଣାଣି କରି ମଉଜଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ ମିଳିଥିବା ବେଳେ ମଉଜ ୮ ବର୍ଷ ହେଲା ଫେରାର ଥିଲେ। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଗୋଷାଣି ନୂଆଗାଁ ପୋଲିସ ଗତ ୧୪ ତାରିଖରେ ତାଙ୍କୁ ଜଗଣୀ ଅଞ୍ଚଳରୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମଉଜଙ୍କ ନାମରେ ଏବେ ବି ବହୁଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା ସମେତ ୪ଟି ମାମଲାରେ ଏନ୍‌ବିଡବ୍ଲ୍ୟୁ ରହିଛି।

୨୦୦୬ ଅକ୍ଟୋବର ୬ ତାରିଖ ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ରେଲଷ୍ଟେସନ ନିକଟରେ ଅଟୋ ଚାଳକ ଗଣେଶଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ମଉଜ, ଶଙ୍କର ବେହେରାଙ୍କ ସମେତ ୬ଜଣ ଯୁବକ ତାଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ବୋମା ମାଡ଼ରେ ଗଣେଶ ତଳେ ପଡ଼ିଯିବା ପରେ ସେମାନେ ତାଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରୀ ରେଳବାଇ ପୋଲିସ ୨୫/୦୬ରେ ହତ୍ୟା ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ୨୦୧୧ରେ ମାମଲାର ରାୟ ପ୍ରକାଶ ବେଳେ ଶଙ୍କର ଓ ମଉଜଙ୍କ ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ସେମାନଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲେ। ୨୦୨୩ ମେ ୨୧ ତାରିଖରେ ପୋଲିସ ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପୂର୍ବରୁ ୨୦୧୧ ଅଗଷ୍ଟ ୧୯ ତାରିଖରେ ତତ୍କାଳୀନ ଜିଲାଜଜ୍ ଆବଶ୍ୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅନ୍ୟ ୪ ଅଭିଯୁକ୍ତ ନେହେରୁନଗରର ସାମାଜିକ ବେହେରା, ହରି ବେହେରା, ପୂର୍ଣ୍ଣ ବେହେରା ଓ କାଳିଆ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଗତ ୧୪ ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ମଉଜଙ୍କୁ ଗୁରୁବାର ରାୟ ପ୍ରକାଶ ବେଳେ କୋର୍ଟରେ ହାଜର କରାଯାଇଥିଲା। ୧୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

# ନୌସେନାରେ ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି

- ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଗିରଫ
- ଆଉ ୨ଜଣଙ୍କୁ ଗିରଫ ପାଇଁ ଆଣ୍ଡାମାନ ଗଲା ସ୍ୱତନ୍ତ୍ର ଟିମ୍
- ୧୨ ବ୍ୟାଙ୍କ ପାସବୁକ, ୪ ମୋବାଇଲ ଫୋନ ଜବତ

ଖୋର୍ଦ୍ଧା/ବାଲୁଗାଁ,୨୪।୪(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନାର ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀ ନିଯୁକ୍ତିରେ ଦୁର୍ନୀତି ହୋଇଛି। ଅଗ୍ନିବୀର ନିଯୁକ୍ତିରେ ପ୍ରାର୍ଥୀଙ୍କୁ ମନୋନୟନ(ସିଲେକ୍ସନ), ପୋଲିସ ଯାଞ୍ଚ(ଭେରିଫିକେସନ), ମେଡିକାଲ ସାର୍ଟିଫିକେଟରେ ସହଯୋଗ ଆଳରେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୧୮/୨୫) ରୁଜୁକରି ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ବାସିନ୍ଦା ପୂର୍ବତନ ନୌସେନା ଅଧିକାରୀ ଭୂଷଣ, ଯୁପିର ବାସିନ୍ଦା ତଥା ଆଣ୍ଡାମାନ ଓ ନିକୋବରର ଆଇଏନ୍‌ଏସ୍ କେଶରୀରେ କାର୍ଯ୍ୟରତ ସତ୍ୟମ ଚହର ଏବଂ ଆଇଏନ୍‌ଏସ୍ ଚିଲିକାରେ କାର୍ଯ୍ୟରତ ବିନୟ କୁମାର ରାୟ। ଏମାନଙ୍କଠାରୁ



ଗିରଫ ୨ ଅଭିଯୁକ୍ତ

୪ଟି ମୋବାଇଲ ଫୋନ୍ ଏବଂ ୧୨ଟି ବ୍ୟାଙ୍କ ପାସବୁକ୍ ଜବତ କରାଯାଇଛି। ଆକାଉଣ୍ଟ ଟ୍ରାଞ୍ଜାକ୍ସନ, ପାସ୍‌ବୁକ ଭେରିଫିକେଶନ କରାଯାଇ ସିଜ୍ କରାଯାଇଛି। ତେବେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ରାକେଟରେ ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବର ନୌସେନା ଅଧିକାରୀଙ୍କ ସମ୍ପୃକ୍ତି



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ

ରହିଥିବା ଜଣାପଡ଼ିଛି। ସୂଚନା ମୁତାବକ, ୨୦୨୪ ନଭେମ୍ବରରେ ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଅଗ୍ନିବୀର ପଦବୀରେ ନିଯୁକ୍ତି ପାଇଁ ଅଭିଯୁକ୍ତମାନେ ପ୍ରଶିକ୍ଷାର୍ଥୀଙ୍କୁ ସହାୟତା ଆଳରେ ଟଙ୍କା ଆଦାୟ କରୁଥିଲେ। ଯିଏ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରୁଥିଲେ, ତାଙ୍କୁ ଫେଲ୍ କରିଦେବା ପାଇଁ ଧମକ ଦେଉଥିଲେ। ଜଣକ ପିଛା ୩୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଏଥିସହ ଅଭିଯୁକ୍ତମାନେ ମୋବାଇଲ ଫୋନ୍‌ରେ ହ୍ୱାଟ୍ସଆପ ଗ୍ରୁପ ଖୋଲି ପ୍ରାର୍ଥୀଙ୍କୁ ସେଥିରେ ସାମିଲ କରିବା ସହ ନିଯୁକ୍ତି କ୍ଷେତ୍ରରେ ଆବଶ୍ୟକ କାଗଜାତ ପ୍ରଦାନ ନେଇ ସନ୍ଦେହ ଦୂର କରୁଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଆଇଏନ୍‌ଏସ୍ ଚିଲିକା ଲ୍ୟୁଟେନାଣ୍ଟ କମାଣ୍ଡର ଅଦ୍ୱିତୀୟ ସିଂହ ଏନେଇ ବାଲୁଗାଁ ଥାନାରେ ଗତ ୧୯ତାରିଖରେ ଅଭିଯୋଗ କରିଥିଲେ। ଏହା ପରେ ଏସ୍‌ପି ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ନାଭାଲ ଛକ ନିକଟରେ ଭଡ଼ା ଘରେ ରହୁଥିବା ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କ ସମେତ ତାଲିମ କେନ୍ଦ୍ର ପରିସରରୁ କାର୍ଯ୍ୟରତ କର୍ମଚାରୀଙ୍କୁ ଗିରଫ କରିଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆଣ୍ଡାମାନ ଯାଇଛି ବୋଲି ଏସ୍‌ପି କହିଛନ୍ତି।

## ଡିକି ଭାଙ୍ଗି ୩ ଲକ୍ଷ ୫୦ ହଜାର ଲୁଟିଲେ

ବଣାଇ,୨୪।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇ ଅଞ୍ଚଳରେ ଦୁର୍ବୃତ୍ତମାନେ ଗୁରୁବାର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବଣାଇ ଥାନାରେ ଅଭିଯୋଗ ହେବାପରେ ପୋଲିସ କେସ୍ ନଂ. ୧୦୧/୨୫ ରୁଜୁ କରିବା ସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଅବସରପ୍ରାପ୍ତ କର୍ମଚାରୀ ଶେଖ ସୁନ୍ଦର ପ୍ରଧାନ ପୁଅ ବାହାଘର ପାଇଁ ଗୁରୁବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ବଣାଇ ଶାଖାରୁ ଟଙ୍କା ଉଠାଇବାକୁ ପୁଅଙ୍କ ସହ ବାଇକରେ ଆସିଥିଲେ। ବ୍ୟାଙ୍କରୁ ଚାରି ଲକ୍ଷ ଟଙ୍କା ଉଠାଇଥିଲେ। ନିଜ ପାଖରେ ପଚାଶ ହଜାର ରଖିବା ପରେ ବାଇକ୍ ଡିକିରେ ଅବଶିଷ୍ଟ ୩ ଲକ୍ଷ ୫୦ ହଜାର ରଖିଥିଲେ। ବ୍ୟାଙ୍କର ଅନତି ଦୂରରେ ଥିବା ଏକ କପଡ଼ା ଦୋକାନ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଅନୁସରଣ କରୁଥିବା ଦୁର୍ବୃତ୍ତମାନେ ଡିକି ଭାଙ୍ଗି ସାଢ଼େ ତିନିଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

# ବନ୍ଧୁକ ଦେଖାଇ ୩୦ ଲକ୍ଷ ଟଙ୍କାର ସୁନା ଲୁଟ୍

ଉଦଳା,୨୪।୪(ସନ୍ତୋଷ କୁମାର ବାଞ୍ଛିନୀ)

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡଳୀ ଛକ ନିକଟରେ ବୁଧବାର ରାତିରେ ଜଣେ ଗହଣା ଦୋକାନୀଙ୍କଠାରୁ ଲୁଟ୍ ହୋଇଛି। ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଲୁଟେରାଙ୍କ ଆକ୍ରମଣରେ ଗହଣା ଦୋକାନୀ ଆହତ ହେଇଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାସିପିଠା ଅଞ୍ଚଳରେ ମହାଲକ୍ଷ୍ମୀ ଅଳଙ୍କାର ନାମକ ଗହଣା ଦୋକାନ କରିଥିବା ସୁନ୍ଦର ନାରାୟଣ ସାହୁ ବୁଧବାର ରାତି ୯ଟା ସମୟରେ ଦୋକାନ ବନ୍ଦକରି ନିଜ ଘର ଖୁଣ୍ଟା ଅଞ୍ଚଳକୁ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଲୁଟେରା ମୁହଁରେ ମୁଖା ପିନ୍ଧି ଆସି ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସୁନା ଅଳଙ୍କାର ମାଗିଥିଲେ। ସୁନ୍ଦର ନାରାୟଣ ନିଜ ବାଇକ୍ ଜୋରରେ ଚଳାଇ ଖସି ଆସୁଥିବା ବେଳେ ବାଲିମୁଣ୍ଡଳୀ ଛକ ନିକଟରେ ବାଇକ୍‌କୁ ଗୋଇଠା ମାରି ସୁନ୍ଦର ନାରାୟଣଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କଠାରୁ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ଛଡ଼ାଇନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ।

# ୨ଶହ ଟଙ୍କା ପାଇଁ ପୁଅର କାଠବେଣ୍ଟ ମାଡ଼ରେ ବାପ ମୃତ

ରାଉରକେଲା,୨୪।୪ (ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ଆଇଡିଏଲ୍ ଗୋପବନ୍ଧୁନଗରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ୨ଶହ ଟଙ୍କା ଦେବାକୁ ରାଜି ନ ହେବାରୁ ପୁଅର କାଠବେଣ୍ଟ ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପବନ୍ଧୁନଗରର ଗଗନ ବିହାରୀ ମଲ(୬୨)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ସନ୍ତୋଷ ମଲ(୨୪)ଙ୍କୁ ଗିରଫ କରିଛି। ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ.୮୯/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁସାରେ, ଗୋପବନ୍ଧୁନଗରରେ ଗଗନ ୨ ପୁଅଙ୍କ ସହ ରହୁଥିଲେ ଏବଂ ଆଇଡିଏଲ୍ ଛକରେ ଏକ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସାନପୁଅ ସନ୍ତୋଷ ଘରେ ତିଆରି ହୋଇଥିବା ଖାଦ୍ୟରେ ଅସନ୍ତୁଷ୍ଟ ହୋଇ ତାହା ଗ୍ରହଣ କରି ନ ଥିଲେ। ପରେ ସେ ପାନଦୋକାନକୁ ଯାଇ ଗଗନଙ୍କୁ



ଗିରଫ ଅଭିଯୁକ୍ତ

୨ଶହ ଟଙ୍କା ମାଗିଥିଲେ। ଗଗନ ଟଙ୍କା ଦେବାକୁ ମନା କରିବାରୁ ସନ୍ତୋଷ ଦୋକାନ ଭିତରେ ଥିବା ଏକ କାଠବେଣ୍ଟରେ ତାଙ୍କ ମୁଣ୍ଡ ପଛପଟକୁ ପିଟି ଦେଇଥିଲେ। ଫଳରେ ଗଗନ ତଳେ ପଡ଼ିଯାଇଥିଲେ। ଏହାପରେ ସେ ବାପାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଗଗନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ପ୍ରମିଳା ମଲ(୬୦) ଏ ନେଇ ଥାନାରେ ଏତଲା ଦେଇଛନ୍ତି।

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଦେବାଶିଷ ଆହତ

- କାଙ୍କଡ଼ପାଳଠାରେ ହତ୍ୟା ଯୋଜନା ବେଳେ ପୋଲିସର ଚଢ଼ାଉ
- ପିଛା କରିବା ସମୟରେ ପୋଲିସ ଉପରକୁ ଗୁଳି
- ବାଇକ୍‌ରେ ଖସିଗଲେ ଅନ୍ୟ ୩ ସହଯୋଗୀ

ଢେଙ୍କାନାଳ,୨୪।୪ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ରାସ୍ତାର ମଙ୍ଗଳପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଛି ଗୁଳି ବିନିମୟ। ପୋଲିସ ଗୁଳିରେ ଆହତ ହୋଇଛନ୍ତି ଦୁର୍ଦ୍ଧାନ୍ତ ଅପରାଧୀ ତଥା କିଙ୍ଗ୍ ଅଫ୍ ଫରେଷ୍ଟ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ କାମାକ୍ଷାନଗର ଅନନ୍ତପୁରର ହଣ୍ଡ ଓରଫ୍ ଦେବାଶିଷ ବେହେରା(୨୯)। କାମାକ୍ଷାନଗରରେ ଗୋରୁହାଟ ନିଲାମ ନେଇଥିବା ସୁବାସ ଖୁଣ୍ଟିଆଙ୍କୁ ହତ୍ୟା ପାଇଁ ଦେବାଶିଷ ଓ ଅନ୍ୟ ୩ ସହଯୋଗୀ କାଙ୍କଡ଼ପାଳଠାରେ ରାତିରେ ଯୋଜନା କରୁଥିବା ବେଳେ ପୋଲିସ ସେଠାରେ ପହଞ୍ଚି ତାହାକୁ ବିଫଳ କରିଦେଇଛି। ତେବେ ଘଟଣାସ୍ଥଳରୁ ଦେବାଶିଷଙ୍କ ସହଯୋଗୀ କାଙ୍କଡ଼ପାଳ ଗ୍ରାମର ଲିକୁନ ସାସମଲ ଓ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଆହତ ଦେବାଶିଷଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛି। ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ଗୁଳି ବାଜିଥିବା ଜଣାପଡ଼ିଛି।

ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, କାମାକ୍ଷାନଗର ଅଞ୍ଚଳରେ ଏକ ଗୋରୁହାଟ ନିଲାମକୁ ନେଇ ଦୁର୍ଦ୍ଧାନ୍ତ ଦେବାଶିଷ ଓ ଏକଦା ତାଙ୍କର ସହଯୋଗୀ ଥିବା ସୁବାସଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଉକ୍ତ ଗୋରୁ ହାଟକୁ ଗତବର୍ଷ ଦେବାଶିଷଙ୍କ ବାପା ନିଲାମ ନେଇଥିବା ବେଳେ ଚଳିତବର୍ଷ ସୁବାସ ନିଲାମ ନେଇଛନ୍ତି। ତେଣୁ ସୁବାସଙ୍କୁ ଜୀବନରୁ ମାରି ଦେବା ପାଇଁ ଦେବାଶିଷ କଟକରେ ଯୋଜନା କରିଥିଲେ। ଦେବାଶିଷ ଓ ଲିପୁନଙ୍କ ସହ କଟକରୁ ୨ଜଣ ସହଯୋଗୀ କାଙ୍କଡ଼ପାଳଠାରେ ଥିବା ଏକ କୁକୁଡ଼ା ଫାର୍ମ ନିକଟରେ ଏଥିପାଇଁ ରାତିରେ ପ୍ରସ୍ତୁତି କରିଥିଲେ। ଖବରପାଇ ଢେଙ୍କାନାଳ ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରିବାରୁ କଟକରୁ ଆସିଥିବା ୨ ସହଯୋଗୀ ବାଇକ୍ ଯୋଗେ ତରଭା ଗ୍ରାମ ଦେଇ ଫେରାର ହୋଇଯାଇଥିଲେ। ଦେବାଶିଷ ଓ ଲିପୁନ ଆଉ ଏକ ବାଇକ୍‌ରେ ଢେଙ୍କାନାଳ ଠାରୁ ଭାପୁର ରାସ୍ତାରେ ୧୦ କିଲୋମିଟର ପଳାଇଥିବା ବେଳେ ପୋଲିସ ସେମାନଙ୍କ ପିଛା କରିଥିଲା। ଏହି ସମୟରେ ଆତ୍ମସମର୍ପଣ କରିବାକୁ କହିବାରୁ ମଙ୍ଗଳପୁର ନିକଟସ୍ଥ ରାସ୍ତାରେ ଦେବାଶିଷ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ପାଲଟା ଗୁଳି କରିବାରୁ ଗୋଟିଏ ଗୁଳି ଦେବାଶିଷଙ୍କ ଡାହାଣ ଗୋଡ଼ ଆଣ୍ଠୁତଳେ ବାଜିଥିଲା। ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଇନ୍ସପେକ୍ଟର ଜିତେନ୍ଦ୍ର ମଲ୍ଲିକ, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ପ୍ରମୁଖ ଏହି ଚଢ଼ାଉ କରିଥିବା ବେଳେ ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର ଗୁଳି କରିଥିଲେ। ଘଟଣାସ୍ଥଳରୁ ଏକ ବନ୍ଧୁକ ଓ ଏକ ଫୁଟା ଗୁଳିକୁ ପୋଲିସ ଜବତ କରିଛି। ଫୁଟା ଗୁଳିଟି ପୋଲିସର ହୋଇଥିବା ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତରୁ ଜଣାପଡ଼ିଥିବା ବେଳେ ଦେବାଶିଷଙ୍କ ପକ୍ଷରୁ ଗୋଟିଏ ଅଫୁଟା ଗୁଳି ଜବତ ହୋଇଛି। ଢେଙ୍କାନାଳ ଜିଲାରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳିବିନିମୟ ହେବା ଏହା ଦ୍ୱିତୀୟ ଘଟଣା। ଦେବାଶିଷଙ୍କ ନାମରେ ବିଲଡରଙ୍କ ଠାରୁ ବଟି ଆଦାୟ, ଲୁଟ୍, ଛିନତାଇ, ଗୁଳି ଓ ବୋମାମାଡ଼



ହସ୍ପିଟାଲରେ ଦେବାଶିଷ ବେହେରା

ଭଳି ୧୮ଟି ବଡ଼ ଧରଣର ଅପରାଧ ମାମଲା ରହିଛି। ପ୍ରାୟ ୨ବର୍ଷ ତଳେ କାମାକ୍ଷାନଗର ଅଞ୍ଚଳର ଜଣେ ଯୁବ ବିଜେଡି ନେତାଙ୍କୁ ଢେଙ୍କାନାଳ ସହରରେ ଦେବାଶିଷ ଗୁଳିମାଡ଼ କରି ଅପହରଣ ଉଦ୍ୟମ କରିଥିଲେ। ଅପରାଧୀମାନେ ହତିଆର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଅପିଲ କରୁଛୁ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

**HEALTH SOCIETY, SAMBALPUR**
**NATIONAL URBAN HEALTH MISSION, SAMBALPUR**
Govt. of Orissa
Date-23/04/2025
**INVITING OBJECTION TO THE PROVISIONAL DATABASE PURSUANT TO ADVT. No. 2130/Dtd.24.12.2024**

No. E-37: In response to the Advertisement No. 2130/ Dtd.24.12.2024 of City Health Society, NUHM, Sambalpur a detailed database of shortlisted and not shortlisted applicants (with reason for provisional ineligibility) for the post of **Public Health Manager** has been published in district website **http://sambalpur.odisha.gov.in**. The list is purely provisional in nature and is subject to change after further scrutiny/verification wherever applicable. All the applicants who had applied for the post are required to go through the list, verify their status of applications. Applicants only send their objection, if any in the given format as attached below to the **"ADUPHO, 1st Floor of UPHC Ainthapali, near Ainthapali Police Station - 768004, Sambalpur"** so as to reach us on or before 03.05.2025 (by 5.30 P.M.) through Speed Post/Registered Post/Courier only and the envelope containing the application should be superscribed clearly name of the post applied for objection invitation. No new/fresh documents shall be considered. Applicant whose applications have been rejected on the ground of non submission/part submission of relevant documetns shall not be entertained at this stage. The objection received on or before the due date will be disposed off and the findings thereof will be made available in the above district website.

OIPR-10169/11/0005/2526 Sd./- ADUPHO, Sambalpur

**OFFICE OF THE PRINCIPAL**
**SONEPUR COLLEGE, SONEPUR**
**ADVERTISEMENT FOR PROJECT ASSISTANT POSITION**

**No.N-19:**Applications are invited for the position of a Project Assistant at the Department of Physics, Sonepur College, Sonepur in a research project sanctioned. **(Ref.413/249/OSHEC/ Dt.17.03.25)** under Mukhyamantri Research Innovation Project (MRIP-2024). The last date of application is **10.06.2025.** Please send your CV along with scanned copies of relevant certificates to the following email: khatei@gmail.com Shortlisted candidates will be called for interview. No TA/DA will be provided to the candidates for attending the interview.
For more details of post and qualification the candidates are requested to visit the website: www.sonepurcollege.org.in

Sd./- Principal
Sonepur College, Sonepur,
Dist-Subarnapur-767017

Sd./-
Dr. Jayakrishna Khatei
Principal Investigator

OIPR-11119/11/0005/2526

GOVERNMENT OF ODISHA No. B-54
**"e" - PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
Bid Identification No. CE-Bridges - 02/2025-26

1. The Chief Engineer (Bridges), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Work
3. No. of Work : 01 No.
4. Tender Paper Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 29.04.2025 to 5.00 P.M. of 14.05.2025
7. Date of Opening of Bid : Dt.15.05.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer, Bridges
Odisha, Bhubaneswar

OIPR-34117/11/0087/2526

**OFFICE OF THE PRINCIPAL,**
**NABAKRUSHNA CHOUDHURY C.T.E., ANGUL**
No................../dt....................
**ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS IN NKC CTE, ANGUL**
**WALK IN INTERVIEW**

**No.N-16:**Applications are invited from interested eligible candidates (fresh/retired) for engagement of Guest Faculties on contractual basis of the following posts in NKC CTE, Angul. The guidelines for engagement of guest faculty on contractual basis issued by Department of Higher Education Notification No.20318/HE dated 17.04.2025 is available in the college website (http://nkccteangul.ac.in/).

| Name of the Post | No. of post for which engagement is to be made | Qualification |
|---|---|---|
| Asst. Professor in Social Science (Economics / History / Political Science / Geography) | 04 | As per NCTE norm. |
| Asst. Professor in English | 02 | |
| Asst. Professor in Odia | 02 | |

The candidates are required to send their filled in application to the office of the undersigned through registered/speed post with their bio-data, present and Permanent address, copies of educational certificates, bank account no., photographs etc.

- Last date of receipt of application forms : 30th April, 2025.
- Date of walk in interview : 3rd May, 2025.
- No. TA/DA is allowed to the candidates for the purpose.
- Authority reserves the right to accept/reject any of / all applications without assigning any reason thereof.

OIPR-11022/11/0005/2526 PRINCIPAL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

**ବିଜ୍ଞାପନ**
**ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସଂଖ୍ୟା ୨୨୭୭ ତାରିଖ.୨୨.୦୪.୨୦୨୫

No.C-151:ଜଟଣୀ ପୌର ପରିଷଦ, ଜଟଣୀ ୨୦୨୫-୨୦୨୭ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ପଦ କେନ୍ଦ୍ର (MRF-II)ର ପରିଚାଳନା ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) **ଜଟଣୀ ପୌର ପରିଷଦ, ଜଟଣୀ,** ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୫୦ ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା **ଜଟଣୀ ପୌର ପରିଷଦ** କାର୍ଯ୍ୟାଳୟରେ **ତା.୦୨.୦୫.୨୦୨୫ ରିଖ, ପୂର୍ବାହ୍ନ ୧୧.୦୦** ଘଟିକା ସୁଦ୍ଧା ଦାଖଲ କରିପାରିବେ ।
ଟେକ୍ନିକାଲ୍ ବିଡ୍ **ଜଟଣୀ ପୌର ପରିଷଦ** ସଭାଗୃହରେ **ତା.୦୩.୦୫.୨୦୨୫ ରିଖ, ପୂର୍ବାହ୍ନ ୧୧.୦୦** ଘଟିକାରେ ଖୋଲାଯିବ । ମୁଦା ଲଫାପା ଉପରେ "୨ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ମିଳିପାରିବ ।
ୱେବ୍‌ସାଇଟ୍: **www.jatnimunicipality.in**

ସ୍ୱା./-ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

OIPR-13041/11/0034/2526

**NOTIFIED AREA COUNCIL**
**BELLAGUNTHA-761119 (GANJAM)**
Phone No.06821-258244,
Sri Banamali Satapathy, OAS, Executive Officer
ବିଜ୍ଞାପିତ ଅଞ୍ଚଳ ପରିଷଦ
ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)
ଦୂରଭାଷ - ୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୫୩୨ ତାରିଖ:୨୨.୦୪.୨୫

**ବିଜ୍ଞାପନ**

No.C-160:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା.୦୧.୦୫.୨୦୨୫ ଠାରୁ ୩୦.୦୪.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା.୨୨.୦୪.୨୦୨୫ ରିଖ ଠାରୁ ତା.୨୮.୦୪.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ କରିବେ ଓ ତା.୨୮.୦୪.୨୦୨୫ ରିଖ ଅପରାହ୍ନ ୦୩.୦୦ ଘ. ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦ ଦିଆ ଟେଣ୍ଡର ଦରଖାସ୍ତ ଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା.୨୮.୦୪.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ମି. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଫେ ଗୃହ | ୨,୦୦୦/- | ୬୦,୦୦୦/- | ୫୦,୦୦୦/- |

OIPR-13113/11/0028/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି. ବେଲଗୁଣ୍ଠା

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ. No. CAD-216
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 4103 Date: 22.04.25
File: SMT-2041
**Corrigendum-1 to Bid Identification No. 38/Tender/OBCC/2024-25 of the Work "Redevelopment of Ravenshaw Girls School in Cuttack", issued vide Letter No. 2604 Dtd.12.03.2025**

| Sl. No. | Schedule of Tender | As per NIT | As Modified |
|---|---|---|---|
| 1 | Date of availability in e-procurement portal | From 21.03.2025 | From Dt.23.04.2025 |
| 2 | Last date of pre-bid queries receipt | Upto 5.00 P.M. of 25.03.2025 | Upto 05.00 P.M. of 30.04.2025 |
| 3 | Date of Pre-bid Meeting | On 25.03.2025 at 04.00 P.M. | On 01.05.2025 |
| 4 | Last Date & time of receipt of Online Bid | 09.04.2025 till 5.00 P.M. | 16.05.2025 till 5.00 P.M. |
| 5 | Date of Opening of online technical bid | 10.04.2025 at 11.30 A.M. | 17.05.2025 at 11.30 A.M. |

6. Further details can be seen from the e-Procurement portal **https://www.tendersodisha.gov.in**.
7. OBCC has the right to accept or reject the Notice/RFP/Proposal without assinging any reasons thereof.

OIPR-34106/11/0019/2526 Sd./- EIC-cum-Managing Director

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଅର୍ଚ୍ଚିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ଦଳିତ ମହିଳାଙ୍କ ୨୮ କୋଟି କ୍ଷତିପୂରଣ ଅର୍ଥ ହଡ଼ପ ମାମଲା

**କଟକ,୨୪।୪(କାର୍ତ୍ତିକ ସାହୁ)** କେନ୍ଦୁଝର ଜିଲା ଜାତୀୟ ରାଜପଥ-୬ ଅଧୀନ ସିଙ୍ଗରା-ବିଞ୍ଜବାହାଲ ୪ ଲେନ୍ ରାସ୍ତା ସମ୍ପ୍ରସାରଣରେ ଜମି ଅଧିଗ୍ରହଣ ପରେ ଜମି ହରାଇଥିବା ଦଳିତ ପରିବାରର ୨୮ କୋଟି ଟଙ୍କା କ୍ଷତିପୂରଣ ଅର୍ଥ ହଡ଼ପ ନେଇ ରୁଜୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି ଶେଷ କରିଥିବା ବେଳେ ରାୟ ସଂରକ୍ଷିତ ରଖିଛନ୍ତି।

ଦଳିତ ମହିଳାଙ୍କ କ୍ଷତିପୂରଣ ଅର୍ଥ ହଡ଼ପ ଅଭିଯୋଗ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ ହୋଇଥିଲା। ଦଳିତଙ୍କ ସମ୍ପତ୍ତି ସବର୍ଣ୍ଣ ବ୍ୟକ୍ତିଙ୍କୁ ପ୍ରଦାନ ବେଳେ ଓଏଲ୍ଆର୍ ଧାରା ୨୨କୁ କିପରି ଉଲ୍ଲଂଘନ କରାଗଲା ବୋଲି ଆବେଦନକାରୀଙ୍କ ପକ୍ଷରୁ ପୂର୍ବ ଶୁଣାଣିରେ ପ୍ରଶ୍ନ ଉଠାଯାଇଥିଲା। ଅଦାଲତଙ୍କ ଆଦେଶକ୍ରମେ କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳାଇ ବ୍ୟକ୍ତିଗତ ଭାବେ ହାଜର ହୋଇ ୨୮ପୃଷ୍ଠା ବିଶିଷ୍ଟ ସତ୍ୟପାଠ ଦାଖଲ କରିଥିଲେ।


### ସପ୍ତମ ଜନ୍ମଦିନ ଶୁଭେଚ୍ଛା



**ସାଇ, ଶ୍ରଦ୍ଧା**
ଆଦିମାତା କଲୋନୀ, ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜାଙ୍କ କରୁଣାରୁ ତୁମର ଚଲାପଥ କୁସୁମିତ ହେଉ। ତୁମେ ଦୁଇଜଣ ସଫଳତାର ଶୀର୍ଷ ସୋପାନରେ ପହଞ୍ଚିଯାଅ। ଆଜିର ଶୁଭଜନ୍ମଦିନ ଅବସରରେ ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା', ଅଜା, ଆଈ, ପାପା, ମାମା, କକେଇ, ବଡ଼ନାନୀ, ପିଉସୀ, ଗୁନୁମମି, ମାମୁ, ମାଈଁ, ତିତିଲିଦିଦି, ଇଶାନ ଓ ଇଭାନ ।
ଧ-୭୬୦୫୨

### HAPPY BIRTHDAY



**Archita Mishra (Rini)**
(Founder) Creator
"24X7 Always Alert Social Group" & "All is Well (Group)"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ମିଶ୍ର ଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୨୭୭


## ଆଜି ବିଶ୍ୱ ମ୍ୟାଲେରିଆ ଦିବସ

# ମ୍ୟାଲେରିଆର ବିନାଶ କରିପାରିବା

ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ଦେଖାଦେଇଥାଏ। ଆବାଳ ବୃଦ୍ଧବନିତା ଏହି ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଆବଶ୍ୟକ। ସାରା ପୃଥିବୀରେ ୪ ପ୍ରକାରର ମ୍ୟାଲେରିଆ ପାରାସାଇଟ (ପ୍ଲାସମୋଡିୟମ ଫଲସିଫରମ,ପ୍ଲାସମୋଡିୟମ ଭାଇଭେକ୍ସ, ପି. ଓଭେଲା ଏବଂ ପି. ମ୍ୟାଲେରିଆ) ଦେଖାଯାଇଥାଏ। ଏଥିରୁ ଆମ ଭାରତରେ ପ୍ଲାସମୋଡିୟମ ଫଲସିଫରମ ଓ ପ୍ଲାସମୋଡିୟମ ଭାଇଭାକ୍ସର ପାରାସାଇଟ ଦ୍ୱାରା ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଥାନ୍ତି, ଯାହାକି ମାରାତ୍ମକ। ଆମ ଦେଶରେ ଅନେକ ପ୍ରତିକାର, ପ୍ରତିରୋଧ ବ୍ୟବସ୍ଥାଶ ସତ୍ତ୍ୱେ ବହୁ ବ୍ୟକ୍ତି ମ୍ୟାଲେରିଆରେ ମୃତ୍ୟୁବରଣ କରୁଛନ୍ତି।

ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରତିବର୍ଷ ଏକ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ଏହି ଦିବସ ନିମନ୍ତେ ବାର୍ତ୍ତା ରହିଛି 'ମ୍ୟାଲେରିଆ ଏଣ୍ଡସ୍ ୱିଥ୍ ଅସ୍: ରିଇନ୍‌ଭେଷ୍ଟ,ରିଇମାଜିନ୍, ରିଇଗ୍ନାଇଟ। ଅର୍ଥାତ୍, ମ୍ୟାଲେରିଆକୁ ଆମେ ଚାହିଁଲେ ବିନାଶ କରିପାରିବା। ଏ ନେଇ ଆମକୁ ଭଲ ଭାବରେ ଚିନ୍ତା କରିବାକୁ ପଡିବ। ଆମ ଦେଶରୁ ମ୍ୟାଲେରିଆ ଜ୍ୱରଠାରୁ ଦୂରେଇ ରହିବା ନିମନ୍ତେ ବ୍ୟକ୍ତିଗତ,ପାରିବାରିକ,ସାମାଜିକ, ବ୍ଲକ, ଜିଲା,ରାଜ୍ୟ ସ୍ତରରେ ହାତକୁ ହାତ ମିଶାଇ ଏହାର ପ୍ରତିରୋଧ କରାଯିବାର ଆବଶ୍ୟକତା ରହିଛି। ଯଦ୍ୱାରା ଭାରତ ଏକ ମ୍ୟାଲେରିଆ ମୁକ୍ତ ଦେଶ ହିସାବରେ ସାରା ବିଶ୍ୱରେ ପରିଗଣିତ ହୋଇପାରିବ।



ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବୀ) ସଂକ୍ରମଣରୁ ହିଁ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ଏହାର ବାହକ ମାଈ ଏନୋଫିଲିସ ମଶା। ଏହି ମଶାର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ପରଜୀବୀ ରହିଥାଏ। ଏହି ମଶା ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡିଲେ ସେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୁଅନ୍ତି। ଏହି ମଶା ମ୍ୟାଲେରିଆ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା'ପରେ ପରଜୀବୀ ମଶାର ଖାଦ୍ୟ ନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରିଥାଏ। ଏହି ସଂକ୍ରମିତ ମଶା ଯେତେବେଳେ ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡି ଥାଏ ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରି ୧୪- ୨୧ ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମେ ଜ୍ୱର ହେବା ସହ ଶରୀରରେ କମ୍ପ ଓ ପ୍ରବଳ ଶୀତ ଏବଂ ମୁଣ୍ଡ ବ୍ୟଥା ସହ ରୋଗୀ ବାଉଳିଚାଉଳି ହୋଇଥାଏ।

ସର୍ବପ୍ରଥମେ ସୁସ୍ଥ ବ୍ୟକ୍ତି ମଶା କାମୁଡିବାଠାରୁ ନିଜକୁ ଦୂରେଇରଖିବା ଲାଗି ଚେଷ୍ଟା କରନ୍ତୁ। ମାଈ ଏନୋଫିଲିସ ମଶା ରାତିରେ କାମୁଡି ଥାଏ। ତେଣୁ ମଶାରି ଟାଙ୍ଗି ଶୋଇବା ସହ ଘରେ ଝୁଣା ଧୂପ ଦିଅନ୍ତୁ। ଏହି ମଶା ସ୍ଥିର ସ୍ୱଚ୍ଛ ଜଳରେ ବଂଶବିସ୍ତାର କରିଥାନ୍ତି। ମଶା ୧-୨ କିମି ପରିସୀମା ଭିତରେ ଉଡି ବ୍ୟକ୍ତିଙ୍କୁ କାମୁଡିଥାଏ। ଜ୍ୱରର ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା ସହ ଔଷଧ ସେବନ କରିବା ଆବଶ୍ୟକ। ପ୍ରତିକାର ସ୍ୱରୂପ ବାସଗୃହର ଚାରିପାଖ ସଫାସୁତୁରା ରଖିବା ସହ କୌଣସି ସ୍ଥାନରେ ପାଣି ଜମି ରହିବାକୁ ଦିଅନ୍ତୁନାହିଁ। ଜଳାଶୟ ଓ ଅନ୍ୟାନ୍ୟ ସ୍ଥାନଗୁଡିକରେ ବ୍ଲିଚିଂ ପାଉଡ଼ର ପକାଇବା ସହ ବାସଗୃହରେ ଡିଡିଟି ସିଞ୍ଚନ କରନ୍ତୁ।

**– ଡା. ବସନ୍ତ କୁମାର ଷଡ଼ଙ୍ଗୀ,**
ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର, ମୋ : ୭୮୯୪୧୧୨୪୮୭

### ରାଜ୍ୟରେ ମ୍ୟାଲେରିଆ ଦୂରୀକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି

ରାଜ୍ୟରେ ମ୍ୟାଲେରିଆ ଏବେ ନିୟନ୍ତ୍ରଣରେ ରହିଛି। ପୂର୍ବାପେକ୍ଷା ସ୍ଥିତିରେ ବହୁ ପରିବର୍ତ୍ତନ ଆସିଥିବାବେଳେ ସରକାର ମଧ ଏହାକୁ ପ୍ରତିହତ କରିବାକୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି। ଏହି କ୍ରମରେ ନାସ୍‌ନାଲ ଭେକ୍ଟରବର୍ନ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ଭିଡିସି) ପ୍ରୋଗ୍ରାମ ଅନ୍ତର୍ଗତ ମ୍ୟାଲେରିଆ ଦୂରୀକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହାବାଦ୍ 'ଦମନ୍' କାର୍ଯ୍ୟକ୍ରମ ଜରିଆରେ ମଧ ମ୍ୟାଲେରିଆ ଦୂରୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ବିଶେଷକରି ଅପହଞ୍ଚ ଇଲାକାରେ 'ଦମନ୍'ଜରିଆରେ ଲୋକଙ୍କୁ ମ୍ୟାଲେରିଆ ମୁକ୍ତ କରାଯାଉଛି। ଭେକ୍ଟର ସର୍ଭିଲାନ୍ସ, ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

**- ଡା. ବିଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

### ଏ ବର୍ଷର ବାର୍ତ୍ତା

ମ୍ୟାଲେରିଆର ନିରାକରଣ ନିମନ୍ତେ ସଚେତନତା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ପ୍ରତିବର୍ଷ ଏକ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ମ୍ୟାଲେରିଆ ଏଣ୍ଡସ୍ ୱିଥ୍ ଅସ୍: ରିଇନ୍‌ଭେଷ୍ଟ,ରିଇମାଜିନ୍, ରିଇଗ୍ନାଇଟ। ଅର୍ଥାତ୍, ମ୍ୟାଲେରିଆକୁ ଆମେ ଚାହିଁଲେ ବିନାଶ କରିପାରିବା। ଏ ନେଇ ଆମକୁ ଭଲ ଭାବରେ ଚିନ୍ତା କରିବାକୁ ପଡ଼ିବ।




# ଲକ୍ଷାଧିକ ଅଲିଭରିଡ୍‌ଲେ ଶାବକ ସମୁଦ୍ରମୁହାଁ

**କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)** କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେଙ୍କ ଅଣ୍ଡାରୁ ଶାବକ ଜନ୍ମ ବୁଧବାର ରାତିରୁ ଆରମ୍ଭ ହୋଇଛି। ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଥିବା ବାବୁବାଲି, ବରୁଣେଇ, ପେଣ୍ଠ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରୁ ଲକ୍ଷାଧିକ କଇଁଛ ଶାବକ ସମୁଦ୍ର ମୁହାଁ ହୋଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ବନ ଅଧିକାରୀ କପିଳ ପ୍ରଧାନ କହିଛନ୍ତି, ସାଧାରଣରେ ଗୋଟିଏ ଅଲିଭରିଡ୍‌ଲେ ୮୦ରୁ ୧୨୦ ପର୍ଯ୍ୟନ୍ତ ବାଲିରେ ଅଣ୍ଡାଦାନ କରିଥାନ୍ତି। ତେବେ ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭରିଡ୍‌ଲେ ୫୦ବର୍ଷରୁ ଊର୍ଦ୍ଧ୍ୱ ଜୀବନ ବଞ୍ଚିଥାନ୍ତି।। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଆଗାମୀଦିନରେ ଏହି ବିରଳ କଇଁଛଙ୍କ ସମୂହ ନଷ୍ଟର କାରଣ ହେବ। ଜୀବଜନ୍ତୁଙ୍କୁ ଭଲ ପାଇବା ସହ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

Duplex sale with gated society AIIMS Hospital, Bhubaneswar. 8455909543, 7735579312. D-76262



CONSTRUCTION

Construct your home with branded materials all complete furnishing, price start 1280/- per sqft. 9827152441. D-76812




5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital premises available Chandrasekharpur, Bhubaneswar, 4000sqft. 9437008388. D-74727

1000sqft. Office on rent at Jaydev Vihar Square @ 35000/-, one Guest House room @ 15000/- marketing office not allowed. 2years lease only. +91 6371-084018 Sohan. D-263




Full body massage experience, good looking therapist @999 (Bhubaneswar). 9078484455. D-152

Full body massage by odia therapist in homely atmosphere. 9556498382. D-75381

Full body massage by experience therapist with homely atmosphere. 9114559860. D-275

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

By virtue of an affidavit sworn before the Executive Magistrate, Saintala, dated- 24.04.2025, I, Maadhuri Barik, resident of village At- Arjunda, P.O.- Arjunda, P.S.- Puintala, Dist.- Balangir (Odisha), PIN- 767016 declare that I have changed my name from Madhuri Barik to Maadhuri Barik. Henceforth, I shall be known as Maadhuri Barik for all purpose.
Maadhuri Barik
D-282

By virtue of an affidavit sworn before the Notary Public, Sundargarh, I, Paulus Kispotta, R/o- At- Sagjor, P.O.- Tangargaon, P.S.- Talsara, Dist.- Sundargarh, Odisha declare that in my daughter Jisha Kispotta, Aadhaar card bearing No.- xxxx xxxx 0239 her surname has been wrongly written as Jisha Tirkey and my name has wrongly written as Suman Tirkey. That now I have changed her surname to Jisha Kispotta and my name also to Paulus Kispotta for all purposes. D-272

By virtue of an affidavit sworn before Executive Magistrate, Tihidi, dt- 11.04.25, I, Sukanti Parida, W/o- Raghunath Parida, At- Barbatia, P.O./ P.S.- Pirhat, Dist.- Bhadrak, declare my L.I.C. Policy bearing No.- 597921854 my name is mentioned as Basanti Behera as per my Educational Certificate. Henceforth, I shall be known as Sukanti Parida for all purpose. D-269

By virtue of an affidavit sworn before Notary Public, Bhubaneswar, dated- 22.04.2025, Address: At- Nuabanta, P.O.- Kalyanpur, P.S.- Nandankanan, Bhubaneswar, Dist.- Khordha, Odisha, PIN- 754001 declare that I have changed my name from Janaki Jena to Janaki Swain. Henceforth, I Shall be known as Janaki Swain for all purposes.
Janaki Swain
D-268

I, Smt. Ranjana Pattnaik Alias@Ranjana Patra, W/o- Ramakrishna Patra, @Ramkrushna Patra, Ichhabatiguda, At/P.O.- Nabarangapur, Dist.- Nabarangpur, at present residing at Village/Post.- Dangarpaunsi, P.S.- Kundura, Dist.- Koraput, Vide affidavit No.- 122, date- 23.04.2025 sworn before the Executive Magistrate, Kundra, Dist.- Koraput, have declare that Ranjana Pattnaik and Ranjana Patra is one and same person for all future purposes. D-274

By virtue of an affidavit before Executive Magistrate, Bhadrak on dt- 27.03.2025, I, Tulasi Prusty declared that my daughter's name is wrongly mentioned as Laki Prusty instead of Lucky Prusty. Lucky Prusty and Laki Prusty is same and one person. The correct spelling of the name is Lucky Prusty. D-280

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


By the virtue of an affidavit dt 10.04.2025 before the Court of Executive Magistrate, Bhubaneswar, I, SHRADHASUMAN TRIPATHY, At- Plot No.- 1149/3474, Nirmaal Niwas, Govind Prasad, Rasulgarh, Bhubaneswar- 751010, Dist.- Khurda, Odisha have changed my name from SHRADHASUMAN TRIPATHY to SHRADHA TRIPATHY SEHGAL according to my husband's surname i.e. Manvender Sehgal for all future purposes. D-284

By virtue of an affidavit sworn before Executive Magistrate, Tangi Choudwar, dt- 1.11.24, I, Kanakalata Nayak, W/o- Rabindra Nayak, At- Guali, P.O.- Dalijoda, Berhampur, P.S.- Tangi, Dist.- Cuttack- 754021, Odisha have changed my name from Lata Nayak to Kanakalata Nayak. Henceforth, I shall be known as Kanakalata Nayak for all purposes. D-283

By virtue of an affidavit sworn before Executive Magistrate, dt- 22.04.2025, I, Prasanna Swain, Address: At- Ordailo, P.O.- Jiroilo, P.S.- Erasama, Dist.- Jagatsinghpur, State- Odisha, PIN- 754139 declare that I have changed my daughter's name from Prijna Priti Swain (old name) to Prajna Priti Swain (new name). Henceforth, she shall be known as Prajna Priti Swain (new name) for all purposes.
Prasanna Swain
D-273

# ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ପ୍ରମୋଦ କୁମାର କର
ଆବିର୍ଭାବ - ୦୩.୦୨.୧୯୪୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୧୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ସୁରେଶ ଚନ୍ଦ୍ର ନାୟକ
ଆବିର୍ଭାବ : ତା.୧୫/୦୨/୧୯୪୯
ତିରୋଧାନ : ତା.୧୫/୦୪/୨୦୨୫
ତୁମେ ଆମକୁ ହଠାତ ଛାଡି ଚାଲିଗଲ, ବିଶ୍ୱାସ ହେଉନାହିଁ । ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
: ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାର ବର୍ଗ
ଧ-୨୭୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ଶାନ୍ତାବାଳା ଜୀ
ନୂଆଆଳତୁମା, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ- ୨୪।୦୭।୧୯୪୯
ମହାପ୍ରାଣାୟ- ୧୫।୦୪।୨୦୨୫
ଆଜିକୁ ୧୦ ଦିନ ହୋଇଗଲା, ବିଶ୍ୱାସ ହେଉନି ତୁମେ ଆମକୁ ଛାଡ଼ି ଚାଲିଯାଇଛ। ତୁମର ପ୍ରତିଟି କଥା ଓ କାମ ମନେ ପଡ଼ିଯାଉଛି ଓ ତୁମର ଅନୁପସ୍ଥିତି ଆମକୁ ଅସହ୍ୟ ଦୁଃଖ ଦେଉଛି। ତୁମେ କରୁଥିବା ସଂଗ୍ରାମ ଓ ଜନହିତକର ସେବା କାର୍ଯ୍ୟ ଜାରି ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:-ହତଭାଗା ସ୍ୱାମୀ, ପୁଅ- ବୋହୂ, ଝିଅ- ଜ୍ୱାଇଁ, ନାତି- ନାତୁଣୀ, ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୭୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ହକି ପ୍ରତିଭା ଆଜମିନା

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବ ପାଇଁ ଭଲ ପ୍ରଦର୍ଶନ କରିବା ପରେ ସିନିୟର ଭାରତୀୟ ମହିଳା ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ରତିଭାବାନ ଯୁବ ମିଡ୍‌ଫିଲ୍ଡର ଆଜମିନା କୁଜୁର। ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ସେ ସୁଯୋଗର ଭରପୂର ଫାଇଦା ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତୀୟ ମହିଳା ଦଳ ଆସନ୍ତା ୨୬ ଓ ୨୭ ତାରିଖରେ ଅଷ୍ଟ୍ରେଲିଆ ଏ’ ସହିତ ଦୁଇଟି ମ୍ୟାଚ୍ ଖେଳିବ। ଏହାପରେ ମେ’ ୧, ୩ ଓ ୪ ତାରିଖରେ ପର୍ଥ ହକି ଷ୍ଟାଡିୟମରେ ଅଷ୍ଟ୍ରେଲିଆର ସିନିୟର ମହିଳା ସହିତ ଭାରତୀୟ ଦଳ ୩ଟି ମ୍ୟାଚ ଖେଳିବ।

ବର୍ଷ ଆରମ୍ଭରୁ କୁଜୁରଙ୍କ ପ୍ରତିନିଧିତ୍ୱରେ ଜେଏସ୍‌ଡବ୍ଲ୍ୟୁ ସୁରମା ଏଚ୍ଆଇଏଲ୍‌ରେ ରନରଅପ୍ ହୋଇଥିଲା। ସେ ଲିଗ୍‌ର ପ୍ରତ୍ୟେକ ୭ଟି ମ୍ୟାଚ୍‌ରେ ଖେଳିଥିଲେ। ଏହାପରେ ସେ ଓଡ଼ିଶା ପାଇଁ ୧୫ତମ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଚାମ୍ପିୟନଶିପ୍‌ରେ ଖେଳିଥିଲେ। ଯଦିଓ ଡିଭିଜନ ଏ’ର ଗ୍ରୁପ୍ ପର୍ଯ୍ୟାୟରୁ ଓଡ଼ିଶା ବିଦାୟ ନେଇଥିଲା ତଥାପି ମିଡ୍‌ଫିଲ୍ଡରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। କୁଜୁର ୧୧ ବର୍ଷ ବୟସରେ ହକି ଖେଳିବା ଆରମ୍ଭ କରିଥିଲେ। ହକି ଖେଳାଳିଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଓଡ଼ିଶାର ସୁନ୍ଦରଗଡ଼ ଜିଲାରେ ତାଙ୍କ ଘର। ଗାଁରେ ବାପା ଓ ଭାଇଙ୍କୁ ହକି ଖେଳିବା ଦେଖି ସେ ହକି ଖେଳିବା ଆରମ୍ଭ କରିଥିଲେ। ହକିରେ କ୍ୟାରିୟର କରିବାରେ କୁଜୁରଙ୍କ ବାପା ଖୁବ୍ ସମର୍ଥନ କରିଥିଲେ। ଦୁର୍ଭାଗ୍ୟବଶତଃ, ୨୦୨୧ରେ କୋଭିଡ୍-୧୯ ମହାମାରୀରେ ତାଙ୍କ ବାପାଙ୍କର ଦେହାନ୍ତ ଘଟିଥିଲା। ମୋ ବାପା ଓ ଭାଇ ହକି ଖେଳୁଥିଲେ। ମୁଁ ସେମାନଙ୍କୁ ଖେଳୁଥିବା ଦେଖିଲି। ଏଣୁ ଖେଳ ପ୍ରତି ମୋ ଇଚ୍ଛା ସୃଷ୍ଟି ହୋଇଥିଲା। ଏବେ ମୋ ବାପା ନାହାନ୍ତି। ମୁଁ ତାଙ୍କ ଲାଗି ଏବଂ ତାଙ୍କୁ ଗର୍ବିତ କରିବା ପାଇଁ ହକି ଖେଳୁଛି। ଏହା ହିଁ ମୋର ସବୁଠୁ ବଡ଼ ମୋଟିଭେଶନ ବୋଲି ସେ କହିଛନ୍ତି।

‘‘ମୋତେ ଏବେ ଖେଳିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ମୋତେ ଶତ ପ୍ରତିଶତ ଦେବାକୁ ପଡ଼ିବ। ଦୁଇ ବର୍ଷ ତଳେ ମୁଁ ଜାତୀୟ ଦଳର କ୍ୟାମ୍ପରେ ସ୍ଥାନ ପାଇଥିଲି। ହେଲେ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳି ନ ଥିଲା। ବର୍ତ୍ତମାନ ମୋତେ ସୁଯୋଗ ଦିଆଯାଇଛି। ମୁଁ ଏହି ସୁଯୋଗର ଭରପୂର ଫାଇଦା ଉଠାଇବାକୁ ଚାହେଁ’’ ବୋଲି କୁଜୁର ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ କହିଛନ୍ତି। ଏହି ଟୁର ଲାଗି କୁଜୁର ବେଙ୍ଗାଲୁରୁର ସାଇ କେନ୍ଦ୍ରରେ ସିନିୟର ଜାତୀୟ କ୍ୟାମ୍ପରେ ମାର୍ଚ୍ଚ ୨୩ରୁ ପ୍ରସ୍ତୁତି କରୁଥିଲେ। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ସିନିୟରଙ୍କ ସହିତ ଟ୍ରେନିଂ କରିବାର ସୁନ୍ଦର ଅଭିଜ୍ଞତା ମିଳିଥିଲା। ମୁଁ ଅନେକ କିଛି ଶିଖିବାକୁ ପାଇଲି ଓ ଆଗକୁ ଦଳ ଲାଗି ଖେଳିବାକୁ ଉତ୍ସାହିତ ଅଛି। ପ୍ରତ୍ୟେକ ଖେଳାଳି ପରସ୍ପର ସହ ଟ୍ରେନିଂକୁ ଉପଭୋଗ କରିଥିଲେ। ବର୍ତ୍ତମାନ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାର ସମୟ। ସିନିୟର ଖେଳାଳିମାନେ ଖୁବ୍ ସାହାଯ୍ୟ କରିଥିଲେ। ମୁଖ୍ୟତଃ ସୁଶିଳା ଦି (ସୁଶିଳା ଚାନୁ) କ୍ୟାମ୍ପ ବେଳେ ମୋତେ ଖୁବ୍ ସମର୍ଥନ କରିଥିଲେ। ମୋର ପ୍ରତ୍ୟେକ ଭୁଲ ପରେ ମୋତେ ମୋ ଷ୍ଟ୍ରେନ୍ଥରେ ଖେଳିବା ଶିଖାଇଥିଲେ। ମୁଁ ମୋ ଖେଳକୁ ନେଇ ବହୁତ ଚିନ୍ତା କରୁଥିଲି। କିନ୍ତୁ ସିନିୟର ଖେଳାଳିମାନେ ଖୁବ୍ ସାହାଯ୍ୟ କରିଥିଲେ। ଏବେ ମୋର ଆତ୍ମବିଶ୍ୱାସ ଖୁବ୍ ବୃଦ୍ଧି ପାଇଛି। ମୁଁ ମୋ ଫିଟ୍‌ନେସ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଯାହାଫଳରେ ମୋ ପ୍ରଦର୍ଶନରେ ସୁଧାର ଆସିଛି ବୋଲି ୨୩ ବର୍ଷୀୟା କୁଜୁର କହିଛନ୍ତି।

**ମୋ ବାପା ଓ ଭାଇ ହକି ଖେଳୁଥିଲେ। ସେମାନଙ୍କ ଖେଳ ଦେଖି ଏହି ଖେଳ ପ୍ରତି ମୋର ଆଗ୍ରହ ଆସିଲା। ଏବେ ମୋ ବାପା ନାହାନ୍ତି। ମୁଁ ତାଙ୍କ ଲାଗି ଏବଂ ତାଙ୍କୁ ଗର୍ବିତ କରିବା ପାଇଁ ହକି ଖେଳୁଛି। ଏହା ହିଁ ମୋର ସବୁଠୁ ବଡ଼ ମୋଟିଭେଶନ...**



ଆଜମିନା କୁଜୁର

### ସଂକ୍ଷେପରେ...

ନାମ: ଆଜମିନା କୁଜୁର
ଜନ୍ମ: ୯ ଡିସେମ୍ବର ୨୦୦୧, ସୁନ୍ଦରଗଡ଼
କୋଚ୍: ଅମୂଲ୍ୟାନନ୍ଦ ବିହାରୀ
ଟିମ୍: ହକି ଓଡ଼ିଶା ଜୁନିୟର ଓ ସବ୍‌ଜୁନିୟର, ଭାରତ-ଏ’ ମହିଳା ଦଳ, ଭାରତୀୟ ଜୁନିୟର ଓ ସିନିୟର ମହିଳା ଦଳ, ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ।


ମାରିଆନା କୁଜୁର (ବାମ) ଓ ଜିଓ୍ୱନ କିଶୋରୀ ଟପ୍ପୋ (ଡାହାଣ)ଙ୍କ ସହ ଆଜମିନା।

## ଖେଳ ଜଗତର ଭିତିରି କଥା

**ସମ୍ମାନିତ ହେବେ ନାଡାଲ:** କ୍ଲେ କୋର୍ଟର ରାଜା ଭାବେ ପରିଚିତ ସ୍ପେନ୍‌ର ରାଫାଲ ନାଡାଲ ନିଜର ଅତି ପ୍ରିୟ ରୋଲାଣ୍ଡ ଗାରୋସରେ ସମ୍ମାନିତ ହେବେ। ଆସନ୍ତା ମେ’ ୨୫ରେ ଫ୍ରେଞ୍ଚ ଓପନ ତଥା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହେବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିନ ଅବସରପ୍ରାପ୍ତ ୧୪ ଥରର ଚାମ୍ପିୟନ ନାଡାଲଙ୍କୁ ସମ୍ମାନିତ କରାଯିବ।



ରାଫାଲ ଫ୍ରେଞ୍ଚ ଓପନ ଇତିହାସରେ ନିଜ ପ୍ରଦର୍ଶନର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଏଥିଯୋଗୁ ତାଙ୍କ ସମ୍ମାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ୨୨ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଗତ ବର୍ଷ ଡିସେମ୍ବରରେ କୋର୍ଟରୁ ଅବସର ଘୋଷଣା କରିଥିଲେ। ତାଙ୍କ ନାମରେ ସର୍ବାଧିକ ୧୪ଥର ଫ୍ରେଞ୍ଚ ଓପନ ଜିତିବାର ରେକର୍ଡ ରହିଛି। ସେ ଅନ୍ତିମ ଥର ୨୦୨୪ରେ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଏହି ସଂସ୍କରଣରେ ଆଲେକ୍ସଜାଣ୍ଡର ଭେରେଭଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ।

**ଦୁବେଙ୍କ ବଦାନ୍ୟତା:** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଯଦିଓ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ ତେବେ ଏକ ମହାନ୍ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଛନ୍ତି ଦଳର ଅଲରାଉଣ୍ଡର ଶିବମ୍ ଦୁବେ। ନିକଟରେ ସେ ତାମିଲନାଡୁର ୧୦ ଉଦୀୟମାନ ଆଥ୍‌ଲେଟଙ୍କୁ ୭୦ ହଜାର ଟଙ୍କା ଲେଖାଏ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାମିଲନାଡୁ ଜର୍ନାଲିଷ୍ଟ ଆସୋସିଏଶନ (ଟିଏନ୍‌ଏସ୍‌ଜେଏ)ର ପୁରସ୍କାର ଓ ସ୍କଲରାଶିପ୍ସ ବିତରଣ କାର୍ଯ୍ୟକ୍ରମରେ



ଦୁବେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଦୁବେଙ୍କ ପୁରସ୍କାର ରାଶି ଛଡ଼ା ଟିଏନ୍‌ଏସ୍‌ଜେଏ ପକ୍ଷରୁ ୩୦ ହଜାର ଟଙ୍କାର ସ୍କଲାରଶିପ ଦିଆଯାଇଛି।

**ରାହୁଲଙ୍କ କୀର୍ତ୍ତିମାନ:** ଚଳିତ ଆଇପିଏଲ୍ ସିଜନରେ ଜବରଦସ୍ତ ଫର୍ମରେ ରହିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ। ନିକଟରେ ସେ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳ ହୋଇଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସରେ ସେ ଏହି ସଫଳତା ପାଇଛନ୍ତି। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ (୧୬୫), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି। ତେବେ ରାହୁଲ ଟୁର୍ନାମେଣ୍ଟ ଇତିହାସରେ ତୃତୀୟ



ଦ୍ରୁତତମ ବ୍ୟାଟର ଭାବେ ୨୦୦ ଛକା ମାରିଛନ୍ତି। ଏହି ତାଲିକା ଶୀର୍ଷରେ ୱେଷ୍ଟଇଣ୍ଡିଜର ଦୁଇ ବିସ୍ଫୋରକ ବ୍ୟାଟର ରହିଛନ୍ତି। କ୍ରିସ୍ ଗେଲ୍ ୬୯ ଓ ଆନ୍ଦ୍ରେ ରସେଲ ୯୭ ଇନିଂସ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

**ଅଲ୍‌କାରାଜଙ୍କୁ ଚମକାଇଲେ ରୁନ୍**
ଲୋକାଲ ଫେଭରାଇଟ୍ କାର୍ଲୋସ ଅଲ୍‌କାରାଜଙ୍କୁ ୭-୬ (୬), ୬-୨ ସେଟ୍‌ରେ ପରାସ୍ତ କରି ହୋଲ୍‌ଗର ରୁନ୍ ବାର୍ସିଲୋନା ଓପନ ଟେନିସ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଦୁଇବର୍ଷ ପୂର୍ବେ ମ୍ୟୁନିକ୍ ପରେ ଏହା ତାଙ୍କର ପ୍ରଥମ ଏବଂ ଓଭରଅଲ୍ ୫ମ ଟାଇଟଲ। ଏହି ପରାଜୟ ଦ୍ୱାରା ପ୍ରଥମ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟାଇଟଲ ସମେତ ଅଲ୍‌କରାଜଙ୍କ କ୍ରମାଗତ ୯ ମ୍ୟାଚ ବିଜୟ ଧାରାରେ ବ୍ରେକ୍ ଲାଗିଛି। ସେ ୨୦୨୨ ଓ ୨୦୨୩ରେ ବାର୍ସିଲୋନା ଓପନ ଜିତିଥିଲେ।



## ଟେଷ୍ଟ କ୍ରିକେଟ ଇତିହାସ ଉପରେ ନୂଆ ପୁସ୍ତକ

ଟେଷ୍ଟ କ୍ରିକେଟର ୧୫୦ ବର୍ଷର ଇତିହାସ ଉପରେ ଏକ ନୂଆ ପୁସ୍ତକ ପ୍ରକାଶ ପାଇଛି। ଟିମ୍ ୱିଗ୍‌ମୋର୍‌ଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକର ନାମ ରହିଛି ‘ଟେଷ୍ଟ କ୍ରିକେଟ: ଏକ ଇତିହାସ’। ଏଥିରେ ଖେଳାଳିମାନଙ୍କ ମନମୁଗ୍ଧକର କାହାଣୀ ଏବଂ ୧୮୭୭ଠାରୁ ଖେଳର କିପରି ବିକାଶ ଘଟି ଆସିଛି ତାହା ଉପରେ ଲେଖାମାନ ରହିଛି। ହାଚେଟ୍ ଦ୍ୱାରା ଛପା ଯାଇଥିବା ଏହି ପୁସ୍ତକରେ ୪୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ସାକ୍ଷାତ୍‌କାର ସ୍ଥାନିତ ହୋଇଛି। ତନ୍ମଧ୍ୟରେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ, ପ୍ୟାଟ୍ କୁମିନ୍ସ, ମାଇକେଲ ହୋଲ୍‌ଡିଂ, ମୁଥୟା ମୁରଲୀଧରନ, କେଭିନ ପିଟରସନ, ଇଆନ ଚାପେଲ ଓ ଡେଲ୍ ଷ୍ଟେଇନ୍‌ଙ୍କ ସାକ୍ଷାତ୍‌କାର ରହିଛି। ବଡିଲାଇନ୍‌ଠାରୁ ଆରମ୍ଭ କରି ବାଜ୍ ବଲ, ୱେଷ୍ଟଇଣ୍ଡିଜ ଦଳ ଉତ୍ଥାନର ସୁବର୍ଣ୍ଣ ଯୁଗ, ଶେନ୍ ୱର୍ନଙ୍କଠାରୁ ଆରମ୍ଭ କରି ଇଆନ ବୋଥାମ ପର୍ଯ୍ୟନ୍ତ ଉଲ୍ଲେଖନୀୟ ଘଟଣାବଳୀ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି। ତଥ୍ୟ ସମ୍ବଳିତ ପୁସ୍ତକ ପୂର୍ବରୁ କେବେ ପ୍ରକାଶ ପାଇ ନାହିଁ ବୋଲି ‘ଟେଷ୍ଟ କ୍ରିକେଟ: ଏକ ଇତିହାସ’ର ଲେଖକ ଦାବି କରିଛନ୍ତି।

## ନୀରଜଙ୍କୁ ମନେପକାଇଲେ ଡୁପ୍ଲାଣ୍ଟିସ୍

ବିଶ୍ୱ କ୍ରୀଡ଼ା ଜଗତରେ ଦୁଇଜଣ ମହାନ୍ ଆଥ୍‌ଲେଟ ହେଲେ ସ୍ୱିଡେନର ପୋଲ ଭୋଲ୍ଟ ଗ୍ରେଟ୍ ଅର୍ମାଣ୍ଡ (ମଣ୍ଡୋ) ଡୁପ୍ଲାଣ୍ଟିସ ଓ ଭାରତର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ଦୁଇଟି ଅଲିମ୍ପିକ ପଦକ ଅର୍ଜନ କରି ବିଶ୍ୱ ତାରକା ହେବାର ଯଥେଷ୍ଟ ପୂର୍ବରୁ ଭାରତର ନୀରଜ ଚୋପ୍ରାଙ୍କ ସଂସ୍ପର୍ଶରେ ଆସିଥିଲେ ସ୍ୱିଡେନର ଡୁପ୍ଲାଣ୍ଟିସ୍। ସେ ନୀରଜଙ୍କୁ ମନେ ପକାଇଛନ୍ତି। ଚୋପ୍ରା ବିପୁଳ ସଫଳତା ହାସଲ କଲେ ସୁଦ୍ଧା ୨୦୧୬ ମସିହାରେ ଯେପରି ଥିଲେ ଠିକ୍ ସେହିପରି ଆଥ୍‌ଲେଟଟିଏ ହୋଇ ରହିଛନ୍ତି ବୋଲି ଡୁପ୍ଲାଣ୍ଟିସ୍ ନିଜ ଅନୁଭୂତି ବଖାଣିଛନ୍ତି। ୨୦୧୬ରୁ ୨୦୨୫। ଏହାମଧ୍ୟରେ ଅର୍ମାଣ୍ଡ୍ ବିଶ୍ୱର ଜଣେ ମହାନ୍ ପୋଲ ଭୋଲ୍ଟ ଜମ୍ପର୍ ଭାବେ ସ୍ୱୀକୃତି ପାଇ ସାରିଛନ୍ତି। ସେ ସାତଥର ବିଶ୍ୱ ଚାମ୍ପିୟନ୍ ଏବଂ ୬. ୨୭ ମିଟର ଉଚ୍ଚତାର ପୋଲ ଭୋଲ୍ଟ ବିଶ୍ୱ ରେକର୍ଡ଼ଧାରୀ। ଭାରତର ନୀରଜ ଚୋପ୍ରା ୨୦୨୦ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ ଜାଭେଲିନ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିଣିଥିଲେ। ଏପରି ବିରଳ କୃତିତ୍ୱ ହାସଲ କରି ନୀରଜ ଭାରତରେ ଜଣେ ସର୍ବକାଳୀନ ଶ୍ରେଷ୍ଠ ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଜାଭେଲିନ୍ ଫିଙ୍ଗାରେ ନୀରଜଙ୍କ ଶ୍ରେଷ୍ଠ ଦୂରତା ହେଉଛି ୮୯. ୯୩ ମିଟର। ସ୍ପେନ୍‌ର ମ୍ୟାଡ୍ରିଡ୍ ନଗରୀରେ ଏପ୍ରିଲ ୨୦ରେ ଅନୁଷ୍ଠିତ ହେଲା ୨୦୨୫ ବର୍ଷର ଲୌରିଅସ୍ ବିଶ୍ୱ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ଉତ୍ସବ। ଏହି ପୁରସ୍କାର ଗ୍ରହଣ କରିବାକୁ ଆସିଥିଲେ ଅର୍ମାଣ୍ଡ୍। ଏହି ଅବସରରେ ନୀରଜଙ୍କ ସହିତ ତାଙ୍କ ଅତୀତ ସମ୍ପର୍କ ପ୍ରକାଶ କରିବା ସହ ତାଙ୍କୁ ଜଣେ ବୃହତ୍ ପ୍ରେରଣାଦାୟୀ ଭାବେ ବର୍ଣ୍ଣନା କରିଥିଲେ। ୨୦୧୬ ବିଶ୍ୱ କନିଷ୍ଠ ଦୌଡ଼କୁଦ ଚାମ୍ପିୟନଶିପ୍‌ରେ ଦୁଇଜଣଯାକ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଦୁହେଁ ନିଜ ନିଜ କ୍ରୀଡ଼ା ଶୃଙ୍ଖଳାରେ କମାଲ ପ୍ରଦର୍ଶନ କରିଥିଲେ। ନୀରଜ ବାସ୍ତବରେ ପ୍ରତିଭାବାନ୍ ଏବଂ ଜଣେ ମହାନ୍ କ୍ରୀଡ଼ାବିତ୍। ସେ ଭାରତରେ ଦୌଡ଼କୁଦର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି, ଯାହା ଏକ ଉତ୍ସାହଜନକ ବିଷୟ ବୋଲି ଅର୍ମାଣ୍ଡ୍ ପ୍ରକାଶ କରିଥିଲେ। ‘ଆମେ ଦୁହେଁ କଥାବାର୍ତ୍ତା ହୋଇଥିଲୁ। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଓ ଏହା ପରେ ମଧ୍ୟ ତାଙ୍କ ସହିତ କଥାବାର୍ତ୍ତା ହେବାକୁ ସକ୍ଷମ ହୋଇଥିଲି। ନୀରଜଙ୍କ ସ୍ୱର୍ଣ୍ଣ ପଦକ କୋଭିଡ୍ ୧୯ କବଳିତ ଭାରତକୁ ଅନୁପ୍ରେରିତ କରିଥିଲା ବୋଲି ୨୫ବର୍ଷୀୟ ଏହି ସ୍ୱିଡେନ୍ ତାରକା ଉଲ୍ଲେଖ କରିଥିଲେ। ସ୍ୱିଡେନ୍‌ର ଲୌଜିଆନାରେ ଜନ୍ମିତ ଡୁପ୍ଲାଣ୍ଟିସ୍ ନିଜ କ୍ୟାରିୟରକୁ ପ୍ରଭାବଶାଳୀ ଢଙ୍ଗରେ ଗଢ଼ିଛନ୍ତି। ସେ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଗୋଟିଏ ଲେଖାଁ ସ୍ୱର୍ଣ୍ଣ ପଦକ, ୨୦୨୨ ଓ ୨୦୨୩ରେ ଦୁଇଥର ବିଶ୍ୱ ଆଉଟଡୋର୍ ଚାମ୍ପିୟନ୍, ୨୦୨୨, ୨୦୨୪ ଓ ୨୦୨୫ରେ ୩ ଥର ବିଶ୍ୱ ଇନ୍‌ଡୋର ଚାମ୍ପିୟନ ଏବଂ ସମ୍ପ୍ରତି ୟୁରୋପୀୟ ଚାମ୍ପିୟନ ହୋଇପାରିଛନ୍ତି। ତାଙ୍କ ପ୍ରତିଯୋଗିତା ସୂଚୀରେ ଭାରତ ଅଛି କି ପ୍ରଶ୍ନରେ ଭାରତକୁ କେବଳ ବୁଲିଯିବା ଅପେକ୍ଷା ସେଠାରେ ପୋଲ ଭୋଲ୍ଟ ଖେଳିବାକୁ ଇଚ୍ଛୁକ ବୋଲି କହିଥିଲେ। ଭାରତ ଯିବା ପାଇଁ ଚାହେଁ, ଏଥିପାଇଁ ଚେଷ୍ଟା କରିବି। ମୋର ବି ଲକ୍ଷ୍ୟ ରହିଛି। ମଣ୍ଡେଲ କ୍ଲାସିକ୍ ଭଳି ଟୁର୍ନାମେଣ୍ଟ ଓ ସ୍ୱିଡେନ୍‌ରେ ମଧ୍ୟ ପ୍ରତିଯୋଗିତା ରହିଛି। ବିଶ୍ୱର ବିଭିନ୍ନ ସ୍ଥାନରେ ପୋଲ ଭୋଲ୍ଟ ଖେଳିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ।

-ଇଭାନ୍ କୁମାର

> ‘‘ନୀରଜ ବାସ୍ତବରେ ପ୍ରତିଭାବାନ୍ ଏବଂ ଜଣେ ମହାନ୍ କ୍ରୀଡ଼ାବିତ୍। ସେ ଭାରତରେ ଆଥ୍‌ଲେଟିକ୍ସର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି, ଯାହା ଉତ୍ସାହଜନକ ବିଷୟ। ଅଲିମ୍ପିକ୍ସରେ ନୀରଜଙ୍କ ସ୍ୱର୍ଣ୍ଣ ପଦକ କୋଭିଡ୍ ୧୯ କବଳିତ ଭାରତକୁ ଅନୁପ୍ରେରିତ କରିଥିଲା।’’
> -ଅର୍ମାଣ୍ଡ୍ ଡ୍ୟୁପ୍ଲାଣ୍ଟିସ



ଅର୍ମାଣ୍ଡ୍ ଡୁପ୍ଲାଣ୍ଟିସ


ନୀରଜ ଚୋପ୍ରା

# ଆର୍‌ସିବିର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ବେଙ୍ଗାଲୁରୁ,୨୪।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଆର୍‌ସିବି ବିରାଟ କୋହଲି ଓ ଦେବଦତ୍ତ ପଡିକଲଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ରାଜସ୍ଥାନ ସମ୍ମୁଖରେ ୨୦୬ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିଛି। ଦଳ ପକ୍ଷରୁ କୋହଲି ୪୨ ବଲରେ ୭୦(୮ ଚୌକା ଓ ୨ ଛକା) ଏବଂ ପଡିକଲ ୨୭ ବଲରେ ୫୦ (୪ ଚୌକା ଓ ୩ ଛକା) ଓ ଫିଲ ସଲ୍ଟ ୨୬ (୪ ଚୌକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ସନ୍ଦୀପ ଶର୍ମା ଦୁଇଟି ଉଇକେଟ ନେଇଥିବା ବେଳେ ୱାନିନ୍ଦୁ ହସରଙ୍ଗା ଓ ଜୋଫ୍ରା ଆର୍ଚ୍ଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଚେନ୍ନାଇ ବନାମ ହାଇଦ୍ରାବାଦ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୦୫/୫ (ବିରାଟ କୋହଲି–୭୦, ଦେବଦତ୍ତ ପଡିକଲ–୫୦, ଫିଲ ସଲ୍ଟ–୨୬, ସନ୍ଦୀପ ଶର୍ମା–୨/୪୫, ୱାନିନ୍ଦୁ ହସରଙ୍ଗା–୧/୩୦, ଜୋଫ୍ରା ଆର୍ଚ୍ଚର–୧/୩୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୪୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | −୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | −୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୨ | ୬ | ୪ | −୧.୩୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | −୧.୩୯୨ |

## ଗମ୍ଭୀରଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୨୪।୪(ପି.ଟି.)**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଏକ ହତ୍ୟା ଧମକପୂର୍ଣ୍ଣ ଇ-ମେଲ ମିଳିଛି। ଏ ନେଇ ଦିଲ୍ଲୀ ପୋଲିସ ପକ୍ଷରୁ ଗୁରୁବାର କୁହାଯାଇଛି। ଏହି ଇମେଲ ଗତ ୨୨ ତାରିଖରେ ଗମ୍ଭୀରଙ୍କୁ ଏକ ସନ୍ଦେହଜନକ ଆକାଉଣ୍ଟରୁ ପଠାଯାଇଥିଲା, ଯେଉଁଦିନ ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ‘‘ଗମ୍ଭୀରଙ୍କ ସହ ଜଡ଼ିତ ଇମେଲ ଆଇଡିକୁ ଏକ ଧମକ ଆସିଥିବା ଆମକୁ ସୂଚନା ଦିଆଯାଇଛି। ଏହି ଘଟଣାର ତଦନ୍ତ କରାଯାଉଛି। ଗମ୍ଭୀର ଇତିମଧ୍ୟରେ ଦିଲ୍ଲୀ ପୋଲିସ ସୁରକ୍ଷାରେ ଅଛନ୍ତି ଏବଂ ତାଙ୍କ ଲାଗି କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆମେ ଅଧିକ କହିପାରିବୁ ନାହିଁ’’ ବୋଲି ଡିସିପି (ସେଣ୍ଟ୍ରାଲ) ଏମ୍ ହର୍ଷ ବର୍ଦ୍ଧନ କହିଛନ୍ତି। ଗମ୍ଭୀର ଜଣେ ପୂର୍ବତନ ଏମ୍‌ପି। ତାଙ୍କୁ ଦୁଇଟି ଧମକପୂର୍ଣ୍ଣ ମେଲ ମିଳିଛି। ଆଇଏସ୍‌ଆଇଏସ୍ କଶ୍ମୀର ଆକାଉଣ୍ଟରୁ ତାଙ୍କୁ ‘ମୁଁ ତୁମକୁ ହତ୍ୟା କରିବି’ ବୋଲି ମେସେଜ ଆସିଛି। ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ମେଲ ପଠାଯିବାର ଏହା ପ୍ରଥମ ଘଟଣା ନୁହେଁ। ୨୦୨୨ରେ ତାଙ୍କୁ ଏଭଳି ମେଲ ଆସିଥିଲା।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅନିମେଶ



ଅନିମେଶ କୁଜୁର

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

କେରଳର କୋଚୀଠାରେ ଚାଲିଥିବା ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ଓଡ଼ିଶା ଏଚ୍‌ପିସି ଆଥ୍ଲେଟ୍ ଅନିମେଶ କୁଜୁର। ଗୁରୁବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ସେ ଏହି ସଫଳତା ପାଇଛନ୍ତି। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେଶନ ଆଥ୍ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଛତିଶଗଡ଼ର ଅନିମେଶ ୨୦.୪୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସେ ଜାତୀୟ ଓ ମିଟ୍ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବରୁ ଅମ୍ଲାନ ବୋର୍ଗୋହେନ ୨୦.୫୨ ସେକେଣ୍ଡ ସମୟ ନେଇ ମିଟ୍ ଓ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୦.୪୦ ସେକେଣ୍ଡ ସମୟ ନେବା ଦ୍ୱାରା ଅନିମେଶ ଏସିଆନ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଯୋଗ୍ୟତା ଟାଇମିଂ ଥିଲା ୨୦.୫୩। ପୂର୍ବ ଜାତୀୟ ରେକର୍ଡଧାରୀ ଅମ୍ଲାନ ଏଥର ରିଲାଏନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୨୦.୮୦ ସେକେଣ୍ଡ ସହ ରୌପ୍ୟ ଏବଂ ତାମିଲନାଡୁର ରଗୁଲ କୁମାର ଜି. ୨୦.୮୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବରୁ ଅନିମେଶ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ କିନ୍ତୁ ନିରାଶ କରିଛନ୍ତି। ସେ ୨୪.୬୧ ସେକେଣ୍ଡ ନେଇ ୫ମ ସ୍ଥାନରେ ରହିଛନ୍ତି। ତେଲଙ୍ଗାନାର ନିତ୍ୟା ଗାନ୍ଧେ (୨୩.୬୮), ତାମିଲନାଡୁର ଆଞ୍ଜେଲ ସିଲଭିଆ (୨୩.୯୧) ଓ କର୍ଣ୍ଣାଟକର ଭି. ସୁଦୀକ୍ଷା (୨୪.୩୧) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

**ନ୍ୟାଶନାଲ ଫେଡେରେଶନ ଆଥ୍ଲେଟିକ୍ସ**

### ଯଶବୀରଙ୍କୁ ବ୍ରୋଞ୍ଜ

୧୦ ଇଭେଣ୍ଟ ବିଶିଷ୍ଟ ଡେକାଥଲନରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଯଶବୀର ନାୟକ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୧୦୦ ମିଟରରେ ୧୧.୨୭ ସେକେଣ୍ଡ, ଲଙ୍ଗଜମ୍ପରେ ୬.୬୮ ମିଟର, ଶଟ୍‌ପୁଟ୍‌ରେ ୧୨.୧୯ ମିଟର, ହାଇଜମ୍ପରେ ୧.୯୧ ମିଟର, ୪୦୦ ମିଟରରେ ୫୧.୪୨ ସେକେଣ୍ଡ, ୧୧୦ ମିଟର ହର୍ଡଲ୍ସରେ ୧୫.୩୧ ସେକେଣ୍ଡ, ଡିସ୍କସ୍ ଥ୍ରୋରେ ୩୮.୮୮ ମିଟର, ପୋଲଭଲ୍ଟରେ ୪.୩୦ ମିଟର, ଜାଭେଲିନ୍ ଥ୍ରୋରେ ୫୬.୫୮ ମିଟର କ୍ଲିୟର କରିବା ସହ ୧୫ ମିଟର ରେସ୍‌ରେ ୪:୩୯.୭୯ ସେକେଣ୍ଡ ସମୟ ନେଇ ମୋଟ ୭୧୫୬ ପଏଣ୍ଟ ପାଇଥିଲେ। ୭୬୦୩ ପଏଣ୍ଟ ସହ ଜେଏସ୍‌ଡବ୍ଲ୍ୟୁର ତେଜସ୍ୱିନ ଶଙ୍କର ସ୍ୱର୍ଣ୍ଣ ଓ ୭୨୨୬ ପଏଣ୍ଟ ପାଇ ରିଲାଏନ୍ସର ଯମନ ଦୀପ ଶାହା ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଅବ୍ୟକ୍ତ ମିର୍ଦ୍ଧା ୬୦୬୨ ପଏଣ୍ଟ ସହ ସର୍ବନିମ୍ନ ୧୦ମ ସ୍ଥାନରେ ରହିଛନ୍ତି।

ପ୍ରତିଯୋଗିତାର ପ୍ରଥମ ଦିବସରେ ଅନିମେଶ ପୁରୁଷ ୧୦୦ ମିଟର ଇଭେଣ୍ଟରେ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୦ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ସେହିପରି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ୨.୧୪ ମିଟର କ୍ଲିୟର କରି ରୌପ୍ୟ ପଦକ ଜିତିଥିଲେ।

## ଭାରତ ଆସିବେନି ନଦିମ

**ନୂଆଦିଲ୍ଲୀ,୨୪।୪:** ଆସନ୍ତା ମେ’ ୨୪ ତାରିଖରୁ ବେଙ୍ଗାଲୁରୁରେ ହେବାକୁ ଥିବା ନୀରଜ ଚୋପ୍ରା କ୍ଲାସିକ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପାକିସ୍ତାନର ଅଲିମ୍ପିକ ଚାମ୍ପିୟନ ଅର୍ଶଦ ନଦିମ ଭାରତ ଆସିବେ ନାହିଁ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଜାଭେଲିନ ଷ୍ଟାର ନୀରଜ ଚୋପ୍ରା ତାଙ୍କ ପାକିସ୍ତାନୀ ବନ୍ଧୁ ନଦିମଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ଇଭେଣ୍ଟ ବେଳେ କୋରିଆରେ ଏସିଆନ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ତାଙ୍କ ଟ୍ରେନିଂ କାର୍ଯ୍ୟସୂଚୀ ଥିବାରୁ ସେ ଆସିପାରିବେ ନାହିଁ ବୋଲି ଜଣାଇବା ସହ ଆମନ୍ତ୍ରଣ ଲାଗି କୃତଜ୍ଞତା ବ୍ୟକ୍ତ କରିଛନ୍ତି।

# ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

 କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ମୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନିମପୁର ସ୍ପୋର୍ଟ୍ସକୁ ୭୭ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳ ପକ୍ଷରୁ ରିଷି ମେହେର ସର୍ବାଧିକ ୬୪ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ୨ଟି ଉଇକେଟ ନେଇଥିଲେ। ୧୮୩ ରନ ବିଜୟ ଲକ୍ଷ୍ୟରେ ନିମପୁର ସ୍ପୋର୍ଟ୍ସ ଦଳ ୧୬.୧ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୩୫ ରନ କରିଥିବାବେଳେ ବିଜୟୀ ଦଳର ବୋଲର ଜ୍ୟୋତି ରଞ୍ଜନ ଦଳାଇ ୧୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସୋଭନଦେବ ବେହେରା ୪ଟି ଉଇକେଟ ନେଇଥିଲେ। ଅମ୍ପାୟର ଲଳିତ କେଶରୀ ନନ୍ଦ ଓ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ୫ ଉଇକେଟ ସଫଳତା ପାଇଁ ଜ୍ୟୋତି ରଞ୍ଜନ ଦଳାଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ସୁଟୁ ଘୋଷ, ଜଗତ୍‌ପୁର ପୋଲିସ ଇନ୍‌ସ୍ପେକ୍ଟର ଅନିରୁଦ୍ଧ ନାୟକ ଓ କର୍ପୋରେଟର ନଳିନୀ ବେହେରା ଅତିଥିଭାବେ ଯୋଗଦେଇଥିଲେ।

**ମୁଲବେରୀ ଟୁଇନ ସିଟି ଟି୨୦ କ୍ରିକେଟ**

# ମହମ୍ମଡାନକୁ ୬–୦ରେ ହରାଇଲା ନର୍ଥଇଷ୍ଟ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**



ଖୁସି ମୁହୂର୍ତ୍ତରେ ନର୍ଥଇଷ୍ଟ ୟୁନାଇଟେଡ ଦଳର ଖେଳାଳି। (ଫଟୋ: ବିକାଶ ନାୟକ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ୬–୦ ଗୋଲରେ ମହମ୍ମଡାନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଏଥିସହ ନର୍ଥଇଷ୍ଟ ୟୁନାଇଟେଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂରା ମ୍ୟାଚରେ ନର୍ଥଇଷ୍ଟ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚର ୩ୟ ମିନିଟରେ ଜିଥିନ ଏମ.ଏସ., ୧୮ଶ ମିନିଟରେ ଆଲାଦିନ ଆଜାରେଇ, ୪୨ତମ ମିନିଟରେ ନେଷ୍ଟର ଅଲ୍‌ବାକ୍ ରୋଗର ଗୋଟିଏ ଲେଖାଏ ଗୋଲ ଦେଇ ନର୍ଥଇଷ୍ଟକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୩–୦ରେ ଅଗ୍ରଣୀ କରିଥିଲେ। ପରେ ୫୭ତମ ମିନିଟରେ ଆଲାଦିନ ବ୍ୟକ୍ତିଗତ ଦ୍ୱିତୀୟ ଓ ୯୦+୨ ମିନିଟରେ ତୃତୀୟ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିବାବେଳେ ୬୬ତମ ମିନିଟରେ ଗୁଲେଇର୍ମୋ ଫର୍ନାଣ୍ଡିଜ ହିଏରୋ ଗୋଟିଏ ଗୋଲ ସ୍କୋର କରିଥିଲେ। ଟ୍ରିପଲ ଗୋଲ ସ୍କୋରର ଆଲାଦିନ ଆଜାରେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

**ସୁପର କପ୍ ଫୁଟବଲ**

## ଦୁର୍ଗାମାଧବ ନାଏକଙ୍କୁ ମ୍ୟାଚ୍ କମିଶନର ଦାୟିତ୍ୱ

**ଭୁବନେଶ୍ୱର, ୨୪।୪ (ଅନାଦି କର):** ଆସନ୍ତା ୨୭ରୁ ମେ ୨୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ନାରେନପୁରଠାରେ ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ପୁରୁଷ ନ୍ୟାଶନାଲ



ଫୁଟବଲ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟ ଲାଗି ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଓଡ଼ିଶା ଫୁଟବଲ ମହାସଂଘ (ଫାଓ)ର ରେଫରିଙ୍କ ମୁଖ୍ୟ ଦୁର୍ଗା ମାଧବ ନାଏକଙ୍କୁ ମ୍ୟାଚ୍ କମିଶନର ଭାବେ ନିଯୁକ୍ତ କରାଯାଇଛି। ଏଆଇଏଫ୍‌ଏଫ୍ ଦ୍ୱାରା ଆୟୋଜିତ ଜାତୀୟ ସ୍ତରର ଟୁର୍ନାମେଣ୍ଟ ଲାଗି ମ୍ୟାଚ୍ କମିଶନର ଭାବେ ନିଯୁକ୍ତି ପାଇବାରେ ଦୁର୍ଗା ମାଧବ ପ୍ରଥମ ଓଡ଼ିଆ। ଏହି ସମ୍ମାନଜନକ ନିଯୁକ୍ତି ଲାଗି ଦୁର୍ଗା ମାଧବଙ୍କୁ ଫାଓ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଦିଆଯାଇଛି। ତାଙ୍କ ଉପଲବ୍ଧି କେବଳ ପଡ଼ିଆରେ ନୁହେଁ ବରଂ ଖେଳର ସମସ୍ତ ବିଭାଗରେ ଫାଓର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ଫେରିଆସିବେ ଭାରତୀୟ ବ୍ରଡକାଷ୍ଟର

**କରାଚୀ, ୨୪।୪ (ପି.ଟି.):** ଆଗାମୀ ଦିନରେ ପାକିସ୍ତାନ ସୁପରଲିଗ (ପିଏସ୍‌ଏଲ୍)ର ପ୍ରସାରଣ ସଙ୍କଟରେ ପଡ଼ିପାରେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତତା ଯୋଗୁ ପିଏସ୍‌ଏଲ୍‌ର ପ୍ରସାରଣରେ କାର୍ଯ୍ୟ କରୁଥିବା ଅଭିଜ୍ଞ ଭାରତୀୟ କ୍ରୁ ସଦସ୍ୟଙ୍କୁ ସ୍ୱଦେଶ ପଠାଇବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ପିଏସ୍‌ଏଲ୍‌ର ପ୍ରଡକ୍‌ଶନ ଓ ବ୍ରଡକାଷ୍ଟ କ୍ରୁ ମଧ୍ୟରେ ଦୁଇ ଡଜନରୁ ଅଧିକ ଭାରତୀୟ ରହିଛନ୍ତି। ସେମାନଙ୍କ ସ୍ଥାନରେ ଯଥାଶୀଘ୍ର ଅନ୍ୟଙ୍କୁ ନିଯୁକ୍ତ କରିବାକୁ ପଦକ୍ଷେପ ନିଆଯାଉଛି। ବ୍ରଡକାଷ୍ଟ ଓ ପ୍ରଡକଶନ କ୍ରୁ ମଧ୍ୟରେ ଭାରତୀୟ ଇଞ୍ଜିନିୟର, ପ୍ରଡକଶନ ମ୍ୟାନେଜର, କ୍ୟାମେରାମ୍ୟାନ, ଖେଳାଳିଙ୍କୁ ଟ୍ରାକ କରୁଥିବା ବିଶେଷଜ୍ଞ ରହିଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ